ବର୍ଷ-୯
ସଂଖ୍ୟା-୧୭୩
ତା-୧୩ ଅଗଷ୍ଟ ୨୦୨୨
ଶନିବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949




ଓଡ଼ିଶା ହାଇକୋର୍ଟରେ ୨ ନୂଆ ବିଚାରପତି ନିଯୁକ୍ତ

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-173
Date:13, August 2022
Saturday, Page-8, Rs-2/-
POSTAL Regd.No.10120(K)/17/2018-21



ଆମେରିକାରେ ଲେଖକ ସଲମାନ ରୁଶ୍‌ଦିଙ୍କ ଉପରେ ଆକ୍ରମଣ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

# ମୟୁରଭଞ୍ଜବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ସୁବର୍ଣ୍ଣରେଖା ଓ ଦେଓ ଜଳସେଚନ ପ୍ରକଳ୍ପ ଲୋକାର୍ପିତ



ଭୁବନେଶ୍ୱର, ୧୨ ଅଗଷ୍ଟ – ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ମୟୁରଭଞ୍ଜ ଜିଲ୍ଲା ଗସ୍ତ କରି ସେଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ପ୍ରକଳ୍ପ – ଦେଓ ଓ ସୁବର୍ଣ୍ଣରେଖା ପ୍ରକଳ୍ପ – ଲୋକାର୍ପିତ କରିଛନ୍ତି । ଏହାସହିତ ଜିଲ୍ଲାର ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ରଖିଛନ୍ତି। ଆଜି ମୟୁରଭଞ୍ଜର ରାସଗୋବିନ୍ଦପୁର ସ୍ଥିତ ଟିକପଦା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ଦୁଇଟି ପ୍ରକଳ୍ପ ଲୋକାର୍ପିତ କରି କହିଛନ୍ତି ଯେ ଜନଜାତି ଭାଇଭଉଣୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଆଜି ସୁଫଳ ଦେବା ଆରମ୍ଭ କରିଛି । ଶିକ୍ଷା ଓ ରୋଜଗାର ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବହୁତ ଆଗକୁ ଯାଇପାରିଛି । ଜନଜାତି ପିଲାମାନେ ଆଜି ସେମାନଙ୍କ ଦକ୍ଷତା ବଳରେ ଦେଶ ବିଦେଶରେ ସୁନାମ କରିପାରୁଛନ୍ତି ବୋଲି ସେ କହିଥିଲେ । ଆଜି ଲୋକାର୍ପିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ସୁବର୍ଣ୍ଣରେଖା ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୧୭,୧୨୧ ହେକ୍ଟର ଅତିରିକ୍ତ ଚାଷ ଜମି ପାଇଁ ଜଳସେଚନର ସୁବିଧା ମିଳିବ। ଏହାଦ୍ୱାରା ଉଭୟ ଜିଲ୍ଲାର ୫୫ ହଜାର ଚାଷୀ ଉପକୃତ ହେବେ। ଏଥିପାଇଁ ୬୮୫ କୋଟି ଟଙ୍କା ବିନିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ ସୁବର୍ଣ୍ଣରେଖା ରାଜ୍ୟ ସରକାରଙ୍କ ଏକ ବୃହତ ଜଳସେଚନ ପ୍ରକଳ୍ପ। ଏହାଦ୍ୱାରା ସମୁଦାୟ ୭୦ ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ସୁବିଧା କରାଯାଇପାରିଛି । ସେହିପରି ଦେଓ ଜଳସେଚନ ପ୍ରକଳ୍ପ ଦ୍ୱାରା ମୟୁରଭଞ୍ଜର ପ୍ରାୟ ୧୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ଏହାଦ୍ୱାରା ୧୦୦ଟି ଗାଁର ଦୁଇ ଲକ୍ଷ ଲୋକ ଉପକୃତ ହେବେ । ଏଥିପାଇଁ କରଞ୍ଜିଆ ବ୍ଲକ୍ ?ର ହାତୀବାରି ଠାରେ ୮୨୩ କୋଟି ଟଙ୍କାରେ ଦେଓ ନଦୀ ଉପରେ ୧୨୮୦ ମିଟର ଦୈର୍ଘ୍ୟର ଏକ ବନ୍ଧ ନିର୍ମାଣ କରାଯାଇଛି । କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶ ଓ କଲ୍ୟାଣ ମୂଳକ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ସବୁ କାର୍ଯ୍ୟକ୍ରମ ଲୋକଙ୍କୁ ସଶକ୍ତ କରିଛି ଏବଂ ଲୋକଙ୍କ ଆଦର ଲାଭ କରିଛି । ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି । ଯେତେବେଳେ ମୟୁରଭଞ୍ଜର ଗୋଟିଏ ପିଲାଟିଏ ଗାଁ ସ୍କୁଲରେ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ପାଉଛି, ସେତେବେଳେ କେବଳ ସେ ପିଲା ନୁହେଁ, ବା ଗାଁ ନୁହେଁ, ସାରା ଓଡିଶାର ଆଗକୁ ବଢିବାର ଚିତ୍ର ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ । ମୟୁରଭଞ୍ଜର କଳା ଓ ସଂସ୍କୃତିର ଉଚ୍ଚପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଲେ ଯେ ସାରା ଭାରତରେ ମୟୁରଭଞ୍ଜର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ମୟୁରଭଞ୍ଜର ଜନଜାତି ଭାଇଭଉଣୀ ମାନଙ୍କର ଏକ ସମୃଦ୍ଧ ପରମ୍ପରା ରହିଛି । ସେ ଗୌରବକୁ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଜୀ ଆହୁରି ବୃଦ୍ଧି କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ତାଙ୍କ ପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଥିଲେ । ମୟୁରଭଞ୍ଜ ରାଜ୍ୟର ଏକ ବଡ ଓ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ବୋଲି ମତ ଦେଇ ସେ କହିଲେ ଯେ ରାଜ୍ୟର ବିକାଶର ମୟୁରଭଞ୍ଜର ସ୍ୱତନ୍ତ୍ର ଅବଦାନ ରହିଛି । ସମସ୍ତେ ମିଶି ଜିଲ୍ଲାର ଓ ସାରା ରାଜ୍ୟର ବିକାଶ ପାଇଁ ହାତ ମିଳାଇ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ପାତ୍ର, ମୋରଡା ବିଧାୟକ ଶ୍ରୀ ରାଜକିଶୋର ଦାସ, ବାଙ୍ଗରିପୋଷି ବିଧାୟକ ଶ୍ରୀ ସୁଦାମ ମାର୍ଣ୍ଡି ଓ ମୟୁରଭଞ୍ଜ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭାରତୀ ହାଁସଦା ପ୍ରମୁଖ ବକ୍ତବ୍ୟ ରଖି ମୟୁରଭଞ୍ଜର ଚାଷୀ ମାନଙ୍କ ପାଇଁ ଏହି ଦୁଇଟି ପ୍ରକଳ୍ପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ଓ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବୋଲି ବର୍ଣ୍ଣନା କରି ଓଡିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଛି ବୋଲି ସେମାନେ ମତ ଦେଇଥିଲେ।

# ହୀରାକୁଦର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ



ଭୁବନେଶ୍ୱର, ୧୨ ଅଗଷ୍ଟ – ହୀରାକୁଦ ଡ୍ୟାମରେ ପୁଣି ୬ଟି ଗେଟ୍ ଖୋଲାଯାଇଛି। ଆଜି ସକାଳେ ୪ଟି ଗେଟ୍ ଖୋଲିଥିବା ବେଳେ ପରେ ୬ଟି ଗେଟ୍ ଖୋଲିଛି। ବର୍ତମାନ ହୀରାକୁଦ ଜଳଭଣ୍ଡାରର ମୋଟ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି। ଦିନ ୧୨ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୧୫.୮୯ ଫୁଟ୍ ରହିଥିଲା। ରାଜ୍ୟରେ ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବନ୍ୟା ସ୍ଥିତି ନେଇ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ବିଜୟ କୁମାର ମିଶ୍ର କହିଛନ୍ତି ସବୁ ନଦୀର ଜଳସ୍ତର ବଢ଼ିଛି, କିନ୍ତୁ ବିପଦ ସଂକେତ ତଳେ ରହିଛି । କେବଳ ଜଳକା ନଦୀ ଯାହା ବିପଦ ସଂକେତ ଉପରେ ରହିଛି। ମୁଣ୍ଡଳିରେ ଆଜି ୩.୪୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଏବେ ହୀରାକୁଦର ୨୦ଟି ଗେଟ୍ ଖୋଲିଛି, ସେ ପାଣି ଏଯାଏ ଆସିନି। ହୀରାକୁଦ ପାଣି ଆସିଲା ବେଳକୁ, ଏ ପାଣି ଖସି ଯାଇଥିବ। ତେଣୁ ସେଭଳି କିଛି ଚିନ୍ତାଜନକ ସ୍ଥିତି ନାହିଁ। ଛତିଶଗଡ଼ରେ ମଧ ବର୍ଷାର ପ୍ରଭାବ କମିଛି। ଏବେ ହୀରାକୁଦକୁ ୪ କ୍ୟୁସେକ୍ ଜଳ ପ୍ରବାହ ହେଉଛି। ତଥାପି ବିଭାଗୀୟ କର୍ମଚାରୀ ସଜାଗ ରହିଛନ୍ତି। ଆଲର୍ଟ ରହିବାକୁ କୁହାଯାଇଛି। ଅପରପକ୍ଷରେ ମହାନଦୀ ଶଯ୍ୟା ହୀରାକୁଦ ତଳ ଅଂଚଳର ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ । ହୀରାକୁଦ ଡ୍ୟାମ୍ ର ତଳିଆ ଅଂଚଳକୁ ଜଳ ପ୍ରବାହ ତୀବ୍ର ରହିଛି। ତେଣୁ ସାଧାରଣ ଜନତା ସତର୍କ ରହନ୍ତୁ ବୋଲି ସେ କହିଛନ୍ତି। ଏଥି ସହିତ ତଳିଆ ଅଂଚଳରେ ନଦୀକୁ ନଯିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଗତକାଲି ହୀରାକୁଦ ଜଳଭଣ୍ଡାରରେ ୨ଟି ପର୍ଯ୍ୟାୟରେ ୧୦ଟି ଗେଟ୍ ଖୋଲାଯାଇଥିଲା। ପ୍ରଥମେ ଦିନ ୧୧ଟାରେ ୫ଟି ଏବଂ ଅପରାହ୍ଣ ୩ଟାରେ ଆଉ ୫ଟି ଗେଟ୍ ଖୋଲାଯାଇଥିଲା। ଛତିଶଗଡ଼ ଓ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦକୁ ଅଧିକ ପାଣି ଆସିଥିଲା। ଫଳରେ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା।

# ନବ ବିବାହିତଙ୍କୁ ମିଳିବ ଉପହାର



ଭୁବନେଶ୍ୱର: ଓଡ଼ିଶାରେ ନୂଆ ବିବାହ କରିବାକୁ ଯାଉଥିବା ଯୋଡ଼ିଙ୍କୁ ନବଦମ୍ପତି ବିବାହ ଉପହାର ପ୍ରଦାନ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଏନଆରଏଚଏମ୍ ତରଫରୁ ଦିଆଯିବ "ନବଦମ୍ପତି ଗିଫ୍ଟ"। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଓ ଏନଆରଏଚଏମ୍ ନିର୍ଦ୍ଦେଶିକା ଶାଲୀନି ପଣ୍ଡିତ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ନବଦମ୍ପତିମାନଙ୍କ ମଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିବାହ ଉପହାର ଯୋଜନା ଆରମ୍ଭ କରାଯାଉଛି। ନବଦମ୍ପତିମାନେ ବିଳମ୍ବରେ ପ୍ରଥମ ସନ୍ତାନ ଓ ଦ୍ୱିତୀୟ ସନ୍ତାନ ଲାଗି ଅତିକମରେ ୩ ବର୍ଷର ବ୍ୟବଧାନ ରଖନ୍ତୁ। ଏହାକୁ ଆଖି ଆଗରେ ରଖି ଏହି ଗିଫ୍ଟରେ କିଛି ପରିବାର କଲ୍ୟାଣ ପୁସ୍ତିକା, ନେଲ କଟର , ଆଇନା, ପାନିଆ, ଟିକିଲି, ରୁମାଲ, ତଉଲିଆ, କଣ୍ଡୋମ ଓରାଲ କଣ୍ଟ୍ରାସେପଟିକ ପିଲସ, ପ୍ରେଗନେନ୍ସି ଟେଷ୍ଟିଂ କିଟ, ଏମରଜେନ୍ସି କଣ୍ଟ୍ରାସେପ୍ଟିକ ପିଲସ ଓ ବିବାହ ପଞ୍ଜିକରଣ ଫର୍ମ ଇତ୍ୟାଦି ନବଦମ୍ପତିମାନଙ୍କୁ ପ୍ରଦାନ କରାଯିବ। ତେବେ ଏହି ଉପହାରରେ ଶଙ୍ଖା, ସିନ୍ଦୂର ଇତ୍ୟାଦିକୁ ବାଦ୍ ଦିଆଯାଇଛି। ଏହି ଯୋଜନା ଉଭୟ ସହର ଓ ଗ୍ରାମରେ କାର୍ଯ୍ୟକାରୀ ହେବ। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ନବଦମ୍ପତିଙ୍କୁ ବିବାହ ଉପହାର ଯୋଜନା ଆରମ୍ଭ ହେଉଛି। ନବ ଦମ୍ପତିଙ୍କ ପାଇଁ ଏହି ଯୋଜନା ଚଳିତ ବର୍ଷ ସେପଟେମ୍ବର ମାସରୁ ଲାଗୁ କରାଯିବ।

# କ୍ୟାବିନେଟ୍ ରେ ୧୬ଟି ପ୍ରସ୍ତାବ ଉପରେ ମୋହର

ଭୁବନେଶ୍ୱର, ୧୨ ଅଗଷ୍ଟ : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୬ଟି ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଇସ୍ପାତ ଓ ଖଣି ଏବଂ ଜଳସମ୍ପଦ ବିଭାଗ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ପ୍ରସ୍ତାବ ଗୁଡିକ ମଧ୍ୟରେ ଆଦିବାସୀ ଅଂଚଳରେ ମିଲେଟ୍ ର ପ୍ରସାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଢେଙ୍କାନାଳ ଜିଲ୍ଲାରେ ୪ ଟି ପାନୀୟ ଜଳ ପ୍ରକଳ୍ପ, କେନ୍ଦ୍ରାପଡା ଜିଲ୍ଲା ପାଇଁ ୩ ଟି ପାନୀୟ ଜଳ ପ୍ରକଳ୍ପ ଓ ବାଲେଶ୍ୱର ଜିଲ୍ଲା ପାଇଁ ୨ ଟି ପାନୀୟ ଜଳ ପ୍ରକଳ୍ପ ଅନ୍ତର୍ଭୁକ୍ତ। ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆଦିବାସୀ ଅଂଚଳରେ ପୁଷ୍ଟିଶସ୍ୟ ଓ ପୁନଃ ପ୍ରଚଳନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓଡିଶା ମିଲେଟ୍ସ ମିଶନ ପାଇଁ ୬ ବର୍ଷ ଲାଗି (୨୦୨୧-୨୨ରୁ ୨୦୨୬-୨୭) ୨୮୦୮.୩୯ କୋଟି ଟଙ୍କାକୁ ମଂଜୁରୀ ପ୍ରଦାନ କରାଯାଇଛି। ୧୯ ଟି ଜିଲ୍ଲାର ୧୪୨ ବ୍ଲକ୍ ରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ଢେଙ୍କାନାଳ ଜିଲ୍ଲାରେ ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାରେ ୪ ଟି ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପକୁ ମଂଜୁରୀ ମିଳିଛି। କେନ୍ଦ୍ରାପଡା ଜିଲ୍ଲାରେ ୪୧୬ କୋଟି ୫୭ ଲକ୍ଷ ୨୯ ହଜାର ୧୮୫ ଟଙ୍କାରେ ୩ ଟି ପାନୀୟ ଜଳ ପ୍ରକଳ୍ପ ଏବଂ ବାଲେଶ୍ୱର ଜିଲ୍ଲାରେ ୨୯୧ କୋଟି ୬୨ ଲକ୍ଷ ୭୭ ହଜାର ଟଙ୍କାର ୨ ଟି ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ପ୍ରକଳ୍ପ ଗୁଡିକ ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନଦୀ



ଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ, ୬ଟି ବୃତର ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପାଇଁ ଏକ ପିଏମସି ନିୟୋଜିତ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ପାଇଁ ୧୧୫,୭୬,୮୮,୦୦୦ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୩୬ ମାସ ମଧ୍ୟରେ ପ୍ରକଳ୍ପ ଟି ଶେଷ ହେବ। ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ପାଇଁ ବ୍ରାହ୍ମଣୀ ନଦୀରେ ଅନୁଗୁଳ ଜିଲ୍ଲାର ତାଳଚେର ବ୍ଲକ୍ ର ଖଲପାଳ ଗ୍ରାମରେ ଏକ ଆନିକଟ୍ ସେତୁ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପ ପାଇଁ ୨୧୯ କୋଟି ୫୦ ଲକ୍ଷ ଟଙ୍କା ଏବଂ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ପାଇଁ ଦେଢ ଲକ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି। ଏହି ପ୍ରକଳ୍ପକୁ ୩୩ ମାସରେ ଶେଷ କରିବାକୁ ଲକ୍ଷ୍ୟ ରହିଛି। ସେହିପରି କୋଏଲ ନଦୀର ସୁନ୍ଦରଗଡ ଜିଲ୍ଲା ହମୀରପୁରଠାରେ ଏକ ଆନିକଟ ନିର୍ମାଣ କରାଯିବ। ଏଥିପାଇଁ ୩୦୯ କୋଟି ଟଙ୍କା ଏବଂ ରକ୍ଷଣାବେକ୍ଷଣା ପାଇଁ ୪ କୋଟି ୧୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରକଳ୍ପ ଟି ୩୦ ମାସ ମଧ୍ୟରେ ଶେଷ କରାଯିବ। ଓଡିଶା ଯାନ୍ତ୍ରିକ ସେବା ଅଧିନସ୍ଥ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଉଦବୃତ ବର୍ଷା ଜଳର ସଂରକ୍ଷଣ ପାଇଁ ଛାତ୍ର ଉପର ବର୍ଷାଜଳ ଅମଳ ପଦ୍ଧତିରେ ଛାତ ନାମରେ ଏକ ନୂତନ ଯୋଜନାର ଆରମ୍ଭ କରିବେ ରାଜ୍ୟ ସରକାର। ଏହି ଯୋଜନା ରାଜ୍ୟର ଜଳକ୍ଲିଷ୍ଟ ୫୨ଟି ବ୍ଲକ୍ ଏବଂ ୨୨ ଟି ସହରାଂଚଳରେ ୨୭୦ କୋଟି ଟଙ୍କା ବ୍ୟୟରେ ୨୯,୫୦୦ ବ୍ୟକ୍ତିଗତ କୋଠା ଏବଂ ୧୯୨୫ ଟି ସରକାରୀ କୋଠାରେ ଆଗାମୀ ୫ ବର୍ଷରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ବ୍ୟକ୍ତିଗତ କୋଠା ଲାଗି ସର୍ବାଧିକ ୫୫ ହଜାର ଟଙ୍କା ବା ବ୍ୟୟ ଅର୍ଥର ୫୦% ଯେଉଁଟି କମ୍ ହେବ ପ୍ରଦାନ କରାଯିବ।

# କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଦକ ପାଇବେ ଓଡିଶାର ୪ ପୋଲିସ୍ ଅଧିକାରୀ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨ ଅଗଷ୍ଟ – ଉତ୍କର୍ଷତା ପାଇଁ ସମ୍ମାନିତ ହେବେ ଓଡିଶାର ୪ ପୋଲିସ୍ ଅଧିକାରୀ। ମେଡାଲ୍ ପାଇବାକୁ ଥିବା ଓଡ଼ିଶାର ୪ ପୋଲିସ୍ ଅଧିକାରୀଙ୍କ ମଧ୍ୟରେ ଜଣେ ଡିଏସ୍‌ପି ଏବଂ ୩ ଜଣ ଇନ୍ସପେକ୍ଟର ଅଛନ୍ତି। ସେମାନେ ହେଲେ- ଡିଏସ୍‌ପି ସୁମିତ୍ରା ଜେନା, ଇନ୍ସପେକ୍ଟର ଆଶିଷ ଜେନା, ଇନ୍ସପେକ୍ଟର ଅନସୂୟା ନାୟକ ଓ ରମେଶ ପ୍ରଧାନ। ଅନୁସନ୍ଧାନରେ ଉତ୍କର୍ଷ ନିମନ୍ତେ- ୨୦୨୨ ବର୍ଷ ପାଇଁ ଓଡିଶାରୁ ୪ ଜଣଙ୍କ ସମେତ ମୋଟ ୧୫୧ଜଣ ପୋଲିସ କର୍ମଚାରୀଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପଦକ ପ୍ରଦାନ କରାଯାଇଛି। ଅପରାଧ ଅନୁସନ୍ଧାନରେ ପେଶାଗତ ଉତ୍କର୍ଷ ପ୍ରତିପାଦନ ପାଇଁ ୨୦୧୮ ମସିହାରେ ଏହି ପଦକ ସୃଷ୍ଟି କରାଯାଇଥିଲା । ପଦକ ପାଇଥିବା କର୍ମଚାରୀଙ୍କ ମଧ୍ୟରେ ୧୫ଜଣ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ହୋଇଥିବାବେଳେ ମହାରାଷ୍ଟ୍ର ପୋଲିସରୁ ୧୧ ଜଣ, ମଧ୍ୟପ୍ରଦେଶ ଓ ଉତରପ୍ରଦେଶ ପୋଲିସରୁ ୧୦ଜଣ ଲେଖାଏଁ, କେରଳ, ରାଜସ୍ଥାନ ଓ ପଶ୍ଚିମବଙ୍ଗ ପୁଲିସରୁ ଆଠଜଣ ଲେଖାଏଁ ଓ ଅନ୍ୟମାନେ ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଓ ସଂଗଠନରୁ ଅଟନ୍ତି । ସେମାନଙ୍କ ମଧ୍ୟରେ ୨୮ଜଣ ମହିଳା ପୁଲିସ ଅଧିକାରୀ ଅଛନ୍ତି ।

# ସକ୍ରିୟ ଘୂର୍ଣ୍ଣିବଳୟ , କାଲି ଲଘୁଚାପ

ଭୁବନେଶ୍ୱର, ୧୨ ଅଗଷ୍ଟ – ପଶ୍ଚିମ ମିଆଁମାର ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧରେ ଉତର ବଙ୍ଗୋପସାଗର ଏବଂ ତାର ପାର୍ଶ୍ୱବର୍ତୀ ଅଂଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଲଘୁଚାପ ସୃଷ୍ଟି ହେବାର ପରବର୍ତୀ ୨୪ ଘଂଟା ମଧରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତିକରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବ। ।ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, ଢ଼େଙ୍କାନାଳ, ଅନୁଗୁଳ, ଯାଜପୁର , ଝାରସୁଗୁଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, କେନ୍ଦୁଝର, ଦେବଗଡ଼ , ସମ୍ବଲପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

### ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ

# ଶିକ୍ଷକ କାର୍ଯ୍ୟ ନକରି ପାଉଛନ୍ତି ଦରମା

ନିଶ୍ଚିନ୍ତକୋଇଲି, ନି.ପ୍ର.) : କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାପ୍ରତି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଶିକ୍ଷାର ମାନ ଗୁଣାତ୍ମକ ବିକାଶ ପାଇଁ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଛନ୍ତି । କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଅଧିକାରୀଙ୍କ ଅଧିନରେ ଥିବା ଜନୈକ ଶିକ୍ଷକଙ୍କ ପ୍ରତି କାର୍ଯ୍ୟ ନକରି କିପରି ଭାବରେ ଦରମା ପାଉଛନ୍ତି ତାହା ଏହି ବ୍ଲକରେ ଦେଖିବାକୁ ମିଳେ । ଆର.ଟି.ଆଇ. ତଥ୍ୟ ଅନୁଯାୟୀ କାର୍ଯ୍ୟ କରିନଥିଲେ ବି ଜଣେ ଶିକ୍ଷକଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଏହାର ତଦନ୍ତ କରିବାକୁ କଟକ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ ବୋଧଙ୍ଗ ନୋଡାଲ ଉଚ୍ଚ ପ୍ରାଥମିକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ଜଣେ ଛାତ୍ରୀଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବ୍ଲକ ଶିକ୍ଷାଧିକାରୀ ୨୦୧୫ ମାର୍ଚ୍ଚ ୧୬ ତାରିଖରେ ଆଞ୍ଜାପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରିଥିଲେ । କିଛି ଦିନ ପରେ ଶ୍ରୀ ସାମଲଙ୍କୁ ପାଟପାରୀ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ମ.ଇ. ବିଦ୍ୟାଳୟକୁ ବଦଳି କରାଯାଇଥିଲା । ୨୦୧୮ ଫେବୃୟାରୀ ୧ ତାରିଖରେ ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାଷ ଦାସଙ୍କୁ ଶ୍ରୀ ସାମଲ ମାଡ ମାରିଥିଲେ ବୋଲି ସାଲେପୁର ଥାନାରେ ଅଭିଯୋଗ ହୋଇଥିଲା । ଏହି ଘଟଣାର କିଛି ଦିନ ପରେ ଶ୍ରୀ ସାମଲ ୨୦୧୮ ଫେବୃୟାରୀ ୯ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ । ଅଗଷ୍ଟମାସ ୨୫ ତାରିଖରେ ଶିକ୍ଷକ ଶ୍ରୀ ସାମଲଙ୍କୁ ନିଲମ୍ବିତ କରାଯାଇଥିଲା । ପରବର୍ତ୍ତୀ ସମୟରେ ଶ୍ରୀ ସାମଲଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରାଯାଇ ତାଙ୍କୁ କଳିଙ୍ଗ ମଡେଲ ଉଚ୍ଚବିଦ୍ୟାଳୟ ଗଡିଜଙ୍ଗଠାରେ ଅବସ୍ଥାପିତ କରାଯାଇଥିଲା । ସେଠାରୁ ତାଙ୍କୁ ୨୦୧୯ ଏପ୍ରେଲ ୧୮ ତାରିଖରେ ବଦଳି କରାଯାଇ ହରଚଣ୍ଡୀ ନୋଡାଲ ଉଚ୍ଚ ପ୍ରାଥମିକ ମଇ ବିଦ୍ୟାଳୟ ଓ ସେଠାରୁ ବାପୁଜୀ ବିଦ୍ୟାଳୟ ପୀଠରେ ଅବସ୍ଥାପିତ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ଶ୍ରୀ ସାମଲ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ଏହି କ୍ରମରେ ବାରମ୍ବାର ବଦଳିପରେ ଶିକ୍ଷକ ଶ୍ରୀ ସାମଲ ୨୦୧୫ ମାର୍ଚ୍ଚ ୧୬ ରୁ ହରଚଣ୍ଡୀ ବିଦ୍ୟାପୀଠଠାରେ ଯୋଗଦେବା ପର୍ଯ୍ୟନ୍ତ ମୋଟ ୩୯୨ ଦିନ କାର୍ଯ୍ୟରେ ଅନୁପସ୍ଥିତ ଥିବା ଜଣାଯାଇଛି । ଶ୍ରୀ ସାମଲ ୨୦୧୧ ଜାନୁୟାରୀ ୪ ତାରିଖରେ ନିୟମିତ ଚାକିରୀ କରିଥିଲେ । ସରକାରଙ୍କ ନିୟମାନୁଯାୟୀ ଜଣେ ବ୍ୟକ୍ତି ୧୧୦ ଦିନ ଇ.ଏଲ୍. ନେଇପାରିବେ । କିପରି ଭାବରେ ସେ ବେନିୟମ ଭାବେ ୩୯୨ ଦିନ କାର୍ଯ୍ୟରେ ଅନୁପସ୍ଥିତ ଥିବା ସୂଚନା ଅଧିକାର ତଥ୍ୟରେ ଦର୍ଶାଯାଇଛି । ସେ କାର୍ଯ୍ୟରେ ନଥିଲେ ବି ତାଙ୍କୁ ଲକ୍ଷାଧିକ ଟଙ୍କା ଦରମା ପ୍ରଦାନ କରାଯାଇଥିବା ବଡକ୍ଷୀର ଗ୍ରାମର ଶର୍ମିଷ୍ଠା ସାହୁ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଗତ ମେ ୨୪ ତାରିଖରେ ଏହାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ଏହି ବିଷୟରେ ଆମ ପ୍ରତିନିଧି ଶିକ୍ଷକ ଶ୍ରୀ ସାମଲଙ୍କୁ ପଚାରିବାରୁ ଏହା ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ପ୍ରକାଶ କରିଛନ୍ତି ।

# ଗ୍ରାମାଲୋକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ନିଶ୍ଚିନ୍ତକୋଇଲି, (ନି.ପ୍ର.) : କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ପରିବାର ଅନୁଷ୍ଠାନ ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଂଚାୟତ ସଭା ଗୃହରେ ଗ୍ରାମାଲୋକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଆ ଭାଷା ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ଡ. ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଏଥିରେ ଏସ୍‌ଏମ୍ କଲେଜ ର ପ୍ରାକ୍ତନ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ଜେଏନ୍ କଲେଜ ଓଡିଆ ବିଭାଗ ର ମୁଖ୍ୟ ଡ. ନିଖିଳେଶ ମହାନ୍ତି, ଉର୍ବୀ ର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର, ଉତ୍କଳ ସାହିତ୍ୟ ସମାଜ ର କୋଷାଧ୍ୟକ୍ଷ ଶିଭାଶିଷ କର, ସରପଂଚ ବିବେକାନନ୍ଦ ଆଚାର୍ଯ୍ୟ, ଗ୍ରୀନ ଭିଜନ ର ନିର୍ଦ୍ଦେଶକ ବଳରାମ ପାତ୍ର, ଯୁବକବି କ୍ଷୀରୋଦ ଦାସ, ଶିକ୍ଷକ ସ୍ମୃତି ରଂଜନ ପଣ୍ଡା, ନାରୀ କବି ଗୀତାଂଜଳି ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗ୍ରାମାଂଚଳ ସାହିତ୍ୟିକ ମାନେ ଓଡିଆ ଭାଷାର ବାଣୀ ଭଣ୍ଡାରକୁ ସମୃଦ୍ଧ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ପ୍ରବଚକ ଶରତ ଚନ୍ଦ୍ର ରଥ, କୁଞ୍ଜକଳିକା ର ସମ୍ପାଦକ ରାଜକିଶୋର ମିଶ୍ର , ଆମେ ସବୁ ସାଲେପୁର ର ସମ୍ପାଦକ ସମ୍ବିତ ଦାସ, ସତ୍ୟମେବ ଜୟତେ ର ସମ୍ପାଦକ ମାନସ ଦାସ, ନାରୀ କବି ରବୟା ସରୱାର, ବ୍ୟଙ୍ଗକବି ଡ. ଅଭୟ ରାଉତ ଙ୍କର ଓଡିଆ ଭାଷା ସାହିତ୍ୟ ସମୃଦ୍ଧି ପ୍ରତି ରହିଥିବା ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର , ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପରିବାରର ସଭାପତି ବଲ୍ଲଭ ଚରଣ ପଲେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କବିତା ପାଠୋତ୍ସବରେ କବି ବୈଦ୍ୟନାଥ ମହନ୍ତ, ଗୌତମ ଜେନା, କୁଳମଣି ବାରିକ, କୃଷ୍ଣଚନ୍ଦ୍ର ନାୟକ, ପରିକ୍ଷିତ ନାୟକ, ଶ୍ୟାମସୁନ୍ଦର ଲେଙ୍କା, ଫକୀର ନାୟକ, ପ୍ରଫୁଲ ସାହୁ, ଚିତରଂଜନ ପଣ୍ଡା, ଆଶୁ କବି ସୟଦ ଆଲାମ ନବୀ, ମୁଜାଫିର ଅହମ୍ମଦ, ଅବଦୁଲ ମାହେଫୁଜ ଖାନ ପ୍ରମୁଖ କବିତା ପାଠ କକରିଥିଲେ । ପରିବାରର ସମ୍ପାଦକ ପ୍ରମୋଦ କୁମାର ନାୟକ ସ୍ୱାଗତ ବକ୍ତବ୍ୟ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟୁତ୍ ପ୍ରଭା ସାହୁ, ସୌମ୍ୟ ରଂଜନ ନିହାଣ, କବି ପ୍ରସାଦ ନାୟକ, ବିଷ୍ଣୁ ଚରଣ ବେହେରା, ଜୟରାମ ବେହେରା, ଅଜୟ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ପ୍ରତାପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସ୍ତପୁର ପ୍ରାଥମିକ ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ସାଧାରଣ ବୈଠକ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା ପରିଷଦର ପ୍ରଥମ ସାଧାରଣ ବୈଠକ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନାଙ୍କ ଅଧକ୍ଷତାରେ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କେନ୍ଦ୍ରାପଡାର ଶାଖା ପରିଚାଳକ ତାପସ ପ୍ରସାଦ ସିଂ, ସମିତି ଉପସଭାପତି କନକଲତା ସ୍ୱାଇଁଙ୍କ ସମେତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ରାଉତ, ପ୍ରଶାନ୍ତ ବେହେରା, କୈଳାସ ଚନ୍ଦ୍ର ବେହେରା, ରବିନ୍ଦ୍ରନାଥ ପଣ୍ଡା, କବି ଚନ୍ଦ୍ର ବିଶ୍ୱାଳ, ବଂଶୀଧର ସାମଲ, ପ୍ରମୋଦ ରାଉତରାୟ, ସମିତି ସମ୍ପାଦକ ପ୍ରେମାଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ସଭାପତି ଶ୍ରୀ ଜେନା ସମବାୟ ସମିତିର ବିକାଶ ଉପରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମିତି ପକ୍ଷରୁ ଅଧିକରୁ ଅଧିକ ଋଣ ପ୍ରଦାନ କରିବା ଓ ବକେୟା ଋଣ ଆଦାୟକୁ ତ୍ୱରାନ୍ୱିତ କରିବାକୁ ଶାଖା ପରିଚାଳକ ଶ୍ରୀ ସିଂ ପରାମର୍ଶ ଦେଇଥିଲେ । ଧାନମଣ୍ଡି ପାଇଁ କୃଷକ ପଞ୍ଜିକରଣ କାର୍ଯ୍ୟକୁ ସଠିକ ଭାବରେ କରାଯିବା, ଚାଷୀଙ୍କୁ ସାର ଯୋଗାଇଦେବା ଏବଂ ସମିତି କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଗୃହର ଅଭାବ, ଶୌଚାଳୟ, ପାନୀୟ ଜଳ

## ଧର୍ମପରାୟଣ ମହିଳାଙ୍କ ପରଲୋକ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ ଗ୍ରାମର କାମଦେବ ଶତପଥୀଙ୍କର ଧର୍ମପତ୍ନୀ ଶ୍ରୀମତୀ ସୁଷମା ଶତପଥୀଙ୍କର ପରଲୋକ ହୋଇ ଯାଇଛି । ଉକ୍ତ ଅଂଚଳରେ ସ୍ୱର୍ଗୀୟା ସୁଷମା ଜଣେ ସମାଜସେବିକା ଓ ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ । ମୃତ୍ୟୁ ସମୟରେ ତାଙ୍କ ପରିବାର ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ବ୍ରାହ୍ମଣ ସାହି ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ ସଂପନ୍ନ କରାଯାଇ ଥିବା ଜଣାପଡିଛି ।

# ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଉପଲକ୍ଷେ ଉଦ୍‌ଘାଟନୀ ସଭା



କଟକ (ନି.ପ୍ର.) : ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ, ସର୍ବହରା ଶ୍ରେଣୀର ମହାନ ନେତା ତଥା ଏସ୍.ୟୁ.ସି.ଆଇ(ସି)ର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କର ଜନ୍ମ ଶତବର୍ଷ ଉପଲକ୍ଷେ ଆଜି ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ ସଭା ସ୍ଥାନୀୟ ଗାନ୍ଧୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା କଟକ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀର ସଦସ୍ୟ ବୀଣାପାଣି ଦାସ ଉପସ୍ଥିତ ଥିଲେ । ସମ୍ପାଦକ ମଣ୍ଡଳୀର ସଦସ୍ୟ ଅକ୍ଷୟ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସଭା ଆରମ୍ଭରେ ସର୍ବହରାର ମହାନ୍ ନେତା କମ୍ରେଡ଼ ଶିବଦାସ୍ ଘୋଷଙ୍କ ଫଟୋରେ ମର୍ଲ୍ୟାର୍ପଣ ସହ ସଂଗୀତ ଗାନ କରାଯାଇ ଥିଲା ।

ମୁଖ୍ୟବକ୍ତା କହିଥିଲେ ଯେ, ଆଜି ଦେଶ ଏକ ସର୍ବଗ୍ରାସି ସମସ୍ୟା ମଧ୍ୟ ଦେଇ ଗତି କରୁଛି । ଅର୍ଥନୈତିକ, ସାଂସ୍କୃତିକ ସଙ୍କଟ ଆଜି ଚରମ ସୀମାରେ ପହଞ୍ଚିଛି । ଏହି ସଙ୍କଟରୁ ମୁକ୍ତି ପାଇଁ ଜନସାଧାରଣ ରାସ୍ତା ଖୋଜୁଛି । ଏପରିକି ସ୍ୱତଫୁର୍ତ୍ତ ଆନ୍ଦୋଳନରେ ଫାଟି ପଡୁଛି । ଆଜିର ପରିସ୍ଥିତିରେ ଜନସାଧାରଣଙ୍କର ଅର୍ଥନୈତିକ ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ଏସ୍.ୟୁ.ସି.ଆଇ(ସି)ର ନେତୃତ୍ୱରେ ଶକ୍ତିଶାଳୀ ଗଣଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମ ଗଢିତୋଳିବାକୁ ସେ ଆହ୍ୱାନ ଦେବା ସହ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷା ଓ ସଂଗ୍ରାମକୁ ଜନଗଣଙ୍କ ମଧ୍ୟରେ ପହଞ୍ଚେଇବାର ପାଇଁ ବିଭନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ କହି ସେ ତାଙ୍କର ବକ୍ତବ୍ୟ ସମାପ୍ତ କରିଥିଲେ । ଶେଷରେ ଆନ୍ତର୍ଜାତିକୀ ସଂଗୀତ ଗାନ କରାଯାଇଥିଲା । ଏହି ସଭାରେ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ,ଦୀପକ ଦାସ, ଈଶା ଧର, ଟିକା ସାମଲ ପ୍ରମୂଖ ଉପସ୍ଥିତ ଥିଲେ ।

## ପୁତୁରାର ଗୋଇଠା ମାଡ଼ରେ ଦାଦାର ମୃତ୍ୟୁ

କଟକ, (ନି.ପ୍ର.) : ୪୨ମୌଜା ଅନ୍ତର୍ଗତ କୁଳ ସରିଚୁଆଁ ପଞ୍ଚାୟତର ଚାନ୍ଦୁଲି ଗ୍ରାମରେ ଆଜି ସନ୍ଧ୍ୟାରେ ପୁତୁରାର ଗୋଇଠା ମାଡ଼ରେ ଦାଦାର ମୃତ୍ୟୁ ହୋଇଯାଇଛି । ଖବର ପାଇ ଏସିପୀ ଚନ୍ଦନ ଘଡ଼େଇ ଓ ୪୨ ମୌଜା ଥାନା ଅଧିକାରୀ ଅନିତା ସାହୁ ଘଟଣା ସ୍ଥଳରେ ପହଞ୍ଚି ମୃତ ଦାଦା ଭଗବାନ ସାସମୋଲ (୪୫)ର ଶରୀରକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇବାର ବ୍ୟବସ୍ଥା କରିଛନ୍ତି । ବିବରଣୀରୁ ପ୍ରକାଶ ଯେ, ଭଗବାନ ସାସମୋଲଙ୍କ ପାନ ଦୋକାନରୁ ପୁତୁରା ବୁଲା ଓରଫ ଚନ୍ଦନ ସାସମୋଲ ପାନ ଦୋକାନରୁ ବାକି ଖାଆନ୍ତି । ଆଜି ଦୋକାନୀ ଭଗବାନ ତାଙ୍କୁ ବାକି ଟଙ୍କା ମାଗିବାରୁ ଦୁଇ ଜଣଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା । ଏଥିରେ ଦୁଇଜଣଙ୍କ ମଧ୍ୟରେ ବଚସା ହେବାରୁ ବୁଲା ରାଗିଯାଇ ହଟାତ ଭଗବାନଙ୍କ ଛାତିକୁ ଏକ ଜବରଦସ୍ତ ଗୋଇଠା ମରିଥିଲା । ଏଥିରେ ଭଗବାନ ବେହୋସ୍ ହୋଇ ତଳେ ପଡିଯିବାରୁ ସ୍ଥାନୀୟ ଲୋକେ ତାକୁ ନିକଟସ୍ଥ ଡ଼ାକ୍ତରଖାନାକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛି ବୋଲି ଏସିପି ଶ୍ରୀ ଘଡ଼େଇ ପ୍ରକାଶ କରିଛନ୍ତି ।

## ଲାୟନସ୍ କ୍ଲବ କଟକ ମହାନଦୀ କର୍ମକ ର୍ତ୍ତାଙ୍କ

# ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ




କଟକ ୮ (ନି.ପ୍ର.) : ଲାୟନସ୍ କ୍ଲବ କଟକ ମହାନଦୀର ଶପଥ ଗ୍ରହଣ ଉତ୍ସବ ତୁଳସୀପୁର ମଧୁସୂଦନ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସଭାପତି ଜ୍ଞାନେଶ କାନୁନଗୋଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ତିନିଜଣ ନୂତନ ସଭ୍ୟ ପ୍ରଦୀପ ଦାସ, ଏ.ଏନ.ବାରିକ ଓ ହରିହର ସେନ ଶପଥ ଗ୍ରହଣ କରିଥିଲେ । ଦିବଂଗତ ସଭ୍ୟ ମୀନା ଆରୋରା, ପି.କେ.ମହାନ୍ତି ଓ ଡି.କେ.ମହାନ୍ତିଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । ଉତ୍ସବରେ ନବ ନିର୍ବାଚିତ ସଭାପତି ଡାକ୍ତର ଅଭୟ କୁମାର ପାତ୍ର, ସମ୍ପାଦକ ନୀତା ଦାସ, କୋଷାଧକ୍ଷ ଓ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଲାୟନସ୍ କ୍ଲବର ପୂର୍ବତନ ଗଭର୍ଣ୍ଣର୍ ମହେଶ ଜେଠାଲିଆ ଶପଥ ପାଠ କରାଇଥିଲେ । ଉତ୍ସବରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ପି.କେ. ସାହୁ ଓ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଶେଷରେ ଦେଶାତ୍ମବୋଧ ସଂଗୀତ ଓ ଜଗନ୍ନାଥଙ୍କ ଭଜନ ଗାନ କରାଯାଇଥିଲା ।

# ପ୍ରଧାନଶିକ୍ଷକଙ୍କୁ ପରିବେଶ ସାଥି ସମ୍ମାନ



ନିଶ୍ଚିନ୍ତକୋଇଲି, (ନି.ପ୍ର.) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନ ତରତ ହରଚଣ୍ଡୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କୁ ପରିବେଶ ସାଥି ସମ୍ମାନ ପ୍ରଦାନ କରାଯାଇଛି । ଶ୍ରୀ ଦାସ ପରିବେଶ ସୁରକ୍ଷା ଓ ଚାରା ରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏଭଳି ସମ୍ମମାନ ପ୍ରଦାନ କରାଯିବା ପାଇଁ ସାଇସୂର୍ଯ୍ୟାସ୍ତ ଗ୍ରୀନ୍ ହୋରାଇଜନ୍ ପ୍ରତିଷ୍ଠାନ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଅନୁଷ୍ଠାନ ର ପ୍ରତିଷ୍ଠାତା ଶିକ୍ଷାବିତ୍ ଭବାନୀ ପ୍ରସାଦ ପଣ୍ଡାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟ ଅତିଥି ଭାବେ ବିଆରସିସି ଲକ୍ଷ୍ମଣ କୁମାର ଲେଙ୍କା, ସମ୍ମାନୀତ ଅତିଥି ଭାବେ ସମାଜସେବୀ ଭାଗିରଥି ଦାସ, ସିଆରସିସି ହରେକୃଷ୍ଣ ଦାସ, ଯୁବନେତା ପ୍ରମୋଦ ପରିଡା ଯୋଗ ଦେଇ ଶ୍ରୀ ଦାସଙ୍କୁ ପ୍ରଶଂସା ପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରବୀନ୍ଦ୍ର ନାଥ ପଣ୍ଡା, ଓ ଶିକ୍ଷାବିତ ବଳରାମ ପାତ୍ର ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଡାକ ବିଭାଗ ପକ୍ଷରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଦକ୍ଷୀଣ ଉପମଣ୍ଡଳ ନୀରିକ୍ଷକ ଆଦିତ୍ୟ କୁମାର ପାଢୀଙ୍କ ଆହ୍ୱାନ କ୍ରମେ ହରଘର ତ୍ରିରଙ୍ଗା ରାଲି କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରୁ ବାହାରି ରାସ୍ତାରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କରିଲୋପାଟଣା, ଗରଦପୁର, ତେଣ୍ଡାକୁଡା ଉପଡାକଘର ଅଧିନରେ ଥିବା ଶାଖା ଡାକପାଳ,ସହକାରୀ ଶାଖା ଡାକପାଳଙ୍କ ସମେତ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଏକ ବିଶାଳ ରାଲିରେ ଯାଇ ନିକଟସ୍ଥ ଦୁଇଟି ଗ୍ରାମ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିଥିଲେ । ଭରତପୁର ଶାଖା ଡାକପାଳ ବିଜୟ କିଶୋର ଦାସ ଓ ସୁବ୍ରତ କୁମାର ସାହୁଙ୍କ ସହଯୋଗ ଏବଂ ଲିୟାକତ ଅଲ୍ଲୀ ଓ କମଳାକାନ୍ତ ଶତପଥୀଙ୍କ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ମଲିକ ଏଥିରେ ସହଯୋଗ କରିଥିଲେ ।

# କେନ୍ଦ୍ରାପଡାରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ

## କେନ୍ଦ୍ରାପଡାର ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ



କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଗରାପୁର ଡାକବଙ୍ଗଳା ପରିସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଅଗଷ୍ଟକ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଡାକବଙ୍ଗଳା ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାର୍ଲ୍ୟାର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ପ୍ରାଧାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ୧୯୪୨ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମଗ୍ର ଭାରତ ବର୍ଷର ଲୋକମାନେ ବ୍ୟାପକ ଗଣ ଆନ୍ଦୋଳନ କରିବା ଫଳରେ ବ୍ରିଟିସ ସରକାର ଭାରତ ଛାଡିବାକୁ ବାଧ୍ୟ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଭାବ କିଭଳି ସମଗ୍ର ଭାରତବାସୀଙ୍କୁ ଉଦବୁଦ୍ଧ କରିଥିଲା ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୭ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ,କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, କରୁଣାକର ଦାସ, ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଦୁଷ୍ମନ୍ତ ମଲିକ,ବିଜେଡି ନଗର ଆଇଟି ସେଲର ଦେବେନ୍ଦ୍ର ଦାସ, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ, ଅମୀୟ ନାୟକ, ବୈଷ୍ଣବ ସ୍ୱାଇଁ, ରଞ୍ଜନ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ପ୍ରଫେସର ପରିଡା ଓ ଅଧାପକ ସାମଲ ପ୍ରମୁଖ କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱ ବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ନିମନ୍ତେ ସମସ୍ତଙ୍କୁ ଏକଜୁଟ ହୋଇ ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ବିଧାୟିକା ଡଃ. ମଲ୍ଲିକ ଓ ସାହିତ୍ୟିକ ଡଃ. ଦାସ ସରକାରଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ମୃତି କମିଟି ସଂଯୋଜକ ଡଃ. ଗଦାଧର ମଲ୍ଲିକ ଓ ଆବାହକ ରାଜେଶ ପଣ୍ଡା ସଭାପରିଚାଳନା କରିଥିଲେ । କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାର ସଫଳତା କାମନା କରି ଏକ ବାର୍ତ୍ତା ପଠାଇଥିଲେ । ଶେଷରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଲଟିଲା ଗୋରୁ ଗାଡ଼ି ୧୪ ଗାଈ ମୃତ, ଗାଡ଼ି ଜବତ

କୋରାଇ, (ନି.ପ୍ର.) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଗ୍ରାମ ନିକଟରେ ଆଜି ଭୋର ସମୟରେ ଭାରସାମ୍ୟ ହରାଇ ସଂଯୋଗୀକରଣ ରାସ୍ତାରେ ଏକ ଟ୍ରକ ଓଲଟି ପଡ଼ିବାରୁ ଟ୍ରକରେ ଥିବା ୧୫ଟି ଗାଈ ମଧ୍ୟରୁ ୧୪ଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ୧୪ଟି ଗାଈର ଶବ ସତ୍କାର କରିବା ସହ ଗୋଟିଏ ଗାଈକୁ ପୁଲିସ ପଶୁ ଚିକିତ୍ସିକ ମାଧ୍ୟମରେ ଚିକିତ୍ସା କରୁଥିବା ଜଣାପଡ଼ିଛି । ପ୍ରକାଶ ଯେ ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ୍(ଓଆର୍ ୦୧ଡି ୬୨୬୧) ରାସ୍ତା କଡ଼ରେ ଓଲଟି ପଡ଼ିଥିଲା । ହେଲେ ଟ୍ରକ ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଥିଲା । ଆଜି ଭୋର୍ ସମୟରେ ଉକ୍ତ ଟ୍ରକଟି ଭଦ୍ରକ ଆଡୁ ପାଣିକୋଇଲି ଆଡ଼େ ଗୋରୁ ବୋଝେଇ କରି ଆସୁଥିବା ସମୟରେ ବ୍ରଜନଗର ଗ୍ରାମ ଗଳିପୋଲ ନିକଟରେ ଟ୍ରକଟି ଓଲଟି ପଡ଼ି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଟ୍ରକରେ ୧୫ଟି ଗାଈ ଥିବା ବେଳେ ଘଟଣାସ୍ଥଳେ ୧୪ଟି ଗାଈର ମୃତ୍ୟୁ ଦେଖି ଘଟଣାସ୍ଥଳେ ଉତେଜନା ପ୍ରକାଶ ପାଇଥିଲା । ପାଣିକୋଇଲି ପୁଲିସ ଘଟଣାସ୍ଥଳରେ ପହଂଚି ଟ୍ରକଟିକୁ ରାସ୍ତା କଡ଼ରୁ ଉଠାଇ ଜବତ କରିବା ସହ ମୃତ ୧୪ଟି ଗାଈର ଶବସତ୍କାର କରିଥିଲା । ଏକ ହାଇଡ୍ରା ସାହାଯ୍ୟରେ ଟ୍ରକଟିକୁ ଉଠାଯାଇଥିବାବେଳେ ଏକ ଜେସିବି ମାଧ୍ୟମରେ ମୃତ ଗାଈଗୁଡ଼ିକୁ ନେଇ ବୈତରଣୀ ନଦୀ ପଠାରେ ଗାତ ଖୋଳି ପୋତାଯାଇଥିଲା ।

# ଜଣେ ଲେଖାଏଁ କର୍ମଚାରୀଙ୍କୁ ନେଇ ଚାଲିଛି ଆରଆଇ ଅଫିସ କାର୍ଯ୍ୟ

ପିପିଲି ୧୨। ୮(ନି.ପ୍ର): ପିପିଲି ତହସିଲ ଅଧୀନରେ ଥିବା କେତେକ ଆର ଆଇ ଅଫିସ ଗୁଡିକରେ ଜଣେ ଲେଖାଏଁ ଆଇଆଇ ଓ ଏ ଆରଆଇଙ୍କୁ ନେଇ ଚାଲିଛି ସରକାରୀ ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟ। ଯାହାକି କର୍ମଚାରୀ ଅଭାବ ନେଇ ଜନସାଧାରଣ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ନୂଆଶାସନ ଆର ଆଇ ଅଫିସରେ ଜଣେ ରେଭେନ୍ୟୁ ଅଧିକାରୀ, ତେଇଶିପୁର ଜଣେ ଏ ଆରଆ. ଯସୁଆପୁରରେ ଜଣେ ଏ ଆରଆଇ, ଭାରତୀପୁର ଓ ଅନନ୍ତପୁର ଠାରେ ଜଣେ ଆରଆଇ, ଦାଣ୍ଡମକୁନ୍ଦପୁରରେ ଜଣେ ଆରଆଇ ଥିବା ବେଳେ ଏମାନଙ୍କ ପାଖରେ ଅନ୍ୟ ଆସିଷ୍ଟାଣ୍ଟ ରେଭେନ୍ୟୁ ଅଧିକାରୀ, ପିଅନ ନା ରାତ୍ରି ଜଗୁଆଳି ନଥିବାରୁ ପିପିଲି ଅଞ୍ଚଳର ଜନସାଧାରଣ ବହୁ ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକି ଜଣେ ଜଣେ କର୍ମଚାରିମାନେ ଧାରୁଆ ଅସ୍ତ୍ର ବେକରେ ଝୁଲାଇ କାର୍ଯ୍ୟ କରୁଛନ୍ତି। ରେଭେନ୍ୟୁ ଅଧିକାରୀ ଅଞ୍ଚଳର ଜନସାଧାରଙ୍କ ଦାଖଲ ଖାରଜ ମାକଦମା, ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରମାଣ ପତ୍ର, ତାଙ୍କ ଅଧିନରେ ଥିବା ରାଜସ୍ୱ ଗ୍ରାମ ତଦନ୍ତ ପ୍ରକ୍ରିୟା , ସରକାରୀ ରାଜସ୍ୱ ଆଦାୟ, କିସମ ପରିବର୍ତ୍ତନ ପିପିଲି ତହସିଲ କାର୍ଯ୍ୟ ଇତ୍ୟାଦି ରିପୋର୍ଟ ଭଳି ଅନେକ କାର୍ଯ୍ୟ ନିର୍ଭର କରୁଥିବା ବେଳେ ନିଯୁକ୍ତି କର୍ମଚାରୀ ମାନେ ଏସବୁ ସୁଚାରୁ ରୂପେ କାର୍ଯ୍ୟ କରିଚାଲିଥିବା ଜାଣିବାକୁ ମିଳୁଥିବା ବେଳେ ସେ ନିଜେ ଭାରାକ୍ରାନ୍ତ ହୋଇ ପଡୁଥିବା ଜାଣିବାକୁ ମିଳୁଅଛି। ଅନ୍ୟ ପକ୍ଷରେ ରେଭେନ୍ୟୁ ନିରୀକ୍ଷକ ତହସିଲ ଅଫିସ କାଗଜ ପତ୍ର ଓ ସରକାରୀ ରାଜସ୍ୱ ଦାଖଲ ପାଇଁ ଆସୁଥିବା ସମୟରେ ଆର ଆଇ ଅଫିସ ଆସୁଥିବାରେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତା ସହିତ ଅନେକ ଆର ଆଇ ଅଫିସରେ କର୍ମଚାରୀ ସମସ୍ୟା ବହୁମାତ୍ରାରେ ଦେଖା ଦେଇଛି। ତେଣୁ ଏହି ସମସ୍ୟା ଦିଗରେ ବିଭାଗୀୟ ମନ୍ତ୍ରୀ ଓ ବିଭାଗୀୟ ସଚିବ ନଜର ଦେଇ କର୍ମଚାରୀ ନିଯୁକ୍ତି କରିବା ପାଇଁ ଦାବି ହେଉଅଛି।

# ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ନ ହେଲେ କାଉନସିଲରଙ୍କ ଧାରଣା ଚେତାବନୀ

ନବରଙ୍ଗପୁର,୧୨।୮(ନି.ପ୍ର): ନବରଙ୍ଗପୁର ସହର ବା ପୌରାଞ୍ଚଳର ବିକାଶ ଓ ଜନସାଧାରଣଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ପୌରପାଳିକା ରହିଥିବା ବେଳେ ନବରଙ୍ଗପୁର ପୌରପାଳିକାରେ ଏବେ ନିୟମିତ ପୌରନିର୍ବାହୀ ଅଧିକାରୀ ପଦ ଖାଲିପଡିଛି । ପୌରପାଳିକାରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ହେବେ କାମଚଳା ଭାବେ ହେଉଥିବା ଦେଖିବାକୁ ମିଳିଛି । ନିୟମିତ ନିର୍ବାହୀ ଅଧିକାରୀ ନ ଥିବାରୁ ପୌରପାଳିକାର କାଉନସିଲରମାନେ ୱାର୍ଡର ସମସ୍ୟା ଓ ଅଭିଯୋଗ ଗୁଡିକୁ ସମାଧାନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କାଉନସିଲମାନେ ଅଭିଯୋଗ କରିଛନ୍ତି। ପୂର୍ବତନ ନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ କେବଳ ୯ମାସ ରହି ପୌରପାଳିକା କାର୍ଯ୍ୟଗୁଡିକ ସୁଚାରୁ ରୂପେ ତୁଲାଇଥିଲେ। ତାଙ୍କପରଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପୌରପାଳିକାରେ ସ୍ଥାୟୀ ଭାବେ କେହି ନିଯୁକ୍ତି ହୋଇନାହାନ୍ତି। ପୌରପାଳିକା ବାପ ଛେଉଣ୍ଡ ହୋଇପଡିଛି। କିଛି ଦିନ ପୂର୍ବରୁ ସରକାରୀ ଚିଠି ପ୍ରକାରେ ବାଲିଗାଁ ବିଜ୍ଞାପିତ ପରିଷଦ ଅଞ୍ଚଳର ନିର୍ବାହୀ ଅଧିକାରୀ ନବରଙ୍ଗପୁର ପୌରପାଳିକା ରେ ଯୋଗ ଦେବେ ବୋଲି ଜଣାପଡିଛି। କିନ୍ତୁ ବିଶେଷ ସୁତ୍ରରୁ ଜଣାପଡିଛି ଯେ ସେ ଏଠାରେ ଯୋଗଦାନ କରିବେ ନାହିଁ। ଜିଲ୍ଲା ପ୍ରଶାସନିକ ଅଧିକାରୀ ପୌରପାଳିକା ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ ତୁଲାଉଛନ୍ତି। ବର୍ତ୍ତମାନ ନୂତନ ପରିଷଦ ଗଠନ ହେବା ପରେ ମଧ୍ୟ ଏକ ନିୟମିତ ପୌର ନିର୍ବାହୀ ଅଧିକାରୀ ନିଯୁକ୍ତି ଦିଆଯାଇନାହିଁ। ଖାସ୍ ଏହି କାରଣରୁ ସହର ର ବିକାଶ ଚିରାଚରିତ ଢଙ୍ଗରେ ଧିମେଇ ଯାଇଛି। ଏ ନେଇ କାଉନସିଲରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ରହିଥିବା ବେଳେ ସେ ପୌରପାଳିକା କାର୍ଯ୍ୟାଳୟରେ ପର୍ଯ୍ୟାପ୍ତ ସମୟ ଦେଇପାରୁନଥିବାରୁ ପୌରପାଳିକା ର ବିକାଶ କାର୍ଯ୍ୟ ଆଗେଇ ପାରିନଥିବା କାଉନସିଲର ଅମିତ ପ୍ରକାଶ କରିଛନ୍ତି ।ସହରର ଜନସାଧାରଣ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ପୌର କାର୍ଯ୍ୟାଳୟ ଆସୁଥିବା ବେଳେ ନିର୍ବାହୀ ଅଧିକାରୀଙ୍କ ସାକ୍ଷାତ ହୋଇ ପାରୁ ନଥିବା ସହ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଦୁଇ ରୁ ତିନୋଟି ପଦବୀରେ ଦାୟିତ୍ୱରେ ଥିବା ଯୋଗୁଁ ପୌରପାଳିକା ର ଉନ୍ନତି ମୂଳକ କାର୍ଯ୍ୟ,ସଫେଇ କାର୍ଯ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ଗୁଡିକ ତଦାରଖ କରିବା ନିମନ୍ତେ ପ୍ରାର୍ଯ୍ୟାପ୍ତ ସମୟ ଦେଇ ପାରୁ ନଥିବାରୁ ସହରର ସମସ୍ୟା ବଢିବାରେ ଲାଗିଛି ବୋଲି କାଉନସିଲର ଶର୍ମିଷ୍ଠା ଦେଓ ଅଭିଯୋଗ କରିଛନ୍ତି । ତାହା ସହ କାଉନସିଲର ମାନେ ୱାର୍ଡ ଗୁଡିକର ସମସ୍ୟା ଓ ଅଭିଯୋଗ ନେଇ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା କାଉନସିଲର ମାନେ ଅଭିଯୋଗ କରିଛନ୍ତି। ନିର୍ବାହୀ ଅଧିକାରୀ କାର୍ଯ୍ୟାଳୟରେ ଅଧିକ ସମୟ ଦେଉନଥିବାରୁ ସହରର ବିକାଶ ଏକ ପ୍ରକାର ଠପ ହୋଇଯାଇଛି । ସହର ଓ ୱାର୍ଡ ର ବିକାଶ ଓ ଉନ୍ନତି ପାଇଁ ପୌରାଞ୍ଚଳର ଜନସାଧାରଣ ପୌର ଅଧ୍ୟକ୍ଷ,ପୌର ଉପାଧ୍ୟକ୍ଷା,ସମସ୍ତ ୱାର୍ଡ କାଉନସିଲର ମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଛନ୍ତି। ସେହିପରି ସହରର ବିକାଶ ଓ ୱାର୍ଡ ଗୁଡିକର ସମସ୍ୟାର ସମାଧାନ କରିବା ପାଇଁ ପୋର ଅଧ୍ୟକ୍ଷ, ଉପାଧ୍ୟକ୍ଷା ଓ କାଉନସିଲାମାନେ ଅଣ୍ଟା ଭିଡି ଥିବା ବେଳେ ନିୟମିତ ନିର୍ବାହୀ ଅଧିକାରୀ ନଥିବାରୁ ଲୋକଙ୍କ ଅଭିଯୋଗ ଓ ସମସ୍ୟା ଆଶାନୁରୂପେ ସମାଧାନ ହୋଇପାରୁ ନଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳର ବିକାଶ,ଲୋକ ସମସ୍ୟା ଓ ଅଭିଯୋଗକୁ ଦୃଷ୍ଟିରେ ରଖି ନବରଙ୍ଗପୁର ପୌରପାଳିକାର ଏକ ନିୟମିତ ନିର୍ବାହୀ ଅଧିକାରୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଜିଲ୍ଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବାକୁ କାଉନସିଲର ଏ.ସତିଶ,ଅମିତ ପ୍ରଧାନ, ଶର୍ମିଷ୍ଠା ଦେଓ,ମୁରଲି କ୍ରିଷ୍ଣା,ସମେଶ ଖୋରା, ମମତା ମହାରଣା,ପୁନମ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ବ୍ଲକସ୍ତରୀୟ କୃମିନାଶ ଦିବସ ପାଇଁ କର୍ମଶାଳା

କଣାସ,୧୧।୮ (ନିପ୍ର); ଜାତୀୟ କୃମିନାଶକ ଦିବସ ପାଳନ ପାଇଁ କଣାସ ବ୍ଲକସ୍ତରୀୟ ସମନ୍ୱୟ ତଥା ପ୍ରସ୍ତୁତି ବୈଠକ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣାସ ବ୍ଲକ ଶିକ୍ଷାଧିକାରୀ ମିନକେତନ ସାମନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେବା ସହିତ ଶିକ୍ଷାବିଭାଗର ସମସ୍ତ ଆଞ୍ଚଳିକ ସାଧାନକେନ୍ଦ୍ରର କୋର୍ଡିନେଟର୍ ଉପସ୍ଥିତ ରହିଥିଲେ। ବ୍ଲକ ପ୍ରୋଗାମ୍ ମ୍ୟାନେଜର୍ ଧନେଶ୍ୱର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରକାଶ କୁମାର ବାରିକ ଏହି କର୍ମଶାଳାକୁ ପରିଚାଳନା କରିଥିଲେ ।

## ଅଗଷ୍ଟ ୧୪ ତାରିଖ ସମ୍ବଲପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନିର୍ବାଚନ ପାଇଁ ପ୍ରସ୍ତୁତି

ସମ୍ବଲପୁର,୧୨।୮ (ନିପ୍ର): ଭୁବନେଶ୍ୱର ଖାରବେଳନଗର ସ୍ଥିତ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସହ ଅନୁବନ୍ଧିତ ସମ୍ବଲପୁର ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଆସନ୍ତା ୧୪ ତାରିଖ ଦିନ ଧନକଉଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କରିବାକୁ ସଂଘ ପୁକ୍ଷରୁ ସର୍ବସମ୍ମତିକ୍ରମେ ଗୃହୀତ ଏକ ପ୍ରସ୍ତାବରେ ଚୂଡାନ୍ତ ନିଷ୍ପତ୍ତି ହୋଇଛି। ସଂଘର ସଭାନେତ୍ରୀ ଜୋସ୍ନାମୟୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗତ ମାସ ୨୪ ତାରିଖ ଦିନ ଜମନକିରା ବ୍ଲକର କଦଳୀପାଳ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନକୁ ଅବୈଧ, ଅନୈତିକ, ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ବୋଲି ବର୍ଣ୍ଣନା କରାଯାଇ ଏହାକୁ ତୁରନ୍ତ ଅସିଦ୍ଧ ଘାଷଣା କରି ସାନି ନିର୍ବାଚନ କରିବାକୁ ରାଜ୍ୟ ସଂଘର ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ଲିଖିତ ଅଭିଯୋଗ ସତ୍ତ୍ୱେଉଭୟ ନିଦାବିଷ୍ଣୁ ସାଜିବା ଜିଲ୍ଲାର ସମଗ୍ର ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମହଲକୁ ଚକିତ ଓ ସ୍ତମ୍ଭୀଭୂତ କରିଛି। ଅନ୍ୟପକ୍ଷରେ ଆଉ ଏକ ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି ଯେ,ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଅଧିକାରୀ ମାନେ ସାମ୍ବିଧାନିକ ବିଧିବିଧାନ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ ନ କରି ସୁପରିକଳ୍ପିତ କୂଟ ଚକ୍ରାନ୍ତ କରି ବ୍ଲକର ଜନୈକ ପ୍ରାଥମିକ ସଦସ୍ୟନ ଥିବା ଓ ସିଆରସିସି ରହିଥିବା ଜଣଙ୍କ ଅବସରପ୍ରାପ୍ତ ଶିକ୍ଷକ ଦିଲିପ ବହିଦାର ଅପ୍ରତ୍ୟାଶିତ ଭାବେ ଘୋଷଣା କରି ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲେ।

ଏହି ଅବିଶ୍ୱସନୀୟ ବିସ୍ଫୋରକ ଘୋଷଣା ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଘାର ଉଦବେଗ ଓ ହଟ୍ଟଗୋଳ ସୃଷ୍ଟି କରିଥିଲା,ଯେଉଁ କୁହୁଳୁଥିବା ଅସନ୍ତୋଷର ବହ୍ନି ଏବେ ବି ପ୍ରତିଫଳିତ ହେଉଥିବାର ଲକ୍ଷ୍ୟ କରାଯାଉଛି।ପୁନଶ୍ଚ ଏହି ନିର୍ବାଚନ ତାରିଖ ନିର୍ଘଣ୍ଟ ହେବାର ଅବ୍ୟବହିତ ପୂର୍ବରୁ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇ ନାହିଁ ଓ କୌଣସି ବ୍ଲକ୍ ସଂଘର ସଭାପତି ଓ ସାଧାରଣ ସମ୍ପାଦକଙ୍କୁ ଲିଖିତ ଭାବେ ଅବଗତ କରାଯାଇ ନାହିଁ।ଏପରିକି ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ କୌଣସିପ୍ରକାର ସୂଚନା ଦିଆଯାଇ ନାହିଁ କିମ୍ବା କୌଣସି ବ୍ଲକ୍‌ର କର୍ମକର୍ତ୍ତାଙ୍କୁ ନେଇ ନିର୍ବାଚନ ଅଧିକାରୀମାନେ ଜିଲ୍ଲାସ୍ତରରେ ବୈଠକ ଆହ୍ୱାନ କରି ନାହାଁନ୍ତି। ଏହି ଦୃଷ୍ଟାନ୍ତଗୁଡିକରୁ ଏହି ନିର୍ବାଚନ ସୁସ୍ଥ ଓ ଶୃଙ୍ଖଳିତ ନିର୍ବାଚନ ପରିଚାଳନାର ସଂପୂର୍ଣ୍ଣ ପରିପନ୍ଥୀ ବୋଲି ସଂଘ ତଥ୍ୟଭିତ୍ତିକ ପ୍ରମାଣ ଉପସ୍ଥାପନ କରିଛି।ତେଣୁ,ଏହି ସମ୍ବିଧାନ ବିରୋଧୀ ନିର୍ବାଚନକୁ ଅସିଦ୍ଧ ଘାଷଣା କରାଯାଇ ନ ଥିବା ଦୃଢ ପ୍ରତିବାଦ ସ୍ୱରୂପ ଜିଲ୍ଲାରେ ଆଉ ଏକ ସମାନ୍ତରାଳ ପ୍ରାଥମିକ ଶିକ୍ଷକ ସଂଗଠନ ଗଢି ତୋଳିବାକୁ ଧନକଉଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିଛି ବୋଲି ସଂଘର ସଭାନେତ୍ରୀ ମତୀ ଦାଶ ଓ ସାଧାରଣ ସମ୍ପାଦକ ନବୀନ ନନ୍ଦ ଦୃଢ ଚେତାବନୀ ଦେଇଛନ୍ତି।

# ଆଗକୁ ଗଣେଶ ପୂଜା, ମୂର୍ତ୍ତି କାରିଗର ବ୍ୟସ୍ତ



ବାଲିପାଟଣା,୧୨।୮ (ନିପ୍ର): ଆଗକୁ ଆସୁଛି ଗଣେଶ ପୂଜା। ଏହି ଗଣେଶ ପୂଜା ପାଇଁ ଗଣେଶ ମୂର୍ତ୍ତି ତିଆରି କରି ବ୍ୟସ୍ତ ମୂର୍ତ୍ତି କାରିଗର। ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ କକରୁଦ୍ରପୁରରୁ ଗ୍ରାମର କିଛି କୌଳିକ ବୃତ୍ତି ଧରି ମୂର୍ତ୍ତି କାରିଗର ଅଛନ୍ତି। ଯେଉଁମାନେ ବର୍ଷ ସାରା ଗଣେଶ ପୂଜା, ସରସ୍ୱତୀ ପୂଜ. ଦୁର୍ଗା ପୂଜା, ଖୁଦୁରୁକୁଣୀ ପୂଜା, କାର୍ତ୍ତକେଶ୍ୱର୍ ପୂଜା ପାଇଁ ମୂର୍ତ୍ତି ତିଆରି କରିଥାନ୍ତି।ଗତ ଦୁଇ ବର୍ଷ ହେବ କରୋନା କଟକଣା ଯୋଗୁଁ ପୂଜା, ପବ ପର୍ବାଣୀ ବନ୍ଦ ଥିବା ବେଳେ ଏମାନଙ୍କର ବେପାର ବନ୍ଦ ଥିଲା। ହେଲେ ଏ ବର୍ଷ ସବୁ ଅନୁକୂଳ ଥିବାରୁ ମୂର୍ତ୍ତି ବେପାର କରି ବେଶ୍ ଦୁଇ ପଇସା ରୋଜଗାର ଲକ୍ଷ ରଖିଛନ୍ତି ଏମାନେ। ଏହି ମୂର୍ତ୍ତି ପାଇଁ କଞ୍ଚା ମାଲ ହିସାବରେ ମାଟି, ସୁତୁଲି, ବାଉଁଶ, ରଙ୍ଗ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଜିନିଷ ଦରକାର ହୋଇଥାଏ।କିନ୍ତୁ ଏହି ମାଟି ଟ୍ରାକ୍ଟର ପ୍ରତି ବାରସହ ଟଙ୍କା ହୋଇଥିବା ବେଳେ ବାଉଁଶ ଗୋଟି ଦୁଇଶହ ତା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଜିନିଷର ଦର ଦେଖିଲେ ଏହି ମୂର୍ତ୍ତି ବ୍ୟାପାରରେ ଦୈନିକ ଚାରି ସହରୁ ପାଞ୍ଚ ଶହ ଟଙ୍କା ମଜୁରୀ ମିଳିଥାଏ ବୋଲି ମୂର୍ତ୍ତି କାରିଗର ମାନେ କହିଛନ୍ତି। ଏବର୍ଷ ଶହେରୁ ଉର୍ଦ୍ଧ୍ୱ ମୂର୍ତି ପ୍ରସ୍ତୁତ ହେଉ ଥିବା ବେଳେ ଏଗୁଡ଼ିକର ଅନ୍ତିମ ଚରଣ କାମ ସ୍ପର୍ଶରେ ମୂର୍ତ୍ତି କାରିଗରମାନେ। ପ୍ରସ୍ତୁତ ହେଉଥିବା ମୂର୍ତ୍ତିରୁ ପାଖା ପାଖି ପଚାଶଟି ମୂର୍ତ୍ତି ବହିନା ଆସିଥିବା କାରିଗର ମନେ କହିଛନ୍ତି। ମୂର୍ତ୍ତି ସବୁ ଭୁବନେଶ୍ୱର ନିଆଳି , ବାଲିଅନ୍ତା , ପିପିଲି ଉତ୍ତରା, ବାଳକାଟି , ନିମାପଡ଼ା, ଇଟିପୁର୍ ସହିତ ସ୍ଥାନୀୟ ଅଞ୍ଚଳର ଗଣେଶ ପୂଜା ହେଉଥିବା ସ୍ଥାନର ଆୟୋଜକ ମାନେ ନେଇଥାନ୍ତି ବୋଲି କାରିଗର ମନେ କହିଛନ୍ତି। ଏହି ମୂର୍ତ୍ତି ତିନି ଫୁଟରୁ ଦଶ ଫୁଟ ପର୍ଯ୍ୟନ୍ତ ଉଚ୍ଚତାର ହୋଇଥିବାବେଳେ ଦାମ୍ ମଧ ସେହିପରି ରହିଚି।ଏହି ମୂର୍ତ୍ତି ସର୍ବନିମ୍ନ ତିନି ହଜାରରୁ ଦଶ ହଜାର ତଥା ମୂର୍ତ୍ତି ଅନୁସାରେ ପଇସା ବୋଲି କହିଥିଲେ ଏହି କାରିଗର ମାନେ।ଏହି ମୂର୍ତ୍ତି ତିଆରି ହେଉଥିବା ଅଡାରେ ଆଠରୁ ଦଶ ଜଣ କାରିଗର କାମ କରୁଥିବା ବେଳେ ପ୍ରାୟ ବର୍ଷସାରା କାମ କରିଥାନ୍ତି ବୋଲି ପ୍ରକାଶ କରିଥିଲେ। କାରଣ ମୂର୍ତ୍ତି ଗୁଡ଼ିକର ନିର୍ମାଣ ସମୟ ସାପେକ୍ଷ ବୋଲି କହିଥିଲେ ଏହି କାରିଗର ମାନେ। ବଂଶାନୁକ୍ରମିକ ଭାବେ ଚାଲିଆସୁଥିବା ଏହି ଜୀବିକାରେ ଲାଭ ହେଉ ବା କମ୍ ଲାଭ ହେଉ ମଜୁରୀ ଗଣ୍ଡକ ପାଇ ଏହାକୁ ବଞ୍ଚାଇ ରଖିଚୁ ବୋଲି କହିଛନ୍ତି ଏହି କାରିଗରମାନେ।

## ଆଦର୍ଶ ବିଦ୍ୟାଳୟର ସିବିଏସ୍‌ଇ ଏଫିଲିଏସନ ପାଇଁ ମନ୍ତ୍ରୀଙ୍କ ସହ ରାଜ୍ୟସଭା ସାଂସଦଙ୍କ ଆଲୋଚନା

ବଲାଙ୍ଗିର,୧୨/୮(ନିପ୍ର) କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ, ବଲାଙ୍ଗିର ଜିଲ୍ଲାର ଡୁମେରବାହାଲ ଏକଲବ୍ୟ ମୋଡେଲ ରେସିଡେନ୍ସିଏଲ ସ୍କୁଲ ବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସିବିଏସ୍‌ଇ ଏଫିଲିଏସନ ପାଇଁ ଆଦିବାସୀ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆଲୋଚନା କରିଛନ୍ତି। ଚଳିତ ଶିକ୍ଷା ବର୍ଷ ୨୦୨୨-୨୩ ରେ ଉକ୍ତ ସ୍କୁଲର ୫୫ ଜଣ ଛାତ୍ର ଛାତ୍ରୀ ଦଶମ ବୋର୍ଡ ଦେବେ ଦେବେ ସିବିଏସ୍‌ଇ ଏଫିଲିଏସନ ପାଇଁ ବଲାଙ୍ଗିର ଜିଲ୍ଲାପାଳ ବିଭାଗୀୟ କର୍ତ୍ତୃପକ୍ଷ ଙ୍କୁ ପତ୍ରଦ୍ୱାରା ଅବଗତ କରିସାରିଛନ୍ତି। ସୂଚନାଯୋଗ୍ୟ ଯେ ସିବିଏସ୍‌ଇ ପାଠ୍ୟକ୍ରମରେ ଆଦିବାସୀ ଛାତ୍ରଛାତ୍ରୀ ପଢିବା ପାଇଁ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ତରଫରୁ ବଲାଙ୍ଗିର ଜିଲ୍ଲାର ଡୁମେରବାହାଲ ଠାରେ ଏକଲବ୍ୟ ମୋଡେଲ ରେସିଡେନ୍ସିଏଲ ସ୍କୁଲ ପ୍ରତିଷ୍ଠା ହୋଇଛି।

## ବିର୍ଲା କର୍ପୋରେଶନର ଜୁନ ତ୍ରୟମାସିକ ରାଜସ୍ୱରେ ୨୫% ବୃଦ୍ଧି

ଭୁବନେଶ୍ୱର,୧୨/୮(ସ୍ୱପ୍ର): ବିର୍ଲା କର୍ପୋରେଶନ ଲିମିଟେଡର ୩୦ ଜୁନ ସୁଦ୍ଧା ଶେଷ ହୋଇଥିବା ତ୍ରୟମାସରେ ସିମେଣ୍ଟ ଚାହିଦା ମଧ୍ୟରେ ରାଜସ୍ୱରେ ୨୫.୨% ବୃଦ୍ଧି ପଞ୍ଜିକୃତ କରିଛି ଏହା କମ୍ପାନୀ କ୍ଷମତାର ଉପଯୋଗକୁ ୧୦୧% କୁ ବୃଦ୍ଧି କରିବାରେ ସଫଳ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକ ପାଇଁ କମ୍ପାନୀର ଏକୀଭୂତ ରାଜସ୍ୱ ଗତ ବର୍ଷ ସମାନ ଅବଧିର ୧,୭୫୮.୪୧ କୋଟି ତୁଳନାରେ ବୃଦ୍ଧି ପାଇ ୨,୨୧୮.୦୬ କୋଟି ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ବିକ୍ରୟ କୋଭିଡ ସମ୍ବନ୍ଧୀୟ ଅଘଟଣ ଦ୍ୱାରା ବ୍ୟାହତ ହୋଇଥିଲା ଏବଂ ସମୀକ୍ଷା ଅଧୀନରେ ଥିବା ତ୍ରୟମାସିକ ସହିତ ତୁଳନାତ୍ମକ ନୁହେଁ। ଶକ୍ତି, ଇନ୍ଧନ ଏବଂ ମାଲ ପରିବହନ ବୃଦ୍ଧି ଦ୍ୱାରା ଲାଭଜନକତା ହ୍ରାସ ପାଇଛି। ପୂର୍ବ ମହାରାଷ୍ଟ୍ରର ବିର୍ଲା କର୍ପୋରେଶନର ସହାୟକ କମ୍ପାନୀ ଆରସିସିପିଏଲ୍ ପ୍ରାଇଭେଟ ଲିମିଟେଡର ନୂତନ ଭାବରେ ନିୟୋଜିତ ମୁକୁଟବାନ ପ୍ଲାଣ୍ଟକୁ ଅପ୍ଟିମାଇଜ କରିବାର ଖର୍ଚ୍ଚ ମଧ୍ୟ ପରିଚାଳନାଗତ ଆଭ୍ୟନ୍ତରୀଣ ଆକଳନ ସହିତ ସାମଗ୍ରିକ ଲାଭ ଉପରେ ଏକ ପ୍ରମୁଖ ପ୍ରଭାବ ପକାଇଥିଲା।

## ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସର ପଦଯାତ୍ରା



ନବରଙ୍ଗପୁର,୧୨।୮(ନି.ପ୍ର): ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତି ଅବସରରେ ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ୭ଦିନିଆ ପଦଯାତ୍ରା ଆରମ୍ଭହୋଇଛି। ଆସନ୍ତା ୧୪ତାରିଖରେ ଏହି ପଦଯାତ୍ରା ସରିବ। ଜିଲ୍ଲାର ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ତ୍ରିପାଠୀ କହିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ନନ୍ଦାହାଣ୍ଡି ବ୍ଲକର ନୁଆଗାଁରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ପିସିସିର ଦୁଇ ପର୍ଯ୍ୟବେକ୍ଷକ ତଥା ମାଲକାନାଗିରିର ପୂର୍ବତନ ବିଧାୟକ ନିମାଇଁ ସରକାର,ଟୁନା ମହାପାତ୍ର, ପ୍ରଦେଶ କମିଟି ଉପସଭାପତି ଭୁଜବଳ ମାଝୀ,ଜିଲ୍ଲା କଂଗ୍ରେସ ଉପସଭାପତି ଦିଲ୍ଲୀପ ବେହେରା,ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଦିଲ୍ଲୀପ ପ୍ରଧାନୀ,ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ, ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ,ଜିଲ୍ଲା ସେବା ଦଳ ମୁଖ୍ୟ ଶେଖ ଚାନ୍ ଉସ୍ମାନି,ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଭୀମ ପାଣିଗ୍ରାହୀ,କିଶୋର ସିଂ,ରୁନା ଦାସ,ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ,ସୁରଜ ଲାଲ,ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟ,କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ତ୍ରିପାଠୀ କହିବା ସହ ସମସ୍ତଙ୍କୁ ସହ ଯୋଗ କରିବାକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ନନ୍ଦାହାଣ୍ଡି ବ୍ଲକର ନୁଆଗାଁଠାରେ ସହିଦଙ୍କ ସମ୍ମାନ ନିମନ୍ତେ ସହିଦ୍ ସ୍ତମ୍ଭ ନିର୍ମାଣ କରିବାକୁ ପିସିସି ଉପସଭାପତି ଭୁଜବଳ ମାଝି ଭିତିପ୍ରସ୍ତର ସ୍ଥାପନ କରିଥିଲେ।

## କୁଚିଣ୍ଡାରେ ବିଶ୍ୱ ଆଦିବାସୀ ଦିବସ ପାଳିତ

କୁଚିଣ୍ଡା, ୧୨।୮ (ନିପ୍ର): କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର ଲଇଡାଗୁଣା ଛକସ୍ଥିତ ସାପ୍ତାହିକ ହାଟ ପ୍ରାଙ୍ଗଣରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି ।ସମ୍ବଲପୁର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଆନୁକୂଲ୍ୟରେ କୁଚିଣ୍ଡା ବ୍ଲକ ଓ ପଞ୍ଚାୟତ ସଂଘ ପକ୍ଷରୁ ଅନୁଷ୍ଠିତ ସଭାରେ ଉପଖଣ୍ଡର ଆଦିବାସୀ ନେତା କରୁଣାକର କିସାନ ସଭାପତିତ୍ୱ କରି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ।ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ ମୁଖ୍ୟ ଅତିଥି,ଅଧ୍ୟାପିକା ବେଲମତୀ କୁମୁରା ମୁଖ୍ୟବକ୍ତା,ଅଧ୍ୟାପକ ଭିକାରୀ ଓରାମ,ଅଭିନ କିସାନ, ଦୁଲାରି କେର୍କେଟା ,ସରପଞ୍ଚ ପ୍ରମାଦ କିସାନ, ରାଜେନ୍ଦ୍ର କିସାନ, ସଂକୀର୍ତ୍ତନ କିସାନ, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଡା, ସମିତିସଭ୍ୟ ଖଗେଶ୍ୱର କିସାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ଅନ୍ୟମାନେ ଫାଇଦା ଉଠାଉଥିବା ଉଦାହରଣ ଦେଇ ସଂଗଠନ ମାଧ୍ୟମରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ୍ୱର ପଟ୍ଟା,ଭଦ୍ର ଚରଣ କିସାନ, ଜୟଦେବ ମିଞ୍ଜ, ଫାଦର ଅନିଲ ଖାଲକା, ମନୋରଥ ମାଝୀ ପ୍ରମୁଖ ଯୋଗଦେଇ ଆଦିବାସୀ ଦିବସର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ଆଦିବାସୀ ନେତା ଅଚ୍ୟୁତ ନାଏକ ଅତିଥି ପରିଚୟ,ଜର୍ଜ ଲୁଗୁନ ସ୍ୱାଗତ ଭାଷଣ ଦେଇଥିବା ବେଳେ, ନିଖିଳ ଚନ୍ଦ୍ର ଧୂରୁଆ ଧନ୍ୟବାଦ ଦେଇଥିଲେ ।ଏହି ଅବସରରେ ବିଭିନ୍ନ ପ୍ରକାର ଆଦିବାସୀ ନୃତ୍ୟ,ଗୀତ ପରିବେଷଣ କରାଯାଇଥିଲା ।କାର୍ଯ୍ୟକ୍ରମ ଆୟୋଜନରେ ଜଲେନ ଲୁଗୁନ, କପିଳ କିସାନ, ପ୍ରଦୀପ କିସାନ, ଭଗବାନ ନାଏକ,ଅକ୍ଷୟ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ ।

## ଆଦିବାସୀମାନଙ୍କ ପାରମ୍ପରିକ ଜ୍ଞାନର ସଂରକ୍ଷଣରେ ମହିଳାଙ୍କ ଭୂମିକା

ବଲାଙ୍ଗିର,୧୨।୮ (ନିପ୍ର) ଆଦିବାସୀ ସମନ୍ୱୟ ସମିତି ଓ ଆଦିବାସୀ ଅଧିକାର ମହାସଂଘ ର ମିଳିତ ଆନୁକୁଲ୍ୟରେ ବିଶ୍ୱ ଆଦିବାସୀ ଦିବସ ସ୍ଥାନୀୟ ଶବରୀ ନାରାୟଣ ମନ୍ଦିର, ଇନ୍ଦିରାନଗର ଠାରେ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ଆଦିବାସୀଙ୍କର ଦେବାଦେବୀ ଓ ମହାନ୍ ସ୍ୱାଧିନତା ସଂଗ୍ରାମୀମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଦମୟନ୍ତି କୁମୁରାଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାରେ ସମ୍ମାନିତ ଅତିଥି ରୂପେ ଦ୍ୱିଜ ଦଳପତି, କାଳିନ୍ଦୀ ମାଝି, ରାସହାସ ବିହାରୀ ଭୋଇ ମଂଚାସିନ ଥିବା ବେଳେ ଯଥା ବିଶ୍ୱାଳ ସଭା ପରିଚାଳନା କରିଥିଲେ। ସଭାରେ ଆଦିବାସୀମାନଙ୍କର ଅଧିକାର ଓ ସଂରକ୍ଷଣ ଉପରେ ମତାମତ ଉପସ୍ଥାପନ କରିଥିଲେ । ଏଥି ସହିତ ଆଦିବାସୀମାନଙ୍କର ପାରମ୍ପରିକ ଜ୍ଞାନ କୌଶଳର ସଂରକ୍ଷଣ ଏବଂ ଏହାର ପ୍ରସାରରେ ଆଦିବାସୀ ମହିଳାମାନଙ୍କ ଭୂମିକା ଉପରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ଶତାଧିକ ମହିଳା ଅଂଶ ଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ ।

## 'ନୂଆଁଖାଇ ଉପଲକ୍ଷେ ମନ୍ଦିରମାନଙ୍କୁ ରଙ୍ଗ ଏବଂ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯାଉ'

ବଲାଙ୍ଗିର,୧୨।୮ (ନିପ୍ର): ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ମାଁ ସମଲେଶ୍ୱରୀ ମନ୍ଦିର ଓ ମାଁ ପାଟଣେଶ୍ୱରୀ ମନ୍ଦିର ସାଜସଜ୍ଜା, ରଙ୍ଗ ଦେବା ଏବଂ ସ୍ୱତନ୍ତ୍ର ପ୍ୟାକେଜ ପ୍ରଦାନ କରାଯାଉ । ଉପ-ଜିଲ୍ଲାପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୋତ୍ତର ବଲାଙ୍ଗିର କାର୍ଯ୍ୟାଳୟକୁ ଯାଇ ଦେବାଳୟ ସୁରକ୍ଷା କମିଟି ଏବଂ କୋଶଳ ସେନାର କର୍ମକର୍ତ୍ତାମାନେ ୫ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ସମଲେଇଶ୍ୱରୀ ମନ୍ଦିରର ଗୁମ୍ଭଜରେ ଫାଟ ସୃଷ୍ଟି ହୋଇ ପାର୍ଶ୍ୱ ଦେବା ଦେବି ବିଗ୍ରହ ଫାଟ ସୃଷ୍ଟି ହୋଇଛି । ବଲାଙ୍ଗିର ମାଁ ପାଟଣେଶ୍ୱରୀ ଗମ୍ଭିର ଘରର ପାଣି ଝରୁଥିବା ବେଳେ ମାଁ ଙ୍କ ସିଂହାସନ ଫାଟ ସୃଷ୍ଟି ହେଲାଣି । ମାଁଙ୍କ ମକୁଟ ମଧ୍ୟ ଫାଟି ଯାଇଛି । ଏହା ଏକ ଅଶୁଭ ସଂକେତ ବୋଲି ବଲାଙ୍ଗିର ଭକ୍ତମାନେ ସୁଚାଉଛନ୍ତି । ତେଣୁ ଜିଲ୍ଲାର ଜନସାଧାରଣ ଧର୍ମ ଭାବନା ଓ ପ୍ରାଚୀନ ସଂସ୍କୃତି ଓ ପରଂପରା ରକ୍ଷା ପାଇଁ ଆମେ ପୂଣି ନିମ୍ନଲିଖିତ ଦାବି ଉପସ୍ଥାପନ କରିଛନ୍ତି । ମାଁ ସମଲେଶ୍ୱରୀ ମନ୍ଦିର ଗର୍ଭଗୃହ ଓ ବେଢା ଚାରିପାର୍ଶ୍ୱ ଫାଟ ସୃଷ୍ଟି ହେଲାଣି । ନୂଆଁଖାଇ ପୂର୍ବରୁ ସମଲେଇ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ସ୍ୱତନ୍ତ୍ର ଭାବରେ ରଙ୍ଗ ଏବଂ ସାଜସଜ୍ଜା କରାଯାଉ। ମାଁ ପାଟଣେଶ୍ୱରୀ ମନ୍ଦିର ସିଂହାସନ ଏବେ ଫାଟ ସୃଷ୍ଟି ହେଉଛନ୍ତି ମାଁ ପାଟଣେଶ୍ୱରୀ ମନ୍ଦିର ରୋଷଇ ଶାଳା ନ ଥିବାରୁ ମନ୍ଦିର ପାର୍ଶ୍ୱରେ ରନ୍ଧା ହେଉଛି । ଅତି ଶିଘ୍ର ରୋଷଇ ଶାଳା ଓ ପାଣି ବ୍ୟବସ୍ଥା କରାଯାଉ । ଚାରି ପାର୍ଶ୍ୱର ଝରକା କବାଟକୁ ଶିଘ୍ର ବଦଳାଯାଉ। ମାଁ ପାଟଣେଶ୍ୱରୀ ମନ୍ଦିର ନାଳି ବ୍ୟବସ୍ଥା ଓ ଜବର ଦଖଲ ଉଚ୍ଛେଦ କରାଯାଉ ।

# ବିକାଶ ତରଫରୁ ୧କି.ମି. ଦୈର୍ଘ୍ୟ ତ୍ରିରଙ୍ଗା ପତାକା ନେଇ ଶୋଭାଯାତ୍ରା




ବରଗଡ଼, ୧୨।୮(ନି.ପ୍ର): ସ୍ୱାଧୀନତାର ୭୫ତମ ବର୍ଷ ଉପଲକ୍ଷେ ସମଗ୍ର ଭାରତବର୍ଷ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନର ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଂଚାଇବା ଉଦ୍ଦେଶ୍ୟରେ ବିକାଶ ଗ୍ରୁପ୍, ବରଗଡ଼ ତରଫରୁ ଏକ ଐତିହାସିକ ତ୍ରିରଙ୍ଗା ମାର୍ଚ୍ଚ୍ ଅନୁଷ୍ଠିତ ହୋଇଛି ବୋଲି ଏହାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି.ନାଗେଶ୍ୱର ରାଓ ଜଣାଇଛନ୍ତି। ଚେୟାରମେନ୍ ଡି.ମୂରଲୀ କ୍ରୀଷ୍ଣାଙ୍କ ନେତୃତ୍ୱରେ ଆୟୋଜିତ ଏହି ମାର୍ଚ୍ଚ୍ ସକାଳ ପ୍ରାୟ ୭.୩୦ରେ ଲେଙ୍ଗୁ ମିଶ୍ର ଛକଠାରୁ ଆରମ୍ଭ ହୋଇଥିଲା। ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ୍ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଜି ଭାରତୀୟ ଭାବରେ ସେ ଗର୍ବିତ, କାହିଁକି ନା ବରଗଡ଼ଠାରେ ଏପରି ଏକ ଆୟୋଜନରେ ନିଜକୁ ସାମିଲ କରିପାରିଛନ୍ତି ବୋଲି ପ୍ରକାଶ କରିଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ବରିଷ୍ଠ ରାଜନୀତିଜ୍ଞ ପ୍ରସନ୍ନ ଆଚାର୍ଯ୍ୟ ଦେଶମାତୃକା ପାଇଁ ବିକାଶ ପରିବାରର ଏପରି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଦୀପ ଦେବତା, ଅଶ୍ୱିନୀ ଷଡ଼ଙ୍ଗୀ ଏବଂ ନିପନ ଦାଶ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏହି ମାର୍ଚ୍ଚ୍‌ରେ ୧କି.ମି. ଦୈର୍ଘ୍ୟବିଶିଷ୍ଟ ତ୍ରିରଙ୍ଗା ପତାକାକୁ ଲେଙ୍ଗୁ ମିଶ୍ର ଛକ ରୁ ବାହାର କରି ଗଣପତି ହୋଟେଲ୍ ପର୍ଯ୍ୟନ୍ତ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଅଣାଯାଇଥିଲା। ବିକାଶ ଛାତ୍ରଛାତ୍ରୀମାନେ ଲେଙ୍ଗୁ ମିଶ୍ର ଛକ, ଥାନା ଛକ, ଗୌରପଡ଼ା ଛକ, କଚେରୀ ଛକ, ପ୍ରାଇଭେଟ୍ ବସ୍‌ଷ୍ଟାଣ୍ଡ, ଗୁରୁଦ୍ୱାରା ଛକ ପ୍ରଭୃତି ସ୍ଥାନରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରଗଡ଼ ତଥା ଏହି ପାଖାପାଖି ଅଂଚଳରୁ ୨୫,୦୦୦ ରୁ ଅଧିକ ଲୋକ ସ୍ୱତଃସ୍ଫୁର୍ତ୍ତ ଭାବରେ ନାଚଗୀତ ମାଧ୍ୟମରେ ତ୍ରିରଙ୍ଗା ସହିତ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ବିଶାଳ ଶୋଭାଯାତ୍ରା ବରଗଡ଼ର ଲେଙ୍ଗୁ ମିଶ୍ର ଛକରୁ ଆରମ୍ଭ ହୋଇ ଗଣପତି ହୋଟେଲ୍ ପର୍ଯ୍ୟନ୍ତ ସହସ୍ରାଧିକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବରେ ଆନନ୍ଦ, ଉତ୍ସାହ, ଉଦ୍ଦୀପନା ସହ ଯୋଗଦାନ କରି ଏହାର ମହାନ ଉଦ୍ଦେଶ୍ୟକୁ ସଂଫଳ କରିବାରେ ସହଯୋଗ କରିଥିବାରୁ ଚେୟାରମେନ୍ ଶ୍ରୀ ଡି.ମୂରଲୀ କ୍ରୀଷ୍ଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ତ୍ରିରଙ୍ଗା ମାର୍ଚ୍ଚରେ ୩୦ରୁ ଉର୍ଦ୍ଧ୍ୱ ସାମାଜିକ ସଂଗଠନ, ବରଗଡ଼ର ଅନେକ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ସାମ୍ବାଦିକ ବନ୍ଧୁମାନଙ୍କର ଯୋଗଦାନ ଭାଇଚାରାର ବାର୍ତ୍ତା ବହନ କରି ଏହାକୁ ଆହୁରି ମହତ୍ୱପୂର୍ଣ୍ଣ କରିଥିଲା ବୋଲି ସେ ପ୍ରକାଶ କରିଛନ୍ତି।

ସଂପାଦକୀୟ

# ରାଜଦ୍ରୋହ

ଗତବର୍ଷ ଦେଶରେ ପାଂଚଟି ରାଜ୍ୟର ନିର୍ବାଚନ ପୂର୍ବରୁ ବରିଷ୍ଠ ସାମ୍ବାଦିକ ଶ୍ରୀ ବିନୋଦ ଦୁଆ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଭର୍ତ୍ସନା କରିଥିଲେ । ଶ୍ରୀ ଦୁଆ ପାଂଚ ମିନିଟ୍ ଫଂଇଚାଳିସ ସେକେଣ୍ଡର ଏକ ୟୁଟ୍ୟୁବ ଭିଡିଓ ଜାରିକରି ପ୍ରଚାର କରିଥିଲେ ଯେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କରୋନା ସଂକ୍ରମଣକୁ ପ୍ରତିହତ କରିବାରେ ସଂପୁର୍ଣ୍ଣ ବିଫଳ ହୋଇଛନ୍ତି । ଦେଶର ଚିକିତ୍ସାଳୟ ଗୁଡିକରେ ସଠିକ କରୋନା ପରୀକ୍ଷା କରାଯାଉ ନାହିଁ, ଚିକିତ୍ସକଙ୍କ ନିକଟରେ ଯଥେଷ୍ଟ ପରିମାଣରେ ପିପିଇ କିଟ ନାହିଁ, ଚିକିତ୍ସାଳୟ ଗୁଡିକରେ ଭେଂଟିଲେଟରର ସୁବିଧା ନାହିଁ, କରୋନାରେ ସଂକ୍ରମିତ ରୋଗୀମାନେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି, ଫଳରେ ବହୁ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି । ଏପରି ସ୍ଥଳେ ପ୍ରଧାନମନ୍ତ୍ରୀ ଶବର କୁଢା ଉପରେ ଦଣ୍ଡାୟମାନ ହୋଇ ଭୋଟ ଭିକ୍ଷା କରିବା ଲଜ୍ଜାଜନକ କଥା । ପ୍ରଧାନମନ୍ତ୍ରୀ ମୃତ୍ୟୁର ଆତଙ୍କ ସୃଷ୍ଟି କରୁଛନ୍ତି । ଏହି ପ୍ରକାରର ଦୃଶ୍ୟଶ୍ରାବ୍ୟ ଜାରିକରିବା ଆଦୌ ଶୋଭନୀୟ ନୁହେଁ ବୋଲି କହି ସଚେତନ ନାଗରିକ ମତପୋଷଣ କରିଥିଲେ । ଏହାଦ୍ୱାରା ସରକାରଙ୍କର ବିରୁଦ୍ଧରେ ଜନସାଧାରଣ ହିଂସା ଆଚରଣ କରିବା ପାଇଁ ପ୍ରୋତ୍ସାହିତ ହେବେ । ଏଣୁ ବିନୋଦ ଦୁଆଙ୍କ ବିରୁଦ୍ଧରେ ହିମାଚଳ ପ୍ରଦେଶର ସିମ୍ଲାଠାରେ ଥିବା କୁମାରସେଁ ଥାନାରେ ଶ୍ରୀ ଅଜୟ ଶ୍ୟାମ ନାମକ ଜନୈକ ବ୍ୟକ୍ତି ଏତଲା ଦାୟର କରିଥିଲେ । ଅଜୟ ଏତଲାରେ ଉଲ୍ଲେଖ କରିଥିଲେ ଯେ ବିନୋଦ ଦୁଆଙ୍କ ଆରୋପ ମିଥ୍ୟା, ଭିତିହୀନ ଓ କପୋଳକଳ୍ପିତ । ପ୍ରଧାନମନ୍ତ୍ରୀଙ୍କ ପ୍ରତି କେବଳ ଅସୂୟା ପ୍ରଣୋଦିତ ହୋଇ ଏପରି ଏକ କୁତ୍ସିତ ଦୃଶ୍ୟଶ୍ରାବ୍ୟ ପ୍ରଚଳନ କରାଯାଇଛି । ଏହା ଏକ ରାଜଦ୍ରୋହ ମାମଲା । ଏଣୁ ଶ୍ରୀ ବିନୋଦ ଦୁଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ସଂପୃକ୍ତ ଥାନାର ତଦନ୍ତକାରୀ ପୋଲିସ ଅଧିକାରି ଶ୍ରୀ ବିନୋଦ ଦୁଆଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ଧାରା ୧୨୪ (କ), ୨୬୮, ୫୦୧ ଓ ୫୦୫ ରେ ମୋକଦ୍ଦମା ରୁଜୁ କରି ତାଙ୍କୁ ଥାନାରେ ହାଜର ହୋଇ ତଦନ୍ତରେ ସହଯୋଗ କରିବା ପାଇଁ ନୋଟିସ ଜାରି କରିଥିଲେ ।

ଏହି ନୋଟିସ ବିରୁଦ୍ଧରେ ବିନୋଦ ଦୁଆ ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇଥିଲେ । କେନ୍ଦ୍ର ସରକାରଙ୍କୁ ପକ୍ଷ କରି ସେ ଦରଖାସ୍ତରେ ଉଲ୍ଲେଖ କରିଥିଲେ, ସେ କୌଣସି ରାଜଦ୍ରୋହ କରିନାହାନ୍ତି । ଦେଶର ନାଗରିକ ତଥା ସାମ୍ବାଦିକ ମାନଙ୍କର ସ୍ୱାଧୀନ ମତପୋଷଣ କରିବାର ଅଧିକାର ଅଛି । ଏଣୁ ତାଙ୍କ ବିରୁଦ୍ଧରେ ଯେଉଁ ରାଜଦ୍ରୋହ ମାମଲା ରୁଜୁ କରାଯାଇଛି ତାହାକୁ ରଦ୍ଦ କରାଯାଉ । ବିନୋଦ ଦୁଆଙ୍କ ସହିତ ଅନ୍ୟ କେତେ ଜଣ ସାମାଜିକ କର୍ମି ମଧ୍ୟ ସର୍ବୋଚ୍ଚ ନ୍ୟାୟଳୟରେ ଜନହିତ ଦରଖାସ୍ତ ଦାୟର କରି ୧୨୪(କ) ଧାରାର ସାମ୍ବିଧାନିକ ଔଚିତ୍ୟକୁ ସମାପ୍ତ କରିବା ପାଇଁ ଆବେଦନ କରିଥିଲେ । ସେମାନଙ୍କ ମତରେ ଏହି ଧାରା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯(୧) (କ) ରେ ପ୍ରଦତ ଅଭିବ୍ୟକ୍ତିର ସ୍ୱାଧୀନତାକୁ ଉଲ୍ଲଙ୍ଘନ କରୁଛି । ଏକ ସଭ୍ୟ ସମାଜରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ କଣ୍ଠରୋଧ କରାନଯାଉ । ସର୍ବୋଚ୍ଚ ନ୍ୟାୟଳୟର ଖଣ୍ଡପୀଠ ଏହାକୁ ଗ୍ରହଣ କରି କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନୋଟିସ ଜାରି କରିଥିଲେ । ସର୍ବୋଚ୍ଚ ନ୍ୟାୟଳୟ କେନ୍ଦ୍ର ସରକାରଙ୍କ ଓକିଲ ଆର୍ଟର୍ଣି ଜେନେରାଲଙ୍କୁ ପ୍ରଶ୍ନ କରିଥିଲେ ଯେ ଏହି ୧୨୪(କ) ଧାରା ପରାଧୀନତା କାଳରେ ଇଂରେଜମାନେ ମହାତ୍ମାଗାନ୍ଧୀ, ଗୋଖଲେ, ତିଳକ ଆଦିଙ୍କ ବିରୁଦ୍ଧରେ ରୁଜୁକରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଆନ୍ଦୋଳନକୁ ରାଜଦ୍ରୋହ ବିବେଚନା କରିଥିଲେ ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସ୍ୱାଧୀନତାର ୭୫ ବର୍ଷ ପରେ ଏହି ଧାରା ବଳବତର ରହିବା କେତେଦୂର ରହିବା ଯଥାର୍ଥ ?

ଆର୍ଟର୍ଣି ଜେନେରାଲ ଶ୍ରୀ ବେଣୁଗୋପାଳ ଏହି ଧାରାର ଔଚିତ୍ୟକୁ ପ୍ରତିପାଦନ କରି କହିଥିଲେ ଯେ କେତେଜଣ ଦେଶ ବିଘଟନ କାରୀ ବ୍ୟକ୍ତି ଅଭିବ୍ୟକ୍ତି ସ୍ୱାଧୀନତା ନାମରେ ସରକାରଙ୍କୁ କୁତ୍ସାରଟନା କରବା ସହିତ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏଣୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ଧାରାର ଅପପ୍ରୟୋଗ ଉପରେ ଅାଙ୍କୁଶ ଲଗାଇବା ପାଇଁ ମାର୍ଗଦର୍ଶିକା ଜାରିକରିପାରିବେ । ସର୍ବୋଚ୍ଚ ନ୍ୟାୟଳୟ ଉଭୟ ପକ୍ଷରୁ ଶୁଣାଣି କରି ୧୯୬୨ ମସିହା ଜାନୁଆରୀ ୨୦ ତାରିଖରେ ପ୍ରକାଶ ପାଇଥିବା ସର୍ବୋଚ୍ଚ ନ୍ୟାୟଳୟ ପାଂଚ ସଦସ୍ୟ ବିଶିଷ୍ଟ ସାମ୍ବିଧାନିକ ଖଣ୍ଡପୀଠ କେଦାରନାଥ ସିଂହ ବନାମ ବିହାର ସରକାର ର ରାୟକୁ ଉର୍ଦ୍ଧୃତ କରିଥିଲେ । ଏହି ରାୟରେ ସ୍ପଷ୍ଟ ଉଲ୍ଲେଖ ଥିଲା ଯେ ଯେଉଁମାନେ ସମାଜରେ ହିଂସାକୁ ଉସକାଇବେ ତଥା ସାର୍ବଜନୀନ ଶାନ୍ତି ଭଙ୍ଗ କରିବେ ସେମାନଙ୍କ ବିରୁଦ୍ଧରେ ଏହି ପିଙ୍ଗଳ କୋଡ ଧାରା ୧୨୪(କ) ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ । କିନ୍ତୁ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ବ୍ୟକ୍ତି ବିରୁଦ୍ଧରେ ରାଜଦ୍ରୋହ ମାମଲା ରୁଜୁ ହୋଇପାରିବ ନାହିଁ । ଏହା ବ୍ୟକ୍ତିର ଅଭିବ୍ୟକ୍ତିର ସ୍ୱାଧୀନତାକୁ ବିରୁଦ୍ଧାଚରଣ କରୁଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ଏହି ପରିପେକ୍ଷିରେ ଜାମ୍ମୁକାଶ୍ମିର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ଫାରୁକ ଅବଦୁଲ୍ଲାଙ୍କ ବିରୁଦ୍ଧରେ ରାଜଦ୍ରୋହ ମାମଲାକୁ ଖାରଜ କରିଦେଇଥିଲେ । ଶେଷରେ ବିନୋଦ ଦୁଆଙ୍କ ଦରଖାସ୍ତ ଉପରେ ଶୁଣାଣି କରି ମାନ୍ୟବର ଅଦାଲତ ଦରଖାସ୍ତକୁ ମଞ୍ଜୁର କରିଥିଲେ ।

ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏହିପରି ରାଜଦ୍ରୋହ ଆଇନକୁ ରଦ୍ଦ କରିଦେଇଛନ୍ତି । ପ୍ରକାଶ ଥାଉକି ଏହି ରାଜଦ୍ରୋହ ମାମଲା ପରିଚାଳନା ସମୟରେ ଆର୍ଟର୍ଣି ଜେନେରାଲ ଯେଉଁ ମହତ୍ୱପୂର୍ଣ୍ଣ ଜବାବ ସୁଆଲ କରିଥିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେତେଜଣ ଦେଶ ବିଘଟନ କାରି ବ୍ୟକ୍ତି ବା ସଂଗଠନର ମୁଖିଆମାନେ ସରକାରଙ୍କୁ କୁତ୍ସାରଟନା କରିବା ସହିତ ଦେଶବିରୋଧୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୁଦ୍ଧରେ କେଉଁ ମାମଲା ରୁଜୁ ହେବ ? ଦେଶର କେତେକ ସ୍ଥାନରେ ବିଘଟନକାରି ଶକ୍ତିମାନେ ପଡୋଶୀ ଶତ୍ରୁ ଦେଶକୁ ମୁକ୍ତ କଣ୍ଠରେ ପ୍ରଶଂସା କରୁଛନ୍ତି, ସେହି ଦେଶ ସପକ୍ଷରେ ଶ୍ଳୋଗାନ ଦେଉଛନ୍ତି ଓ ଭାରତ ବିରେଧୀ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ପଡୋଶୀ ଶତ୍ରୁ ଦେଶର ବିଜୟରେ ଏଠାରେ ବାଣ ଫୁଟାଯାଇ ଉତ୍ସବ ଆୟୋଜନ ହେଉଛି । ତାହା କଣ ରାଜଦ୍ରୋହ ନୁହେଁ ? ଗତ ୭୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏହି ଧାରା ବଳରେ ଅନେକ ମୋକଦ୍ଦମା ରୁଜୁ କରିଛନ୍ତି । କେବଳ ଗତ ଦଶନ୍ଧି ମଧ୍ୟରେ ଦେଶରେ ସର୍ବମୋଟ ୮୩୮ ଟି ରାଜଦ୍ରୋହ ମାମଲା ରୁଜୁ ହୋଇଛି । ୨୦୧୦ ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ୨୭୯ ମାକଦ୍ଦମା ଓ ୨୦୧୪ ରୁ ୨୦୨୦ ମଧ୍ୟରେ ୫୫୯ ରାଜଦ୍ରୋହ ମୋକଦ୍ଦମା ରୁଜୁ ହୋଇଛି । ଏଥିରୁ ଏପର୍ଯ୍ୟନ୍ତ କେବଳ ୧୦ ଟି ମୋକଦ୍ଦମାରେ ଅଭିଯୁକ୍ତ ଦଣ୍ଡନୀୟ ହୋଇଛନ୍ତି ।

# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭାତ ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି, କଳକାରଖାନାମାନଙ୍କର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜାମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜାକୁ ଆମ ସଂସ୍କୃତିର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥୁଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞ୍ୟାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀ

**ଅକ୍ଷୟ କୁମାର ରାଉତ**

ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜାକୁ ଆହୁରି ଋଦ୍ଧି ମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ, ରାବଣର ଅଶୋକ ବାଟିକା , ବାଳିର ମଧୂବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି ।

ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର ।

ଆଗକାଳେ ଯିଏ ଘରଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା
ଜୀବ ଜଗତ ସର୍ବେ ହୋଇବେ ରକ୍ଷା

**ପାରାଦ୍ୱୀପ ଗଡ଼ , କୁଜଙ୍ଗ ,ଜଗତସିଂହପୁର**

# କାଳର ବଂଶୀରେ ଅକାଳର ଧ୍ୱନି

ଦୁଇ ମିନିଟ୍ର ନୀରବ ପ୍ରାର୍ଥନା, ଅଶ୍ରୁଳ ଶ୍ରଦ୍ଧାଞ୍ଜଳି, 'ରେଷ୍ଟ ଇନ ପିସ୍', ଓଁ ଶାନ୍ତି ଆଉ 'ଅମର ଆତ୍ମା ଶାନ୍ତିରେ ରହୁ' ଏହି ଶବ୍ଦ ସହିତ ଏବେ ଆମେ ଅତି ଆବେଗରେ ସଂପର୍କ ଯୋଡ଼ି ବସିଛୁ ଯାହା ଆମକୁ ଏ ଅକାଳରେ ଆତ୍ମଘାତୀ କରୋନା ଶିଖାଇ ଦେଇଛି । ଖବର କାଗଜରେ ଶ୍ରଦ୍ଧାଞ୍ଜଳିରେ ପ୍ରକାଶିତ ଫଟୋ ଆଉ ଶୋକ ଖବର ଆମକୁ ଗଭୀର ଭାବରେ ସତରେ ମର୍ମାହତ କରି ଦେଇଛି । ପରିବାରରୁ କେହି ଜଣେ ଅନ୍ତର୍ହିତ ହୋଇଗଲେ ଆମେ ପରିବାର ସଦସ୍ୟ ଆଉ ବନ୍ଧୁ ବାନ୍ଧବମାନେ ଶୋକାକୁଳ ହେଇଯାଉ, ଆତ୍ମୀୟମାନେ ଅନ୍ତର ଫଟାଇ କାନ୍ଦନ୍ତି, ଆଉ ଶୋକରେ ଭସାଇ ଚାଲିଗଲେ ବୋଲି କହୁ– ସେ ବେଳର ଆଖିର ଲୁହ, ଅନ୍ୟବେଳର ଲୁହ ଗଡ଼ିବା ଭିତରେ ଆକାଶ ପାତାଳ ତଫାତ, କିନ୍ତୁ ଘର ଭିତରେ ଜଣକର ଅନୁପସ୍ଥିତି ବେଶ୍ ବାଧେ । ବେଳେବେଳେ ମନକୁ ଉଦ୍‌ବୋଧନ ଦିଏ ଏଇ ମଣିଷ ଯେଉଁ ନିରନ୍ତର ନିଷ୍ଠୁର ସତ୍ୟକୁ କେହି ଏଡ଼ାଇପାରେ ନାହିଁ । ଭାବିନେଉ ଆଉ ମନକୁ ସାନ୍ତ୍ୱନା ଦେଇ ଏମିତି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି ଦେବତା ହୋଇଲେ ମରଇ...' କହୁ ଏଇ ବିପଦ କାଳରେ ସ୍ୱର୍ଗାରୋହଣ କରୁଥିବା ବ୍ୟକ୍ତିମାନେ ଯେଉଁମାନଙ୍କର ଆକସ୍ମିତ ବିୟୋଗ ଘଟୁଛି ସେମାନେ ନିଜେ ପରିବାରର ମୁହଁ ନ ଦେଖି ଚାଲିଯାଉଛନ୍ତି, ତା'ର ହିସାବ କିଏ ବା ରଖିଛି । କେବଳ ତାଙ୍କ ପ୍ରତି ଦୁଇଟୋପା ଲୁହ ଗଡ଼ାଇବା ସହ ମଣିଷ ନିଜକୁ କେମିତି କାଷ୍ଠ ପାଷାଣ ଭଳି ଏ ଖବର ଶୁଣି ଜଡ଼ ପାଲଟି ଯାଉଛି ।

ଏ କାଳଖଣ୍ଡରେ ବାସ୍ତବିକ ଏପରି ଅଭାବନୀୟ ଘଟଣା, ଚହଲି ଯାଉଛି ମାଟି, ମୁଣ୍ଡ ଉପରେ ବଜ୍ରପାତ ହେଲା ପରି ଲାଗୁଛି । କୁଢ଼ କୁଢ଼ ଶବ ସତ୍କାର ଅପେକ୍ଷାରେ ଏହା କ'ଣ ସତରେ କାଳର କୁଟିଳ ଗତି ? ପ୍ରକୃତରେ କ'ଣ ଏହା ମହାକାଳର ଇଙ୍ଗିତରେ ଚାଲିଛି ସାରା ବିଶ୍ୱରେ ମୃତ୍ୟୁର ମହୋତ୍ସବ ? ଆଉ ଯେଉଁଥିରେ ଶୀକାର ହେଉଛନ୍ତି ଭଗବାନଙ୍କ ହାତରେ ଗଢ଼ା ଅମୃତସ୍ୟ ପୁତ୍ରମାନେ ! ଆଉ 'ଅମୃତ' ନାହିଁ– ଭୂତାଣୁ ଦଂଶିଥିବା ଗରଳରେ ଡହଳ ବିକଳ ହେଉଛି ଆଉ କାହାର କେଉଁ ମୁହୂର୍ତରେ ପାଳି ପଡ଼ିବ ଏକଥା କିଏ ବା ଜାଣେ ? ଏ ବେଳରେ ଅଧିକ ଆଶା ଆଶଙ୍କା ଭିତରେ ଜୀବନ ସ୍ରୋତ ଧାଉଁଛି କିପରି ! ସତେ କ'ଣ ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ ? ତେବେ ଏ ମଣିଷ କିଏ କି ? ପ୍ରାଣୀମାନେ ମାନସିକତାର ଅଧିକାରୀ ହୋଇ ମାନବ ହୋଇଗଲେ । ଆଉ ଆଜିର ତଥାକଥିତ ମଣିଷ ହେଉଛନ୍ତି ମନୁଙ୍କ ପୁତ୍ର । ତେଣୁ ସେ ସକଳ ପ୍ରାଣୀଠାରୁ ସର୍ବଶ୍ରେଷ୍ଠ । ଯେବେଠାରୁ ମାନବର ବିଶ୍ୱ ପ୍ରତି ଆତ୍ମୀୟତା ବଢ଼ିଛି ସେ ହୋଇଛି ତା'ର ଅତି ନିଜର । ବିଶ୍ୱ ହେଉଛି ଆମର ପରିବାର । ଏ କଥା ବି ସତ୍ୟ ଯେ ଏ ବିଶ୍ୱ କାହା ପାଇଁ ଚିରଦିନ ଆଶ୍ରୟସ୍ଥଳୀ ହୋଇ ନପାରେ, ତେଣୁ କୁହାଯାଇଛି– "ଚିରଦିନ ଲାଗି କାହାରି ନୁହଁନ୍ତି କର୍ମ ଭୂମି ବସୁନ୍ଧରା ।"

କିନ୍ତୁ ଏ ଜୀବ ଓ ଜୀନର ମୂଳାଧାର ହେଉଛନ୍ତି ବିଶ୍ୱ ନିୟନ୍ତା ଭଗବାନ, ତାଙ୍କର ଦୁଇଟି ପ୍ରକୃତି ଅଛି ଗୋଟିଏ ପରା ଓ ଅନ୍ୟଟି ଅପରା ପ୍ରକୃତି– ମହାସମରରେ ଅର୍ଜୁନଙ୍କୁ ସେ କହନ୍ତି– ଶ୍ରୀମଦ୍ ଭାଗବତଗୀତାର ସପ୍ତମ ଅଧ୍ୟାୟ । ଶ୍ଳୋକ ସଂଖ୍ୟା ୫ରେ ବର୍ଣ୍ଣିତ

**ଡ. କିଶୋର ମହାନ୍ତି**

ହୋଇଛି, "ହେ ମହାବାହୁ, ମୋର ଏହି ଅପରା ପ୍ରକୃତି ବା ନିଚତର ଶକ୍ତି ବ୍ୟତୀତ ମୋର ଏକ ପରା ପ୍ରକୃତି ବା ଉଚ୍ଚତର ଶକ୍ତି ଅଛି । ସେଗୁଡ଼ିକ ହେଉଛନ୍ତି ସମସ୍ତ ଜୀବ । ସେମାନେ ଭୂତପ୍ରକୃତି ସହିତ ଯୁଦ୍ଧ କରୁଛନ୍ତି ଏବଂ ଏ ଜଗତକୁ ଜୀବିତ ରଖିଛନ୍ତି । ଯିଏ ଯେଉଁ ସିଦ୍ଧାନ୍ତରେ ପହଂଚୁନା କାହିଁକି, ଏକଲା ଆମକୁ ମାନିନେବାକୁ ହେବ ଯେ ଜୀବନର ଶେଷବିନ୍ଦୁ ଯେଉଁଠି ଛୁଏଁ ସେଇଟି ଘଟେ ବିରାମ । ଶେଷଯାତ୍ରାଥାଏ ମୃତ୍ୟୁ ଆଡ଼କୁ । ଯେଉଁଠି ପ୍ରବେଶ ଥାଏ ସେଇଠି ମଧ୍ୟ ପ୍ରସ୍ଥାନ ଥାଏ । ଉଦୟ ଓ ଅସ୍ତର ରଙ୍ଗରେ ବର୍ଣ୍ଣିଳ ଏ ଜୀବନ– ଉଦୟ ହେଇଥିବା ଜୀବନ ଭେଟେ ଶେଷ ସୂର୍ଯ୍ୟାସ୍ତକୁ ।

ଗତିଶୀଳ ଜୀବନର ଏକାନ୍ତ ସତ୍ୟକୁ ମଣିଷ ଭୁଲି ଯାଇଥିଲେ ବି ତାକୁ ସ୍ମରଣ କରିଦିଏ କିଏ ପଛପଟୁ । ଯେଉଁ କାଳ ଆସେ ସେ ବଡ଼ କ୍ରୂରକାଳ, ମୃତ୍ୟୁ କେଉଁ ପଥ ଦେଇ ଆସେ କେହି ଜାଣିପାରେନା । ଏହି ରହସ୍ୟମୟ ଚେତନା ଭିତରେ ଉଙ୍କିମାରେ ଜୀବନ ଓ ମୃତ୍ୟୁ । ମୃତ୍ୟୁ ଆସେ କିନ୍ତୁ ଏପରି ବିରହ ରୂପ ଧରି ନୁହେଁ । କାଳ ବଡ଼ କୁଟିଳ, କାଳକୁ କେବଳ ଜୟ କରି ପାରିଛନ୍ତି ତ୍ରିକାଳଦର୍ଶୀ । ସାଧାରଣ ମାନବ ପାଖରେ ଏହା ସଂପୂର୍ଣ୍ଣ ଅସମ୍ଭବ । ଏହା ହେଇପାରେ ଆତ୍ମା ଓ ପରମାତ୍ମାଙ୍କର ଏକତାର ସୁମଧୁର ସଂଗୀତ । ଏଇ ପରିପ୍ରେକ୍ଷୀରେ ଗୋଟିଏ ଉକ୍ତି ମନକୁ ବେଶ୍ ଆନ୍ଦୋଳିତ କରେ– "ତୋର ମଙ୍ଗଳ ବିଧାନ, କରି ଅଛି ମରଣକୁ ଅମୃତ ସୋପାନ ।"

ସତ କହିବାକୁ ଗଲେ କରୋନା କାଳ ବଡ଼ କ୍ରୂର କାଳ । କେତେ ଯେ ପ୍ରାଣ ବିନା କାରଣରେ ଭୂମିରେ ଲୋଟିଗଲାଣି ତା'ର ଇୟତା ନାହିଁ । କେଉଁଠି ମା' ହରାଇଛି ତା' ଜନ୍ମିତ ଅବିହାଡ଼ା ଯବାନ ପୁଅକୁ, କୋଉଠି ମଥାରୁ ସିନ୍ଦୂର ପୋଛି ଦେଇଛି ସଧବାଟିଏ, ବିଧବା ସାଜିବାକୁ । କେଉଁଠି ବାଲୁତ ପୁଅଝିଅ ପିତୃମାତୃହରା ହୋଇ ବେସାହାରା ହୋଇ ରାଜରାସ୍ତାରେ ବୁଲୁଛନ୍ତି, ସେମାନଙ୍କର ଭବିଷ୍ୟତ କ'ଣ ସତରେ ଭାଗ୍ୟ ଲେଖିଛି । ଏହାକୁ କ'ଣ ମୃତ୍ୟୁ ସହ୍ୟ କରିପାରୁଛି । ସୃଷ୍ଟିକର୍ତାଙ୍କୁ ଗୋଟିଏ ପ୍ରଶ୍ନ କ'ଣ ପାଇଁ ଏମାନଙ୍କୁ ଏ ପୃଥିବୀରେ ଜନ୍ମ ଦେଇଥିଲେ କ'ଣ ଦୁଃଖକଷ୍ଟରେ ସନ୍ତୁଳି ହେବା ପାଇଁ ! ତେଣୁ ଏଇଠିମରଣକୁ ଅମୃତ ସୋପାନ କହିପାରିବା କି ? ମନରେ ଏକପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି । ହେବା ବି ସ୍ୱାଭାବିକ । କେତେ କେତେ ବିଶ୍ୱର ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଅକାଳରେ ବିୟୋଗ ହେଲା, ହୁଏତ ସେମାନେ ଆମକୁ ଏ ବିଶ୍ୱକୁ ନିଜର ନବ ନବ ସର୍ଜନାରେ ସବୁଜାୟିତ କରି ଦେଇଥାନ୍ତେ । ନବସ୍ୱର ଓ ସଙ୍ଗୀତରେ ଗୁଞ୍ଜରିତ ହୋଇଥାନ୍ତା ଏ ସସାଗରା ପୃଥିବୀ । କାହିଁ ସେମାନେ ତ ରହିଲେ ନାହିଁ । ଆମେ କ'ଣ ଏ ପୃଥିବୀରୁ ନାନ୍ଦନିକତା ଓ ସୌନ୍ଦର୍ଯ୍ୟବୋଧତାକୁ ଚିରଦିନ ହରଇ ବସିବା ! ବଡ଼ କଷ୍ଟ ଓ ଦୁଃଖ ଯନ୍ତ୍ରଣା ଦେଇଛି ଏହି କରୋନା କାଳ ସତେ ଯେମିତି ଏଠି ମୃତ୍ୟୁର ମହୋତ୍ସବ ହେଉଛି । ଅବା ମୃତ୍ୟୁର ପ୍ରୟୋଗଶାଳା ପାଲଟିଛି ଏ ବିଶ୍ୱ । ମଣିଷ ଭିତରୁ ଧୈର୍ଯ୍ୟ, ସାହସ ସବୁ ଯେମିତି ଅପସରି ଯାଉଛି । ମଣିଷ ନିଜକୁ ସଶକ୍ତ କରି ଛିଡ଼ା ହେବା ବଦଳରେ ନିଜେ ସ୍ଥାଣୁ ପାଲଟିଯାଉଛି । "କେହି ନାହାନ୍ତି ଆଉ ଭଲେ– ସମସ୍ତେ କାଳ ଗ୍ରସ୍ତେ ଗଲେ..." କୁଟିଳ ବଂଶୀସ୍ୱନ । ମରଣ ଯାତ୍ରାର ଆଦ୍ୟ ଝଙ୍କାର । କରୋନା କବଳିତ ମଣିଷ ଆଜି ନିରବ, ନିଥର, ଶ୍ୱାସରୁଦ୍ଧ । ମଣିଷ ପ୍ରତିନିୟତ ଶୁଣୁଛି କରୋନାର ଭୟଙ୍କର ପଦଧ୍ୱନି । ସେ ଆଜି ଆତଙ୍କିତ । ଭୟଭୀତ ଏ ଅନ୍ଧାରୀ ମୃତ୍ୟୁଶଯ୍ୟାରୁ ମୁକୁଳାଇବାକୁ କେହି ନାହିଁ, ଏ ଦୁଃଖଦ ମୁହୂର୍ତରେ । ସେ ଦରଦୀ କଣ୍ଠରେଡାକୁଛି– "ଭୁଜ ତଳେ ମୋତେ ରଖ ମହାବାହୁ, ବାହୁ ତଳେ ମୋତେ ରଖ..." ।

# ଅନ୍ ଲାଇନ୍ ଶିକ୍ଷାଦାନ

୨୦୨୦ ମସିହା ମାର୍ଚ୍ଚ ୧୭ ତାରିଖଠାରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ପ୍ରକ୍ରିୟା ବନ୍ଦ ଅଛି । ଏହା ଭିତରେ ମୂଲ୍ୟବାନ ସତର ମାସ ଅତିକ୍ରାନ୍ତ ହେବାକୁ ବସିଲାଣି । ଏମିତି ଆଉ କେତେ ମାସ ଆମ ଶିକ୍ଷା ଜଗତ ଅନ୍ଧକାରାଚ୍ଛନ୍ନ ରହିବ ତା'ର ଉତର ମଧ୍ୟ କାହା ପାଖରେ ନାହିଁ । କରୋନାର ପ୍ରଥମ ଲହର ଯାଇ ଦ୍ୱିତୀୟ ଲହର ଚାଲିଛି । ତୃତୀୟ ଢ଼େଉ ଆସୁଛି ବୋଲି ବିଶେଷଜ୍ଞଙ୍କ ମତ । ପ୍ରଥମ ଲହର ଯେତେ ମାରାତ୍ମକ ଥିଲା ଦ୍ୱିତୀୟଟି ଅଧିକ ପ୍ରାଣଘାତୀ ହୋଇ ଲୋକଙ୍କୁ ଏକ ଅଜଣା ଅକୁହା ଆତଙ୍କ ଭିତରକୁ ଠେଲି ଦେଇଥିବା ବେଳେ ତୃତୀୟ ଲହରର ଆଶଙ୍କା ଏକ ସଂକଟମୟ ସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ଚାଲିଛି । ଅନୁମାନ ଯଦି ସତ୍ୟ ହୁଏ ତେବେ ପିଲାମାନଙ୍କର ପାଠପଢାରେ ସର୍ବାଧିକ କ୍ଷତି ହେବ । ଏହାକୁ ଦୃଷ୍ଟିରେ ରଖି ଆମ ରାଜ୍ୟରେ ଆରମ୍ଭ ହୋଇଛି ଅନ୍ ଲାଇନ ଶିକ୍ଷାଦାନ । ଏହାର ବିଭିନ୍ନ ଦିଗ ସମ୍ପର୍କରେ ଆସନ୍ତୁ କିଛି ଆଲୋଚନା କରିବା । ପ୍ରଥମେ କୁହାଯାଇପାରେ ଏହା ସାମ୍ପ୍ରତିକ ସମୟର ଆହ୍ୱାନ । ପରିସ୍ଥିତିକୁ ମୁକାବିଲା କରିବାପାଇଁ ସାମୟିକ ପଦକ୍ଷେପ । ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ ନ୍ୟାୟରେ କିଛିଟା ଆଶ୍ୱାସନା । ହତାଶା ଭିତରେ ଆଶାର ଝଲକ । ପିଲାଙ୍କ ମନରେ କିଛି ପରିମାଣରେ ଭରସା ଭରିଦେବାର ପ୍ରୟାସ । କିନ୍ତୁ ରାଜ୍ୟର ଭୌଗୋଳିକ ଅବସ୍ଥା, ସାମାଜିକ ସ୍ଥିତି, ଲୋକଙ୍କର ଅର୍ଥନୈତିକ ମାନଦଣ୍ଡ, ଆବଶ୍ୟକୀୟ ଭିତିଭୂମିକୁ ନେଇ ବିଚାର କଲେ ଯୋଜନାର ସଫଳତା ସୁଦୂର ପରାହତ ।

ଜୁନ୍ ମାସ ୨୧ ତାରିଖଠାରୁ ରାଜ୍ୟରେ ୟୁ-ଟ୍ୟୁବ ମାଧ୍ୟମରେ ଆରମ୍ଭ ହୋଇଥିବା ଶିକ୍ଷାଦାନ ପ୍ରଣାଳୀ ଶୈକ୍ଷିକ ପରିବେଶକୁ କିଛିମାତ୍ରାରେ ଯେ ଅମ୍ଳଜାନ ପ୍ରଦାନ କରିଛି କହିବା ଭୁଲ ହେବନାହିଁ । କିନ୍ତୁ ଏହି ଅମ୍ଳଜାନର ସିଲିଣ୍ଡର ସବୁଠି ଉପଲବ୍ଧ ନୁହେଁ । କିଛି ସ୍ଥାନରେ ଉପଲବ୍ଧ କିନ୍ତୁ ବ୍ୟବହାର ପାଇଁ ସରଞ୍ଜାମ ନାହିଁ । ଆଉ କେଉଁଠି ସବୁ ଅଛି କିନ୍ତୁ ସଠିକ ସମୟରେ ଠିକଣା ଜାଗାରେ ପହଞ୍ଚି ପାରୁନି ।

ଯଦି ଅନ୍ ଲାଇନ ମାଧ୍ୟମରେ ଶିକ୍ଷାଦାନକୁ ଗଠନାତ୍ମକ ଦୃଷ୍ଟିରେ ବିଚାର କରାଯାଏ, ତେବେ ଯେଉଁ ଭଲ ଦିଗ ଗୁଡିକ ସାମନାକୁ ଆସେ ସେଗୁଡିକ ହେଲା – (୧) ପିଲାମାନେ ଯେଉଁ ପୂରା ସମୟକୁ ଖେଳକୁଦରେ କଟାଇ ଅମନଯୋଗୀ ହୋଇ ଯାଉଥିଲେ ତାହା ନଘଟି ପାଠରେ ମନ ଦେବେ । (୨) ଉନ୍ନତ ଜ୍ଞାନ କୌଶଳ ସହିତ ସେମାନେ ଯୋଡିହେବେ । (୩) ଭବିଷ୍ୟତରେ ଅନ୍ ଲାଇନ୍ ପରୀକ୍ଷା ପ୍ରତି କୌଣସି ଭୟ ରହିବ ନାହିଁ । ଅପରପକ୍ଷେ ୟୁ-ଟ୍ୟୁବ ଜରିଆରେ ଶିକ୍ଷାଦାନ ପିଲାମାନଙ୍କ ଉପରେ ଯେଉଁ ସବୁ କୁପ୍ରଭାବ ପକାଇବ ସେଗୁଡିକ ହେଲା – (୧) ଛାତ୍ରଛାତ୍ରୀଙ୍କ ଭିତରେ ବୈଷମ୍ୟ ବୃଦ୍ଧି ପାଇବ । (୨) ବହୁ ପିଲା ଏଥିରୁ ବଞ୍ଚିତ ହେବେ । (୩) ଦୀର୍ଘ ସମୟ ମୋବାଇଲ ବ୍ୟବହାର ଦ୍ୱାରା ଚକ୍ଷୁ ଉପରେ ପ୍ରଭାବ ପଡିବ । (୪) ପଠନ ଓ ଲିଖନ ଦକ୍ଷତା ହ୍ରାସ ହେବାର ସମ୍ଭାବନା ଅଛି । (୫) ଛୋଟପିଲାମାନେ ମୋବାଇଲକୁ ଅପବ୍ୟବହାର କରିପାରନ୍ତି । (୬) ସର୍ଜନଶୀଳତା ବାଧାପ୍ରାପ୍ତ ହେବ । (୭) ପରିବାର ଉପରେ ଆର୍ଥିକ ବୋଝ ବଢ଼ିବ । (୮) ପିଲାଙ୍କର ଦକ୍ଷତା ମାପରେ ସ୍ୱଚ୍ଛତା ରହିବ ନାହିଁ । (୯) ଶିକ୍ଷକ ଛାତ୍ର ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଦୁର୍ବଳ ହେବ ।

**ଅକ୍ଷୟ କୁମାର ମିଶ୍ର**

ଏହା ମଧ୍ୟ ସତ୍ୟ ଯେ କୌଣସି କାର୍ଯ୍ୟକ୍ରମରେ କିଛି ଭଲ କିଛି ମନ୍ଦ ଅବଶ୍ୟ ରହିବ । କିନ୍ତୁ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ସାଧିତ ହେବା ଜରୁରୀ । ଏଠାରେ ଅସଲ ଉଦ୍ଦେଶ୍ୟ ହେଲା ଯେତେବେଳେ ଶ୍ରେଣୀ କକ୍ଷରେ ଶିକ୍ଷାଦାନ ସମ୍ଭବ ହୋଇପାରୁ ନାହିଁ ସେତେବେଳେ ଅନ୍ ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ନିତ୍ୟାନ୍ତ ଅପରିହାର୍ଯ୍ୟ । ଏଇଥିପାଇଁ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ଦ୍ୱାରା ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୟୁ-ଟ୍ୟୁବ ଜରିଆରେ ଶିକ୍ଷାଦାନ ଚାଲିଛି । କିନ୍ତୁ ଉଦବେଗର ବିଷୟ ହେଉଛି ଏହି କାର୍ଯ୍ୟକ୍ରମ ସହିତ ଯୋଡି ହେଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ । ମାତ୍ର ୧୦ ରୁ ୧୫ ପ୍ରତିଶତ ଶିକ୍ଷାର୍ଥୀଙ୍କ ନିକଟରେ ଏହି ଆଭାସୀ ଶିକ୍ଷା ପହଂଚିପାରୁଛି । ଅବଶିଷ୍ଟ ପିଲା ବିଭିନ୍ନ କାରଣରୁ ପାଠପଢ଼ାରୁ ବଂଚିତ ହେଉଛନ୍ତି । ଏହାର କାରଣ ଗୁଡିକ ସମ୍ପର୍କରେ ଶାସକ, ପ୍ରଶାସକ, ସାଧାରଣ ଜନତା ପ୍ରାୟ ଊଣା ଅଧିକେ ସମସ୍ତେ ଅବଗତ । ତଥାପି ନଲେଖିଲେ ଆଲେଖ୍ୟଟି ଅପୂର୍ଣ୍ଣାଙ୍ଗ ରହିଯିବ ଭାବି ଉଲ୍ଲେଖ କରିବା ଉଚିତ ମଣୁଛି । ସେଗୁଡ଼ିକ ହେଲା – (୧) ଆବଶ୍ୟକ ଧରଣର ମୋବାଇଲ ଫୋନ୍ ପିଲା କିମ୍ବା ଅବିଭାବକ ନିକଟରେ ନାହିଁ । (୨) ପରିବାରରେ ଆବଶ୍ୟକ ସଂଖ୍ୟକ ଫୋନ୍ ନାହିଁ । (ଧରାଯାଉ ଘରେ ଗୋଟିଏ ଫୋନ୍ ଅଛି କିନ୍ତୁ ଦୁଇଜଣ ପିଲା ଭିନ୍ନ ଭିନ୍ନ ଶ୍ରେଣୀରେ ପଢୁଛନ୍ତି) (୩) ରାଜ୍ୟର ବହୁ ଅଞ୍ଚଳରେ ନେଟୱାର୍କ ଉପଲବ୍ଧ ନୁହେଁ । (୪) ଏବେବି ବହୁ ଗ୍ରାମ ବିଦ୍ୟୁତ୍ ଯୋଗାଣରୁ ବଂଚିତ । (୫) ଛୋଟ ପିଲାଙ୍କୁ ଘରେ ସହାୟତା ପ୍ରଦାନ ପାଇଁ କେହି ନାହାଁନ୍ତି ।

ଏବେ ଆଲୋଚନା କରାଯାଉ ଅନ୍ ଲାଇନ ଶିକ୍ଷାଦାନର ଭବିଷ୍ୟତ ପ୍ରଭାବ ସମ୍ପର୍କରେ – (୧) ଏଥିରେ ସାମିଲ ହୋଇପାରୁନଥିବା ଛାତ୍ରଛାତ୍ରୀଙ୍କ ଭିତରୁ କିଛି ପିଲା ପାଠପଢ଼ା ଛାଡିଦେବାର ସମ୍ଭାବନା ଅଛି । (୨) ଯେଉଁ ଶିକ୍ଷାର୍ଥୀମାନେ ଶିକ୍ଷା ଗ୍ରହଣ କରିପାରିଲେ ସେମାନେ ପାଠରେ ଅନ୍ୟମାନଙ୍କ ଠାରୁ କିଛିଟା ଆଗୁଆ ରହିବେ ଯାହାର ପ୍ରଭାବ ଶ୍ରେଣୀ କକ୍ଷରେ ପ୍ରତ୍ୟେକ୍ଷ ଶିକ୍ଷାଦାନ ସମୟରେ ଅନୁଭୂତ ହେବ । (୩) ପିଲାଙ୍କ ଭିତରେ ସାମାଜିକ ସହାବସ୍ଥାନର ମୂଲ୍ୟବୋଧ ହ୍ରାସ ହେବ । ଉପରୋକ୍ତ ସମସ୍ତ ଭଲମନ୍ଦ, ସୁବିଧା ଅସୁବିଧା, ଉପକାରିତା ଅପକାରିତା, ସୁପ୍ରଭାବ କୁପ୍ରଭାବ ସତ୍ତ୍ୱେ ଅନ୍ ଲାଇନ୍ ଶିକ୍ଷାଦାନ ଯେ, ସମୟ ଓ ପରିସ୍ଥିତିର ଆବଶ୍ୟକତା ଏହା ସ୍ୱୀକାର କରିବାକୁ ପଡିବ । ଏଣୁ ତଦନୁଯାୟୀ ନିଜକୁ ପ୍ରସ୍ତୁତ କରିବା ଜରୁରୀ । କିନ୍ତୁ ବିଡମ୍ବନାର ବିଷୟ ହେଉଛି ଏ ବାବଦରେ ଆମେ ପାଦଟିଏ ମଧ୍ୟ ଆଗକୁ ବଢ଼ାଇଲୁ ନାହିଁ । ଯଥା ପୂର୍ବଂ ତଥା ପରଂ ନୀତିରେ ଦେଢ଼ବର୍ଷ ପୂର୍ବେ ଆମେ ଯେଉଠି ଥିଲୁ ଆଜି ମଧ୍ୟ ସେଇଠି ଅଛୁ । ପ୍ରଥମ ଲହର ସମୟରେ ଅନ୍ ଲାଇନ୍ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଥିଲା । ଏଥିରେ କଣ ଅସୁବିଧା ହେଲା ଏବଂ କେତେ ପିଲା ଉପକୃତ ହେଲେ ତାହା ଆମେ ଅଙ୍ଗେ ଲିଭେଇଲେ । ଅଥଚ ଏହି ଅସୁବିଧା ଗୁଡିକ ଦୂରୀକରଣ କରଯାଇ କେମିତି ସବୁ ପିଲାଙ୍କ ପାଖରେ ଶିକ୍ଷାଦାନ ପହଂଚିବ ସେଦିଗରେ ଆମେ କୌଣସି ପଦକ୍ଷେପ ନେଲେ ନାହିଁ । ଡିଜିଟାଲ ଭାରତ କଥା ଶୁଣି ଶୁଣି କାନ ବଧିରା ହେଲାଣି କିନ୍ତୁ ନେଟୱାର୍କ ପାଇବା ପାଇଁ ପାହାଡ ଉପରକୁ ଯିବାକୁ ପଡୁଛି, ଗଛ ଚଢ଼ିବାକୁ ପଡୁଛି, କିଛି ନହେଲେ ଦୁଇ ଚାରି କିଲୋମିଟର ଅନ୍ୱେଷଣରେ ଯିବାକୁ ପଡୁଛି । କୁଟୀର ଜ୍ୟୋତି ଯୋଜନା, ଶୁଣିବାକୁ ଭାରି ମିଠା । ମାତ୍ର ଆଜିବି ଅନକେ ଗାଁ ଅଛି ଯେଉଁଠି ବିଦ୍ୟୁତ ଖୁଂଟ ପୋତାହୋଇନାହିଁ । ବାକି ରହିଲା ସ୍ମାର୍ଟ ଫୋନ୍ କଥା । ଯେଉଁ ରାଜ୍ୟରେ ଜନ ସଂଖ୍ୟାର ୭୨.୬ ପ୍ରତିଶତ ଲୋକଙ୍କର ଦୁର୍ବଳ ଆର୍ଥକ ସ୍ଥିତିକୁ ବିଚାର କରି ସରକାର ବିଭିନ୍ନ ସହାୟତା ପ୍ରଦାନ କରନ୍ତି ସେହି ଲୋକମାନେ ଏକ ସ୍ୱତନ୍ତ୍ର ଦାମୀ ମୋବାଇଲ୍ କ୍ରୟକରି ତାଙ୍କ ପିଲାଙ୍କ ହାତରେ ଧରାଇଦେଇ ପାରିବେ, ଏହା ଆଶା କରିବା ଯୁକ୍ତି ସଂଗତ ନୁହେଁ । ସରକାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପଟପ ଦେଉଛନ୍ତି, ନବମ ଶ୍ରେଣୀର ସବୁ ପିଲାଙ୍କୁ ସାଇକେଲ ଦେଉଛନ୍ତି, ବହି, ବ୍ୟାଗ, ପୋଷାକ, ଜୋତା ଦେଉଛନ୍ତି । ତେବେ ଦଶମ ଶ୍ରେଣୀର ବୋର୍ଡ ପରୀକ୍ଷାକୁ ଆଖି ଆଗରେ ରଖି ଏହି ଶ୍ରେଣୀର ପିଲାଙ୍କୁ ମୋବାଇଲ ଦେବା ସମ୍ପର୍କରେ ଉଠୁଥିବା ଦାବୀ ଅମୂଳକ ନୁହେଁ ।

ଉପସଂହାରରେ ଏତିକି କୁହାଯାଇ ପାରେ ଅନଲାଇନ୍ ଶିକ୍ଷାଦାନ ପଦ୍ଧତି ଏକ ସାମୟିକ ଓ ତତ୍କାଳ ବ୍ୟବସ୍ଥା । ଏହା କଦାପି ଶ୍ରେଣୀ କକ୍ଷର ଶିକ୍ଷା ସହିତ ସମତୁଲ ନୁହେଁ । ତଥାପି ଯୋଜନାର ସଫଳ ରୂପାୟନରେ ଯେଉଁସବୁ ପ୍ରତିବନ୍ଧକ ଅଛି ସେଗୁଡିକ ଅତିକ୍ରମ କରିବାକୁ ହେଲେ ଅବିଭାବକ, ଶିକ୍ଷକ, ପ୍ରଶାସନ ଓ ସରକାର ସଭିଏଁ ସକରାତ୍ମକ ଦୃଷ୍ଟିଭଙ୍ଗୀ ସହିତ ନିଜର ଉତରଦାୟିତ୍ୱ ପାଳନ କରିବା ବାଞ୍ଛନୀୟ । ନଚେତ ଅଧ୍ୟୟନ ଜନିତ ଅସଂଗତି ଛାତ୍ରଛାତ୍ରୀଙ୍କ ଭିତରେ ଏକ ବିରାଟ ଫାଙ୍କ ସୃଷ୍ଟି କରିବ । ଏଣୁ ଯେତେଶୀଘ୍ର ପ୍ରତ୍ୟକ୍ଷ ପାଠପଢା ପୁନଃ ପ୍ରସାରଣ ହେବ ଆମ ସମସ୍ତଙ୍କ ପାଇଁ ଶୁଭଙ୍କର ହେବ ।

# 'କ୍ୟାରିୟର ପାଇଁ ପରିବାରକୁ ହରାଇଲି'

ମର୍ଡର ଫେମ୍ ମଲ୍ଲିକା ଶେରାୱତ ଆଜିକାଲି ତାଙ୍କର ଆଗାମୀ ଫିଲ୍ମ ଆରକେ-ଆରକେର ପ୍ରମୋଶନରେ ବ୍ୟସ୍ତ ଅଛନ୍ତି। ଏହି ସମୟରେ ଅଭିନେତ୍ରୀ ତାଙ୍କ ସଂଘର୍ଷର ଦିନଗୁଡ଼ିକୁ ମନେ ପକାଇଛନ୍ତି। ଯାହା ତାଙ୍କୁ ବହୁତ ଭାବୁକ କରିଛି। ମଲ୍ଲିକା ଦୀର୍ଘ ସମୟ ପରେ ବଡ ପରଦାକୁ ଫେରୁଛନ୍ତି। ନିକଟରେ ତାଙ୍କର ଆଗାମୀ ଫିଲ୍ମ ଆରକେ-ଆରକେର ଟ୍ରେଲର ମଧ୍ୟ ରିଲିଜ ହୋଇଛି। ଏହି ଫିଲ୍ମର ପ୍ରମୋସନ ସମୟରେ ଏକ ଇଣ୍ଟରଭ୍ୟୁରେ ମଲ୍ଲିକା ତାଙ୍କର ସଂଘର୍ଷର ଦିନଗୁଡ଼ିକୁ ମନେ ପକାଇଛନ୍ତି। ସେ କହିଛନ୍ତି, ଯେତେବେଳେ ମୁଁ ମୋର ଫିଲ୍ମ କ୍ୟାରିୟର ଆରମ୍ଭ କରିବାକୁ ବମ୍ବେ ଆସିଥିଲି, ସେତେବେଳେ ମୋ ପରିବାର ମୋ ଠାରୁ ଦୂରେଇ ଗଲେ। ତାଙ୍କ ସପୋର୍ଟ ମୁଁ ସମ୍ପୂର୍ଣ୍ଣ ଭାବେ ହରାଇଥିଲି। ଯାହା ମୋ ପାଇଁ ସବୁଠୁ ବଡ କ୍ଷତି ଥିଲା। କେବଳ ଏତିକି ନୁହେଁ, ମୁଁ ହଲିଉଡକୁ ଯିବା ପରେ ମୋର କିଛି ପ୍ରିୟ ବନ୍ଧୁଙ୍କ ସହ ସମ୍ପର୍କ ତୁଟିଗଲା। ଆପଣ ଅନୁମାନ କରିପାରୁଥିବେ ଯେ ମୁଁ ମୋର ଫିଲ୍ମ କ୍ୟାରିୟର ପାଇଁ କେତେ ବଳିଦାନ ଦେଇଛି। ରାଜଶ୍ରୀ ବ୍ୟାନରରେ ନିର୍ମିତ ଫିଲ୍ମ ଆରକେ-ଆରକେ ମାଧ୍ୟମରେ ମଲ୍ଲିକା ଫେରିବାକୁ ପ୍ରସ୍ତୁତ ଅଛନ୍ତି। ଏହି ଫିଲ୍ମଟି ଜୁଲାଇ ୨୨ ରେ ରିଲିଜ୍ ହେବ। ମଲ୍ଲିକାଙ୍କ ବ୍ୟତୀତ ବଲିଉଡ ଅଭିନେତା ରଣଭୀର ଶୋରେ, କୁବ୍ରା ସେଟ୍ ଏବଂ ରଜତ କପୁର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।



# 'ବାହୁବଳୀ' ଥାଳି ଖାଇଲେ ମିଳିବ ଏକ ଲକ୍ଷ ଟଙ୍କା

ଆପଣ ପେଟପୁରା ଖାଇବେ ଆଉ ଥାଳି ସଫା କରିଦେଲେ ୧ ଲକ୍ଷ ଟଙ୍କା ପୁରସ୍କାର ପାଇବେ। କଥାଟି ଶୁଣିବାକୁ ଟିକେ ଅଜବ ଲାଗୁଛି କି ? କିନ୍ତୁ ଏକଥା ସତ। ହାଇଦ୍ରାବାଦର ଏକ ପ୍ରସିଦ୍ଧ ରେଷ୍ଟୁରାଣ୍ଟ 'ବାହୁବଳୀ ଥାଳି' ଲଞ୍ଚ କରିଛି। ବିଶେଷ କଥା ହେଉଛି ଏହି ପ୍ଲେଟରେ ଥିବା ସମସ୍ତ ଖାଦ୍ୟ ୩୦ ମିନିଟରେ ଖାଇବା ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ରଖାଯାଇଛି। ଏହି ରେଷ୍ଟୁରାଣ୍ଟର ନାମ 'ନାଇଡୁ ଗାରି କୁଣ୍ଡା




ବିରିୟାନି' ହୋଇଥିବାବେଳେ 'ବାହୁବଳୀ ଥାଳି'ରେ ଆମିଷ ଓ ନିରାମିଷ ଖାଦ୍ୟ ରହିବ। ଏହି ଥାଳିରେ ମୋଟ ୩୦ରୁ ଅଧିକ ଆଇଟମ୍ ରହିବ। କିନ୍ତୁ ୧ ଲକ୍ଷ ଟଙ୍କା ପାଇବା ପାଇଁ ସର୍ତ୍ତ ରହିଛି ଯେ ଅଧଘଣ୍ଟା ମଧ୍ୟରେ ସବୁ ଆଇଟମ ଖାଇବାକୁ ପଡିବ। ରେଷ୍ଟୁରାଣ୍ଟର ମାଲିକ କହିଛନ୍ତି, "ବାହୁବଳୀ ଥାଳିକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି। ଆମେ ଥାଳିରେ ୩୦ଟି ଆଇଟମ୍ ଦେଇଥାଉ, ଯେଉଁଥିରେ ଭେଜ୍ ଏବଂ ନନଭେଜ୍ ଷ୍ଟାର୍ଟ, ନନଭେଜ୍ ବିରିୟାନି, ଫ୍ରାଇଡ୍ ରାଇସ ଏବଂ ଥଣ୍ଡା ପାନୀୟ ଅନ୍ତର୍ଭୁକ୍ତ ରହିଛି। ଏହି ଥାଳି ଆରମ୍ଭ କରିବା ପଛର ମୁଖ୍ୟ କାରଣଟି ହେଉଛି ଯେ କିଛି ଲୋକ ଥାଆନ୍ତି ଯେଉଁମାନେ ସ୍ପେଶାଲ ଆଇଟମ ଖାଇବାକୁ ପସନ୍ଦ କରନ୍ତି। ସେହିପରି କିଛି ଲୋକ ଥାଆନ୍ତି, ଯେଉଁମାନେ ରେଷ୍ଟୁରାଣ୍ଟରେ ଥିବା ସବୁ ଆଇଟମ ଚାଖିବାକୁ ଚାହାଁନ୍ତି। ବାହୁବଳୀ ଥାଳିର ମୂଲ୍ୟ ୧୮୦୦ ଟଙ୍କା ରଖାଯାଇଛି। ସେହିପରି ଏପର୍ଯ୍ୟନ୍ତ ୩୦୦୦ରୁ ଅଧିକ ଗ୍ରାହକ ଏହାକୁ ଖାଇବାକୁ ଚେଷ୍ଟା କରିଛନ୍ତି, ସେଥିମଧ୍ୟରୁ କେବଳ ଦୁଇଜଣ ସଫଳତା ପାଇଛନ୍ତି। ସେହି ଦୁଇ ଜଣ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି।

# ଗିନିଜ୍ ୱାର୍ଲ୍ଡ ରେକର୍ଡରେ ଚୁମ୍ବକ୍‌ମ୍ୟାନ୍

ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କୁ ବିଶ୍ୱ ଚୁମ୍ବକମ୍ୟାନ୍ ଭାବେ ଜାଣେ। ଚିକାଗୋରେ ରହୁଥିବା ୪୭ ବର୍ଷୀୟ ଜ୍ୟାମେ କୋଟେନ୍‌ଙ୍କୁ 'କ୍ୟାନ୍ ହେଡ୍' ନାମରେ ମଧ୍ୟ ଲୋକେ ଜାଣନ୍ତି। କାରଣ ବୋତଲ, କ୍ୟାନ୍, ଫୋନ୍, ପେପର୍ ଭଳି ଅନ୍ୟାନ୍ୟ ଜିନିଷ ତାଙ୍କ ମୁହଁରେ ଲାଗିଯାଏ। ଯେତେବେଳେ ଜ୍ୟାମେ ୭ ବର୍ଷର ଥିଲେ, ତାଙ୍କର ଏପରି ବିଶେଷତ୍ୱ ବିଷୟରେ ଜଣାପଡ଼ିଲା। ଖେଳିବା ସମୟରେ ଖେଳନା ତାଙ୍କ ଶରୀରରେ ଲାଗିଯାଏ। ତାଙ୍କର ଏହି ଉପଲବ୍ଧି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଛି। ଜ୍ୟାମେଙ୍କଠାରେ ଆଉ ଏକ ଭିନ୍ନ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳେ। ତାଙ୍କ ଶରୀରର ତାପମାତ୍ରା ସବୁବେଳେ ୧୦୦ ଡିଗ୍ରୀ ସେଲ୍‌ସିୟସ୍ ରହିଥାଏ। ମାତ୍ରାଧିକ ତାପମାତ୍ରା ଯୋଗୁ ତାଙ୍କର ଦେହ ଖରାପ ଥିବା କଥା ଅନେକ କୁହନ୍ତି। ମାତ୍ର ଡାକ୍ତରଙ୍କ ମତ ଅନୁସାରେ ସେ ସମ୍ପୂର୍ଣ୍ଣ ସୁସ୍ଥ।



# ଫୁଲର ଓଜନ ୧୧ କେଜି



ଫୁଲ କହିଲେ ଆମେ ସାଧାରଣତଃ ସୃଷ୍ଟିର ଏକ କୋମଳ ତଥା ହାଲୁକା ପାଖୁଡ଼ା ଖଚିତ ସୁଗନ୍ଧିତ ବସ୍ତୁକୁ ବୁଝିଥାଉ ଯାହାକୁ ଟିପ ଅଗରେ ଗଛରୁ ତୋଳି ହେଉଥିବ ଏବଂ ସହଜରେ ନେବା ଆଣିବା କରି ହେଉଥିବ। ମାତ୍ର ପୃଥିବୀର ବୃହତ୍ତମ ଫୁଲର ମାନ୍ୟତା ରଖିଥିବା ରାଫ୍ଲେସିଆ ନାମକ ଫୁଲର ଆକାର ଓ ଓଜନ ଶୁଣିଲେ କାନକୁ ବିଶ୍ୱାସ କରିହେବନି। ସାଧାରଣତଃ ସୁମାତ୍ରା ଓ ବୋର୍ଣ୍ଣିଓର ବର୍ଷାବଣରେ ଦେଖାଯାଉଥିବା ଗାଢ଼ ଲାଲ୍ ରଙ୍ଗର ଏହି ଫୁଲର ବ୍ୟାସ ୩.୩ ଫୁଟ ଯାଏ ହୋଇଥିବା ବେଳେ ଏହାର ଓଜନ ୨୪ ପାଉଣ୍ଡ ବା ୧୧ କିଲୋଗ୍ରାମ୍‌ରୁ ଅଧିକ। ଏହାର କଢ଼ି ମଧ୍ୟ ଅବିଶ୍ୱସନୀୟ ଭାବେ ଏକ ଫୁଟ ଓସାରର ହୋଇଥାଏ। ଏହି ଫୁଲକୁ ଧାରଣ କରିବା ପାଇଁ କୌଣସି ମୂଳ, କାଣ୍ଡ କି ପତ୍ର ନଥାଏ। କେବଳ ପାଖୁଡ଼ା ମେଲି ଏହା ଭୂଇଁରୁ କିମ୍ବା କୌଣସି ବୃକ୍ଷରୁ ପ୍ରସ୍ଫୁଟିତ ହୋଇ ସିଧାସଳଖ ଉଠିଥାଏ। ଏହି ପରଜୀବୀ ଫୁଲର ପାଖୁଡ଼ାଗୁଡ଼ିକ ସମଭାବରେ ଚାରିପଟକୁ ଖେଳାଇ ହୋଇ ରହିଥିବା ବେଳେ କେନ୍ଦ୍ରସ୍ଥଳରେ ଏକ ଫମ୍ପା ଗର୍ତ୍ତ ଥିଲା ପରି ମନେହୁଏ। କଢ଼ିରୁ ଫୁଲ ହେବା ଲାଗି ଏହାକୁ ଅନେକ ମାସ ଲାଗିଯାଇଥାଏ, ମାତ୍ର ଫୁଲ ଫୁଟିବା ପରେ ଏହା ମାତ୍ର କେଇ ଦିନ ତାଜା ରହି ଝାଉଁଳିଯାଏ। ବନ୍ଧାକୋବି ଭଳି ଦେଖାଯାଉଥିବା କଢ଼ିର ମୁହଁ ଧୀରେ ଧୀରେ ଫିଟି ସେଥିରୁ ପାଖୁଡ଼ା ମେଲିଥାଏ। ପାଖୁଡ଼ାଗୁଡ଼ିକ ମଧ୍ୟ ଏକ ଇଞ୍ଚ ବହଳର ହୋଇଥାଏ। ଏହାର ଏପରି ବିଶାଳକାୟତା ଯୋଗୁଁ ତା'କୁ କେହି କେହି ରାକ୍ଷସ ପଦ୍ମ ବୋଲି କହିଥା'ନ୍ତି। ଏଭଳି ନିଆରା ପରିଚୟ ଥାଇ ମଧ୍ୟ ତାହା ପ୍ରତି କାହାର ଆଦର ନଥାଏ। କାରଣ ଉକ୍ତ ଫୁଲରୁ ପଚାଶଢ଼ା ମାଂସର ଦୁର୍ଗନ୍ଧ ବାହାରୁଥାଏ। ତେଣୁ ଏପରି ପଚା ଗନ୍ଧ ଲାଗି କେହି କେହି ତାହାକୁ ମଡ଼ ଫୁଲ ବୋଲି ମଧ୍ୟ କହିଥା'ନ୍ତି।

# ଆକାର ପରିବର୍ତ୍ତନ କରୁଛି ପଥର

ସମସ୍ତଙ୍କଠାରେ ପରିବର୍ତ୍ତନ ଦେଖାଯାଇଥାଏ। ମାତ୍ର କୌଣସି ବଡ଼ ପଦାର୍ଥର ପରିବର୍ତ୍ତନ ଅଳ୍ପ ଦେଖିବାକୁ ମିଳିଥାଏ। ଏମିତି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି ରୋମାନିଆର ସେଲାନୀ ଗ୍ରାମରେ। ଏଠାରେ ଗୋଟିଏ କି ଦୁଇଟି ନୁହେଁ ହଜାର ହଜାର ସଂଖ୍ୟକ ପଥରର ପରିବର୍ତ୍ତନ ହେଉଛି। ଭୂତତ୍ତ୍ୱବିତ୍‌ମାନେ ଏହି ପଥରଗୁଡ଼ିକ ବିଷୟରେ ଅନେକ ଅନୁସନ୍ଧାନ କରିଛନ୍ତି କିନ୍ତୁ ଏଭଳି ହେବାର କାରଣ ସେମାନେ ଜାଣିପାରି ନାହାନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଏହା ରହସ୍ୟ ହୋଇ ରହିଛି। ତେବେ ଜଳ ସଂସ୍ପର୍ଶରେ ପଥରଗୁଡ଼ିକ ଆସିବା ପରେ ଏପରି ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦାମାନେ ପ୍ରକାଶ କରିଛନ୍ତି। କେତେକ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ବର୍ଷା ସମୟରେ ବର୍ଷା ପାଣି ସଂସ୍ପର୍ଶରେ ଆସି ପଥରରେ ଥିବା ଖଣିଜ ଲବଣର ମାତ୍ରାରେ ବୃଦ୍ଧି ପାଇଥାଏ, ତେଣୁ ପଥରଗୁଡ଼ିକର ଆକାରରେ ପରିବର୍ତ୍ତନ ହେଉଛି। କିନ୍ତୁ ଏ ଯାଏ ଏହାର ଠିକ୍ ପ୍ରମାଣ ମିଳିପାରି ନାହିଁ।



# ବେଳାଭୂମିର ନିଆରା ରଙ୍ଗ

ସମୁଦ୍ର ଉପକୂଳର ଶାନ୍ତ ପରିବେଶ ଓ ମୃଦୁ ପବନରେ ଅବସର ସମୟ କଟାଇବା ଲାଗି କିଏ ବା ପସନ୍ଦ ନ କରେ ! ତେବେ ନିଜର ଭ୍ରମଣ ସ୍ମୃତିରେ ସାଇତି ରଖିବା ଲାଗି ସମୁଦ୍ର ବାଲିର ବିସ୍ତୀର୍ଣ୍ଣତା ଓ ଜୁଆରର ଉପସ୍ଥିତିକୁ ଭିତ୍ତି କରି ବିଭିନ୍ନ ସ୍ଥାନରେ ଭିନ୍ନ ଧରଣର ଉପକୂଳମାନ ରହିଛି। ସେଥି ମଧ୍ୟରେ ସୁନେଲି ରଙ୍ଗର ବାଲୁକାରାଶି ପାଇଁ ସୁବର୍ଣ୍ଣ ବେଳାଭୂମି, କଳାରଙ୍ଗର ବାଲି ପାଇଁ କୃଷ୍ଣ ବେଳାଭୂମି, ବଡ଼ ବଡ଼ ଶିଳାଖଣ୍ଡର ଉପସ୍ଥିତି ପାଇଁ ପ୍ରସ୍ତର ଉପକୂଳ, ଜୁଆର ମାଡ଼ି ଆସୁଥିବା ଉଛୁଳା ଉପକୂଳ ଇତ୍ୟାଦି ଇତ୍ୟାଦି ନାନା ପ୍ରକାର ବେଳାଭୂମି ସମ୍ପର୍କରେ ଆମେ ଅଳ୍ପ ବହୁତ ଜାଣିଛନ୍ତି। ତେବେ ଚୀନ୍‌ରେ ରହିଥିବା ପାଁଜି ଲୋହିତ ଉପକୂଳ ହେଉଛି ଏକ ନିଆରା ବେଳାଭୂମି। ଏହାର ନାଁରୁ ଉପକୂଳର ରଙ୍ଗ ଲାଲ୍ ହୋଇଥିବା ସହଜରେ ଅନୁମେୟ। ମାତ୍ର ସମୁଦ୍ର କୂଳରେ ଏପରି ଗାଢ଼ ନାଲି ରଙ୍ଗର ବାଲି କେଉଁଠୁ ଆସିଲା ବୋଲି ମନରେ ପ୍ରଶ୍ନ ଉଠିପାରେ। ଲାୟାହେ ନଦୀର ତ୍ରିକୋଣଭୂମିରେ ସୃଷ୍ଟ ଏହି ଉପକୂଳରେ କୌଣସି ରାସାୟନିକ ପ୍ରତିକ୍ରିୟା କି ଆଲୋକର ବିକିରଣ ଯୋଗୁଁ ତାହାର ରଙ୍ଗ ଏପରି ଲାଲ ବର୍ଣ୍ଣ ହୋଇନାହିଁ। ଏହାର ଏପରି ଲାଲ୍ ବର୍ଣ୍ଣ ଧାରଣ ପଛର କାରଣ ହେଉଛି, ଉକ୍ତ ଉପକୂଳରେ ବାଲି ଉପରେ ନାଲି ରଙ୍ଗର ସୁଏଡ଼ା ନାମକ ଏକ ପ୍ରକାର ସାମୁଦ୍ରିକ ଗୁଳ୍ମର ମୋଟା ଆସ୍ତରଣ ଛାଇଯିବା। ଯୁଆଡ଼େ ଦେଖିଲେ ସିଆଡ଼େ ଖାଲି ନାଲି ରଙ୍ଗ। ଏହି ସୁଏଡ଼ାଗୁଡ଼ିକ ସ୍ୱାଭାବିକ ଭାବେ ଏପ୍ରିଲ ଓ ମେ' ମାସରେ ଜନ୍ମ ନେଇ ଗ୍ରୀଷ୍ମ ଦିନ ତକ ସବୁଜ ରଙ୍ଗ ଧାରଣ କରିଥାନ୍ତି। ତେବେ ହେମନ୍ତ ଋତୁ ଆସିଲେ ସେଗୁଡ଼ିକ ଏପରି ଉଜ୍ଜ୍ୱଳ ନାଲି ବର୍ଣ୍ଣକୁ ରୂପାନ୍ତରିତ ହୋଇଥା'ନ୍ତି। ବେଳାଭୂମିର ଏହି ନିଆରା ରଙ୍ଗ ପାଇଁ ତାହା ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ର ପାଲଟିଛି।



# ଗଛ ପାଇଁ ରାଖୀ, ରାଖୀ ହେଉ ସବୁଜ ସମ୍ପର୍କର ସାକ୍ଷୀ


ଭୁବନେଶ୍ୱର,(ନି.ପ୍ର): ସ୍ମାର୍ଟ ନଗରୀ ଭୁବନେଶ୍ୱର ପୋଖରୀପୁଟର ଇନ୍ଦ୍ରପ୍ରସ୍ଥ ଫେଜ୍-୨ ଠାରେ କିଛି ପରିବେଶ ଓ ବୃକ୍ଷପ୍ରେମୀ ଏକାଠି ହୋଇ ଏକ ଭିନ୍ନ ଢଙ୍ଗରେ ରକ୍ଷାବନ୍ଧନ ଉତ୍ସବକୁ ପାଳନ କରିଛନ୍ତି। ପରିବେଶ ଅନୁକୂଳ ରଙ୍ଗ, ବେରଙ୍ଗ ସୂତାକୁ ବ୍ୟବହାର କରି ସେଥିରେ ଗୋଟିଏ ଆକର୍ଷଣୀୟ ରାଖୀ ତିଆରି କରି ସମ୍ପର୍କର ବନ୍ଧନ ସହିତ ଗଛରେ ରାଖୀ ବାନ୍ଧିବା ସହ ସିନ୍ଦୂର, ଚନ୍ଦନ ଫୁଲ ଲଗାଇ ସାରା ବିଶ୍ୱକୁ ପ୍ରକୃତିର ବନ୍ଦନା କରିବାର ଏକ ନିଆରା ବାର୍ତ୍ତା ଦେଇଛନ୍ତି। ବୃକ୍ଷ ପ୍ରେମୀମାନେ ଏ ସମ୍ପର୍କରେ କୁହନ୍ତି ରକ୍ଷାବନ୍ଧନ ହେଉଛି ଅତୁଟ ସମ୍ପର୍କର ନିବିଡ଼ ବନ୍ଧନ। ଜନ୍ମ ଜନ୍ମକୁ ବାନ୍ଧି ହେବାର ଏକ ଅତୁଟ ପ୍ରେମର ନିଛକ ସ୍ପନ୍ଦନ। ସେହିପରି ଗଛ ସହ ଆମର ସମ୍ପର୍କ ଏହିପରି ରହିବା ଦରକାର। ଗଛ ଯେପରି ଏନ୍ତୁଡ଼ିଶାଳରୁ ଶଶ୍ମାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଆମକୁ ସୁରକ୍ଷା ଦେଇଥାଏ, ଠିକ୍ ସେହିପରି ଆମ୍ଭେମାନେ ମଧ୍ୟ ଗଛ ପ୍ରତି ସେମିତି କର୍ତ୍ତବ୍ୟ ସମ୍ପାଦନ କରି ତା'ରି ସୁରକ୍ଷା ଦେବା ସମସ୍ତଙ୍କ ପାଇଁ ଆଜିର ଦିବସରେ ସଂକଳ୍ପ ହେଉ ବୋଲି ବୃକ୍ଷପ୍ରେମୀ ମାନେ ଆଶା ପ୍ରକଟ କରିଥିଲେ। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ଓ ଚଳଚ୍ଚିତ୍ର ଅଭିନେତା ଡ. ଜ୍ଞାନେନ୍ଦ୍ର କୁମାର ପଲାଇ, ସାଇ ସେବକ ନାରାୟଣ ପ୍ରଧାନ, ବୃକ୍ଷପ୍ରେମୀ ପ୍ରିୟବ୍ରତ ପଣ୍ଡା, ରାଧାଚରଣ ସାହୁ, ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ଅନସୂୟା ସାହୁ ଏବଂ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଗଛରେ ରାଖି ବାନ୍ଧିବା ସହ ତା'ର ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

# ରକ୍ଷାବନ୍ଧନ ଅବସରରେ ବୃକ୍ଷ ପୂଜନ ଓ ଚାରା ବଣ୍ଟନ



ଭୁବନେଶ୍ୱର,(ନି.ପ୍ର): ଗୁରୁବାର ପବିତ୍ର ଶ୍ରାବଣ ପୂର୍ଣ୍ଣିମା ତଥା ରକ୍ଷା ବନ୍ଧନ ଅବସରରେ ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଏବଂ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଇନ୍ଦିରାଗାନ୍ଧୀ ପାର୍କ ଠାରେ ରକ୍ଷାବନ୍ଧନ ଉତ୍ସବ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ପୂଜନ ଓ ବୃକ୍ଷରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ହେବା ସହିତ ଚାରା ବଣ୍ଟନ ମଧ୍ୟ କରାଯାଇଥିଲା। ଉତ୍ସବରେ ଉଦ୍‌ଘାଟକ ଭାବରେ ପ୍ରଫେସର ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଓ ଜଗନ୍ନାଥ ସଂସ୍କୃତିର ଧାରାବାହିକ ଗବେଷକ ପ୍ରଫେସର ଡ଼ଃ ହରିହର କାନୁନଗୋ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରଶ୍ମୀମୟୀ ପଟ୍ଟନାୟକ, ଆନୁସୃତା ସିଂହ ଦେଓ, ସୌଭାଗ୍ୟବତୀ ମହାପାତ୍ର, ଦିଲ୍ଲୀପ କୁମାର ନାୟକ, ପ୍ରତିଷ୍ଠାତା, ସୁସଂଗଠକ ତଥା କବି ବଳରାମ ତରାଇ, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, କବି ତଥା ନିଶିଗନ୍ଧା ଖବର ସଭାପତି ନୀରଦ ଚନ୍ଦ୍ର ଜେନା, କବି, ଗାଳ୍ପିକ, ସଂଳାପ ଲେଖକ ତଥା ଚିତ୍ରଶିଳ୍ପୀ ଅଧ୍ୟାପକ ପ୍ରଭାତ ମହାରଣାଙ୍କ ସମେତ ଅନ୍ୟାନ ବହୁ ବଳିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅତିଥିବୃନ୍ଦ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ, ଗଛଟିଏ ଲଗାନ୍ତୁ ଜୀବନ ବଞ୍ଚନ୍ତୁ, ବୃକ୍ଷ ହିଁ ଆମ ଜୀବନ ଓ ଗଛ ଲଗାଅ ଅଭିଯାନ ପ୍ରସଙ୍ଗ ଉପସ୍ଥାପନ କରି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ବ୍ୟାଟେରୀ ଚୋର ଗିରଫ



ଭୁବନେଶ୍ୱର,(ନି.ପ୍ର): ଧଉଳି ଥାନା ପୋଲିସ ବ୍ୟାଟେରୀ ଚୋରି କରିବା ଅଭିଯୋଗରେ ଜଣେ ଚୋରକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଶିଶୁପାଳଗଡର ସୁନିଲ୍ ଭୋଇ(୨୨)। ତା' ନିକଟରୁ ପୋଲିସ ଚୋରି ବ୍ୟାଟେରୀ ମଧ୍ୟ ଜବତ କରିଛି। ଏ ନେଇ ଗୁରୁବାର ଅଭିଯୋଗକାରୀଙ୍କ ଅଭିଯୋଗକ୍ରମେ ଧଉଳି ଥାନାରେ ଏକ ଚୋରି ମାମଲା ରୁଜୁ କରାଯାଇଥିଲା। ଅଭିଯୋଗଅନୁସାରେ, ଗତ ୯ ତାରିଖରେ ଗିରଫ ଅଭିଯୁକ୍ତ ରାତି ପ୍ରାୟ ୨ଟାରେ ଅଭିଯୋଗକାରୀଙ୍କ ଗାଡିରୁ ଗୋଟିଏ ବ୍ୟାଟେରୀ ଚୋରି କରି ନେଇଯାଇଥିଲେ। ଥାନାରେ ଅଭିଯୋଗପରେ ପୋଲିସ ତଦନ୍ତ କରି ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ଜଣକ ଗୋଟିଏ ଜରି ବ୍ୟାଗରେ ବ୍ୟାଟେରି ଧରି ଶିଶୁପାଳଗଡ ଦସରା ପଡିଆରେ ବିକ୍ରୟ ପାଇଁ ଗ୍ରାହକ ଖୋଜୁଛି। ତୁରନ୍ତ ଉକ୍ତ ସ୍ଥାନକୁ ଯାଇ ଅଭିଯୁକ୍ତକୁ ବ୍ୟାଟେରୀ ସହିତ କାବୁ କରି ତଦନ୍ତ ପାଇଁ ଥାନାକୁ ଆଣିଥିଲା। ତଦନ୍ତ ପରେ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ସଟ୍‌ସର୍କିଟ୍‌ରୁ ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ପାଉଁଶ

ଭୁବନେଶ୍ୱର,(ନି.ପ୍ର): ଭରତପୁର ଥାନା ନିକଟସ୍ଥ କୋଳଥିଆ ସତ୍ୟସାଇ ଏନକ୍ଲେଭ ଏଚ୍‌ଆଇଜିର ତଳ ମହଲାର ଗୁରୁବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଘର ମାଲିକ ଘରେ ତାଲା ପକାଇ କୌଣସି କାମରେ ୪ ରୁ ୫ ଦିନ ହେବ ନଥିବା ସମୟରେ ଗୁରୁବାର ସକାଳୁ ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କର୍ମଚାରୀମାନେ ସୂଚନା ଦେଇଛନ୍ତି। ଏ ନେଇ ଅବନି ସ୍ୱାଇଁ କହିଛନ୍ତି ଯେ, ଉପର ମହଲାରେ ଲୋକେ ରହୁଥିବା ସମୟରେ ତଳ ଘରେ ତାଲା ପଡିଥିଲା। ଘର ମାଲିକ ୟୁ.ଏସ୍ ମିଶ୍ର କୌଣସି କାମରେ ଘରେ ତାଲା ପକାଇ ପଳାଇଥିଲେ। ସଟ୍ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି।

ସୂଚନାନୁସାରେ, ସତ୍ୟସାଇ ଏନକ୍ଲେଭ ଏଚ୍‌ଆଇଜି-୨/୧୦୬ ରେ ରହୁନ୍ତି ୟୁ.ଏସ ମିଶ୍ର। ଉପର ମହଲା ଭଡାରେ ଲାଗିଥିବାବେଳେ ତଳ ମହଲାରେ ଶ୍ରୀ ମିଶ୍ର ରହୁଥିଲେ। ଶ୍ରୀ ମିଶ୍ର କୌଣସି କାମରେ ବାହାରକୁ ଚାଲିଯାଇଥିଲେ। ଗୁରୁବାର ସକାଳୁ ସକାଳୁ ଘରୁ ଧୂଆଁ ବାହାରିବା ଦେଖି ଭଡାଟିଆ ଲୋକେ ଅଗ୍ନିଶମ ବାହିନୀକୁ ଫୋନ କରିଥିଲେ। ଅଗ୍ନିଶମ ଗାଡି ଘଟଣା ସ୍ଥଳରେ ପହଞ୍ଚିବା ବେଳକୁ ଘରେ ଥିବା ଆସବାବପତ୍ର ସବୁ ପୋଡି ପାଉଁଶ ହୋଇଯାଇଥିଲା।

# କୁଖ୍ୟାତ ମନ୍ଦିର ଚୋର ବବୁଲ ଗିରଫ

ଭୁବନେଶ୍ୱର,(ନି.ପ୍ର): ରାଜଧାନୀ ଓ ଏହାର ଆଖପାଖ ଥାନା ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରୁ ଚୋରି କହି ଆତଙ୍କ ଖେଳାଇଥିବା ବାଲିଅନ୍ତା ଥାନା ବେଣ୍ଣୁପୁରର ବବୁଲ ଓଝାକୁ ଗିରଫ କରିଛି କମିଶନରେଟ୍ ପୋଲିସ। ଗିରଫ ଅଭିଯୁକ୍ତଠାରୁ ପୋଲିସ ଚୋରି ଜିନିଷ ଜବତ କରିଥିବା ଜଣାପଡିଛି। ବାଲିଅନ୍ତା ପୋଲିସ ମାମଲାର ତଦନ୍ତ କରି ପୂର୍ବରୁ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସ୍ଥଳେ ଗୁରୁବାର ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି। ସୂଚନାନୁସାରେ, ଗିରଫ ଅଭିଯୁକ୍ତ ଚିନ୍ମୟ ଏବଂ ତାର ସହଯୋଗୀ ବବୁଲ ଓଝା ଗତ ଗତମାସ ୨୨ ତାରିଖରେ ଅଭିଯୋଗକାରୀଙ୍କ ଘର ଆଖପାଖରେ ଗୋଟିଏ ଗ୍ଲାମୋର ମୋଟରସାଇକେଲରେ ସନ୍ଦେହ ଜନକ ଭାବରେ ବୁଲାବୁଲି କରୁଥିବାର ଆଖପାଖରେ ଥିବା ପଡୋଶୀ ଏବଂ ଅନେକ ଲୋକମାନେ ଦେଖିଥିଲେ। ଉକ୍ତ ଦିନ ସୁଯୋଗ ଦେଖି ଅଭିଯୁକ୍ତ ମାନେ ଅଭିଯୋଗକାରୀଙ୍କ ଘରୁ ୨ଟି ଗ୍ୟାସ ସିଲିଣ୍ଡର ଚୋରି କରି ନେଇଯାଇଥିବାରୁ ସେ ଏ ନେଇ ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଏବଂ ତାଙ୍କ ଅଭିଯୋଗରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଏହା ମଧ୍ୟ ଅଭିଯୋଗ ଆଣିଥିଲେ ଯେ ଅଭିଯୁକ୍ତ ମାନେ ପୂର୍ବରୁ ତାଙ୍କ ଟ୍ରାକ୍ଟରରୁ ବ୍ୟାଟେରୀ ମଧ୍ୟ ଚୋରି କରିଥିଲେ। ବାଲିଅନ୍ତା ପୋଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ଚିନ୍ମୟ ରହୁଥିବା ଭଡା ଘରେ ଚଢଉ କରି କାବୁ କରିଥିଲେ। ଅଭିଯୁକ୍ତର ଘରର ତଲାସି ସମୟରେ ଗୋଟିଏ ଗ୍ୟାସ ସିଲିଣ୍ଡର ଏବଂ ପିତଳର ବାଲ୍ଟି ଗୋଟିଏ ଘଣ୍ଟ, ଏବଂ ଘଣ୍ଟି ମଧ୍ୟ ଜବତ କରିଥିଲେ। ପଚରା ଉଚରା ସମୟରେ ଅଭିଯୁକ୍ତ ଚିନ୍ମୟ ତାର ଅନ୍ୟ ୨ ଜଣ ସହଯୋଗୀଙ୍କ ସହିତ ତଳଗଡା ହନୁମାନ ମନ୍ଦିରରୁ ଉକ୍ତ ଘଣ୍ଟ ଓ ଘଣ୍ଟି ଏବଂ ବାଲିଅନ୍ତା, ବେଣ୍ଣୁପୁର ଓ ତଳଗଡା ଅଞ୍ଚଳରୁ ଅନେକ ଗୁଡିଏ ପାଣି ପମ୍ପ ଚୋରି କରିଛନ୍ତି। ପୋଲିସ ଅଭିଯୁକ୍ତ ମୁନାକୁ ଗିରଫ କରିଥିବା ସ୍ଥଳେ ଅଭିଯୁକ୍ତ ବବୁଲ ଗିରଫ ଭୟରେ ଫେରାର ହୋଇଯାଇଥିଲେ। ଆଜି ବିଶେଷ ସୂତ୍ରରୁ ଖବର ପାଇ ବାଲିଅନ୍ତା ପୁଲିସ ଅଭିଯୁକ୍ତ ବବୁଲ ଓଝା କୁ ବାଲିଅନ୍ତା ବଜାରରୁ କାବୁ କରି ତଦନ୍ତ ପାଇଁ ଥାନାକୁ ଆଣିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ବବୁଲ ତାର ଅନ୍ୟ ଜଣେ ସହଯୋଗୀ ବାଘା ସହିତ ମିଶି ତାଙ୍କର ଗ୍ରାମର ଅଙ୍ଗନବାଡି କେନ୍ଦ୍ରରୁ ଗୋଟିଏ ଗ୍ୟାସ ସିଲିଣ୍ଡର ଏବଂ ବୁଧବାର ବାଲିଅନ୍ତା ନିକୁଞ୍ଜବିହାରୀ ମନ୍ଦିରର ଦାନବାକ୍ସରୁ ୮୦୦ଟଙ୍କା ଚୋରି କରିଥିଲେ। ଅଧିକ ତଦନ୍ତ ବେଳେ ଅଭିଯୁକ୍ତ ବବୁଲ ୨ ଟି ଗ୍ୟାସ ସିଲିଣ୍ଡର ବେଣ୍ଣୁପୁର ମିନି ଷ୍ଟାଡୟମ ପାଖ ବାଉଁଶ ବୁଦା ମୂଳରେ ଲୁଚାଇ ରଖିଥିବାର ସୂଚନା ଦେବାରୁ ପୁଲିସ ୨ଟି ସିଲିଣ୍ଡର ଜବତ ମଧ୍ୟ କରିଥିଲେ। ତଦନ୍ତ ପରେ ଅଭିଯୁକ୍ତକୁ ଗୁରୁବାର କୋର୍ଟ ଚାଲାଣ କରଯାଇଛି।

# ସୁଭଦ୍ରା ଆର୍ଟ ଗ୍ୟାଲେରୀ ଦ୍ୱାରା ଦିଲ୍ଲୀରେ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର,(ନି.ପ୍ର): ଭୁବନେଶ୍ୱର ସ୍ଥିତ ସୁଭଦ୍ରା ଆର୍ଟ ଗ୍ୟାଲେରୀ ଆନୁକୂଲ୍ୟରେ ଦିଲ୍ଲୀ ଠାରେ ଗାନ୍ଧୀ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରତବର୍ଷର ସ୍ୱାଧୀନତାର ୭୫ ବର୍ଷ ପାଳନ ଉପଲକ୍ଷେ ବନା ଯାଉଥିବା, 'ଆଜାଦିକା ଅମୃତ ମହୋତ୍ସବ' ଅବସରରେ ଆୟୋଜିତ ଏହି ଚିତ୍ରକଳା ମହାକୁମ୍ଭରେ ଜାତୀୟ ରାଜଧାନୀରେ ଅବସ୍ଥାପିତ ଏବଂ ଓଡ଼ିଶାରୁ ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଆସିଥିବା ବିଶିଷ୍ଟ ଚିତ୍ରଶିଳ୍ପୀମାନେ ଅଂଶ ଗ୍ରହଣ କରିଥିଲେ। ଏଠାକାର କନଷ୍ଟିଚ୍ୟୁସନ୍ କ୍ଲବ ସ୍ଥିତ ଐତିହାସିକ ସ୍ପିକର ହଲ୍ ଠାରେ ଗାନ୍ଧୀଙ୍କର ଜୀବନ ଓ ଦର୍ଶନ ଉପରେ ପ୍ରଦର୍ଶିତ ଚିତ୍ରକାର ମାନଙ୍କର ବିରଳ କଳା କଳାକୃତି ଗୁଡ଼ିକୁ ଦିଲ୍ଲୀର ବହୁ ବରେଣ୍ୟ ବ୍ୟକ୍ତି, ପ୍ରବାସୀ ଓଡ଼ିଆ ନେତୃବୃନ୍ଦ ଓ ବୁଦ୍ଧିଜୀବୀମାନେ ବୁଲି ଦେଖିବା ସହିତ ଏହି ଅନନ୍ୟ ଆୟୋଜନକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଉତ୍ସବରେ ପୌରୋହିତ୍ୟ କରି ସୁଭଦ୍ରା ଆର୍ଟ ଗ୍ୟାଲେରୀର ଅଧକ୍ଷ ତଥା ମୁଖ୍ୟ ଆୟାଜକ ଡଃ ସୂର୍ଯ୍ୟ ରଥ, ମହାତ୍ମା ଗାନ୍ଧୀଙ୍କର ମହାନ୍ ଜୀବନ ଓ ମହତ୍ ଦର୍ଶନ ଦ୍ୱାରା ଚଳିତ ପିଢ଼ିର ଚିତ୍ରଶିଳ୍ପୀମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ଭବିଷ୍ୟତରେ ଦିଲ୍ଲୀର ପ୍ରବାସୀ ଓଡ଼ିଆ ଚିତ୍ରକାରଙ୍କ ସହଯୋଗରେ ତାଙ୍କର ଗ୍ୟାଲେରୀ ବହୁ ଦେଶାତ୍ମକବୋଧକ ଏବଂ ସୃଜନଶୀଳ କଳାତ୍ମକ କାର୍ଯ୍ୟକ୍ରମମାନ ଆୟୋଜନ କରିବାକୁ ଯାଉଥିବା ଡଃ ରଥ ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଦ୍ୱାରା, 'ବୈଷ୍ଣବ ଜନ ତୋ...' ଭଜନର ତାଳେ ତାଳେ ମାତ୍ର ୧୦ ମିନିଟ ମଧ୍ୟରେ ଗାନ୍ଧୀ ମୂର୍ତ୍ତି ନିର୍ମାଣ, ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିଲା। ପ୍ରସିଦ୍ଧ ଶିଳ୍ପୀ ସୁଧାଂଶୁ ସୂତାର, ଗାନ୍ଧୀବାଦୀ ଚିନ୍ତାଧାରା ତାଙ୍କର କଳା କଳ୍ପନା ଓ ସର୍ଜନକୁ କିଭଳି ବିଶେଷ ଭାବେ ପ୍ରଭାବିତ କରିଛି, ତାହା ବେଶ୍ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଥିଲେ। ସମାବେଶରେ ସୁନାମଧନ୍ୟ କବି ଶଙ୍କର୍ଷଣ ପରିଡ଼ା, ପ୍ରତିଷ୍ଠିତ ଲେଖିକା ଡଃ ସୁନୀତି ମୁଣ୍ଡ ଓ ପ୍ରବାସୀ ଓଡ଼ିଆ ସମାଜସେବୀ ରିତା ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସିଲଭର ଗାନ୍ଧୀ ଭାବେ ପ୍ରସିଦ୍ଧି ହାସଲ କରିଥିବା ମୋହନ ମହାପାତ୍ର, ମହାତ୍ମାଙ୍କ ବେଶରେ ଛିଡ଼ା ହୋଇ ତାଙ୍କର ସ୍ୱଭାବ ସୁଲଭ ଢଙ୍ଗରେ ଆଗନ୍ତୁକ ମାନଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଇବାର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଥିଲା। ପ୍ରଦର୍ଶନୀରେ ଭାଗ ନେଇଥିବା ଚିତ୍ରଶିଳ୍ପୀ ଯଥା ସୁଧାଂଶୁ ସୂତାର, ପ୍ରବୋଧ ସ୍ୱାଇଁ, ସଜଳ୍ ପାତ୍ର, ପ୍ରବୋଧ କୁମାର ସାହୁ, ତପନ ଦାସ, ଅନୁପ ଚାନ୍ଦ, ଶୁଭ୍ରା ଚାନ୍ଦ, ଡାଇନା ମହାପାତ୍ର, ମମତା ସାମନ୍ତରାୟ, ନିବେଦିତା ପଟ୍ଟନାୟକ, ଶଶିକାନ୍ତ ରାଉତ, ଟୁଟୁ ପଟ୍ଟନାୟକ, ମାନସ ରଂଜନ ଜେନା, ମନୋଜ ମହାନ୍ତି, ସ୍ମିତାଧି ରଥ, କୁମୁଦ ଦାସ, ବନାଜ ମହାନ୍ତି, ବିକ୍ରମ ନାୟକ, ସୌଭାଗ୍ୟ ମହାପାତ୍ର, ଜଗନ୍ନାଥ ମହାପାତ୍ର, ଚିନ୍ତାମଣି ବିଶ୍ୱାଳ, ଆଶିଷ ପାଣ୍ଡେ ଓ ସୁବାସ ପୂଜାରୀ ପ୍ରମୁଖଙ୍କୁ ଅତିଥି ମାନେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉତ୍କଳ ଭାରତୀର ମୁଖ୍ୟ ସଂପାଦକ ଡଃ ନିର୍ମଳ ପଟ୍ଟନାୟକ, କଳିଙ୍ଗ ଭାରତୀ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ଇଂ ଅକ୍ଷୟ ସାମଲ ଏବଂ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ସଭାପତି ଡଃ ବିପିନ ମିଶ୍ର ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

# ଭାଇକୁ ଆକ୍ରମଣ, ଭଉଣୀକୁ ଅସଦାଚରଣ: ମଦ୍ୟପ ଗିରଫ

ଭୁବନେଶ୍ୱର,(ନି.ପ୍ର): ସାମାନ୍ୟ କଥା କଟାକଟିକୁ ନେଇ ଭାଇକୁ କାଠ ଫାଳିଆରେ ପିଟିବା ସହ ଭଉଣୀକୁ ଅସଦାଚରଣ କରିବା ମହଙ୍ଗା ପଡିଛି ଜଣେ ମଦ୍ୟପ ଯୁବକଙ୍କୁ। ଖାରବେଳନଗର ଥାନା ପୋଲିସ ମଦ୍ୟପ ଯୁବକକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ଖାରବେଳନଗର ଥାନା ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିର ରାଜୁ ମହାରଣା(୩୦)। ସୂଚନାନୁସାରେ, ଖାରବେଳନଗର ଥାନା ନିକଟସ୍ଥ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ରୁହନ୍ତି ଶଶିଭୂଷଣ ଦେହୁରୀ। ସେହିଭଳି ସେହି ବସ୍ତିରେ ରୁହନ୍ତି ରାଜୁ ମହାରଣା। ବୁଧବାର ସାମାନ୍ୟ କଥା କଟାକଟିକୁ ନେଇ ରାଜୁଙ୍କ ସହ ଶଶି ଭୂଷଣଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ରାଜୁ ଉତ୍‌କ୍ଷିପ୍ତ ହୋଇ ଶଶିଭୂଷଣଙ୍କୁ କାଠ ଫାଳିଆରେ ପିଟିବା ସହ ତାଙ୍କ ଭଉଣୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ଶଶିଭୂଷଣ ଗୁରୁବାର ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ରାଜୁକୁ କୋର୍ଟ ଚାଲାଣ କରିଛି।

### ସୁଧୁରିବ ପରିମଳ ବ୍ୟବସ୍ଥା: ଆସନ୍ତା ୧୬ରୁ କାର୍ଯ୍ୟକରିବେ ୨ ସଂସ୍ଥା

# ୪ ପ୍ୟାକେଜରେ ୨୮ ୱାର୍ଡରେ ଆରମ୍ଭ ହେବକାର୍ଯ୍ୟ

## ୭୫୦ ମିଟରରେ ଜଣେ କର୍ମଚାରୀ

ଭୁବନେଶ୍ୱର,(ନି.ପ୍ର): ରାଜଧାନୀରେ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ବୁଧବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପରିମଳ ବ୍ୟବସ୍ଥାରେ ନିୟୋଜିତ ଏଜେନ୍ସି ଆସନ୍ତା ୧୬ ତାରିଖଠାରୁ ନୂତନ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆୱାରଲ୍ୟାଣ୍ଡ ଇଞ୍ଜିନିୟରିଂ ୱାର୍କସ୍ ଓ ଗ୍ରୀନ ସର୍କଲ ଏନଭର୍ଭମେଣ୍ଟକୁ ନୂତନ ଭାବେ ଏହି ଦାୟିତ୍ୱ ଦିଆଯାଇଛି। ଯଥାକ୍ରମେ ୱାର୍ଡ ନଂ-୨୮ରୁ ୩୬, ୪୦ରୁ ୪୬, ୫୨ରୁ ୬୭ ନଂ ୱାର୍ଡରେ ଏହି ଦୁଇ ନୂଆ ଏଜେନ୍ସି ସଫେଇ କାର୍ଯ୍ୟକରିବେ। ଜିରୋ ଜିପିଏସ୍(ଗ୍ରାସ୍-ପ୍ଲାଷ୍ଟିକ୍-ଏସ୍) ଅନାବନା ଘାସ, ପ୍ଲାଷ୍ଟିକ ଆବର୍ଜନା ଓ ରାସ୍ତାରେ ଜମା ହେଉଥିବା ବର୍ଷାରେ ସୃଷ୍ଟି ହୋଇଥିବା ବାଲି କାଦୁଅ ଉଠାଇବା ଦିଗରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବରୁ ଆର୍ବଜନାର ବସ୍ତୁତ୍ୱ ଅନୁସାରେ ଏଜେନ୍ସିକୁ ଦେୟ ପ୍ରଦାନ କରାଯାଉଥିବାବେଳେ ବର୍ତ୍ତମାନ ଏହି ନିୟମରେ ବିଏମ୍‌ସି ପରିବର୍ତ୍ତନ ଆଣିଛି। ୭୫୦ପରିମିତ ଅଞ୍ଚଳକୁ ଜଣେ ସଫେଇ କର୍ମୀ ହିସାବରେ ପାଉଣା ଦିଆଯିବ। ତେବେ କର୍ପୋରେଟରମାନେ ଏହି ନୂତନ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅନୁଷ୍ଠିତ ବୈଠକରେ ଡେପୁଟି କମିଶନର(ପରିମଳ) ଶୁଭେନ୍ଦୁ ସାହୁଙ୍କ ସମେତ ଅତିରିକ୍ତ କମିଶନର, ଇଞ୍ଜିନିୟର(ପରିମଳ), ସିଟି ଇଞ୍ଜିନିୟର୍, ହେଲ୍‌ଥ ଅଫିସର, ପବ୍ଲିକ୍ ହେଲଥ୍, ବିଦ୍ୟୁତ୍, ପାନୀୟ ଜଳ, ସ୍ୱରେଜ୍ ଓ ପରିବେଶ କମିଟି ଅଧକ୍ଷ ଓ ସଦସ୍ୟ ଉପସ୍ଥିତ ରହିଥିଲେ। ସେହିପରି ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ୱାର୍ଡର କର୍ପୋରେଟମାନେ ଯୋଗ ଦେଇଥିଲେ।

### ଡିଜିଟାଲ୍ ଋଣ ଆପ୍ ଠକେଇ ମାମଲା

# ଅଭିଯୁକ୍ତ ନିତିନ୍‌ର ଜାମିନ ଖାରଜ

ଭୁବନେଶ୍ୱର,(ନି.ପ୍ର): ଡିଜିଟାଲ୍ ଋଣ ଆପ୍ ଠକେଇ ମାମଲାରେ ଇଓଡବ୍ଲ୍ୟୁ ତଦନ୍ତ ଜାରି ରଖିଥିବାବେଳେ ନିକଟରେ ଏକ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତ ନିତିନ୍ ମଲ୍ଲିକଙ୍କ ଜାମିନ ଆବେଦନର ଶୁଣାଣି କରି ଗୁରୁବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଖାରଜ କରିଛନ୍ତି। ଅନ୍ୟପକ୍ଷରେ ସେପଟେ ନୀତିନ୍‌ଙ୍କୁ ମୁମ୍ବାଇ ଭିପି ରୋଡ୍ ଥାନା ପୋଲିସ ଅଗଷ୍ଟ ୩ରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ଲୋନ ଆପ ଠକେଇ ମାମଲାରେ ଖୋଳତାଡ଼ ଜାରି ରଖିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ନିତିନ୍ ଏମ୍‌ଏସ୍ ଗୁଡ୍ ଷ୍ମାର୍ଟ ବିଜ୍‌ନେସ୍ ପ୍ରାଇଭେଟ ଲିଃ ଓ ଏମ୍‌ଏସ୍ ରାଇଟ୍ ଷ୍ମାର୍ଟ ବିଜନେସ୍ ପ୍ରାଇଭେଟ ଲିଃର ନିର୍ଦ୍ଦେଶକ ଅଛନ୍ତି। ଏହି ଠକେଇ ର୍ୟାକେଟ ପଛରେ ଥିବା ମାଷ୍ଟରମାଇଣ୍ଡ ୩ ଚାଇନା ନାଗରିକ ସହଯୋଗୀ ଥିଲେ ନିତିନ୍। ସେ ବିଏସ୍‌ଏନ୍‌ଏଲ୍ ଓ ଏୟାରଟେଲ ଆଦି ସଂସ୍ଥାରୁ ବହୁ ସିମ୍ ଆଣି ଚାଇନା ମାଷ୍ଟରମାଇଣ୍ଡଙ୍କୁ ଦେଉଥିଲେ। ଉକ୍ତ ସିମ୍ ଦ୍ୱାରା ଗ୍ରାହକଙ୍କଠାରୁ ଟଙ୍କା ଆଦାୟ କରିବାକୁ ବିଭିନ୍ନ ଏଜେ ଙ୍କୁ ସେ ନିୟୋଜିତ କରୁଥିଲେ। ଏଥିପାଇଁ ଚାଇନା ନାଗରିକଙ୍କଠାରୁ ସେ କମିଶନ ଆକାରରେ ବିପୁଳ ଟଙ୍କା ପାଉଥିଲେ। ଜୁଲାଇ ୧୫ରେ ଇଓଡବ୍ଲ୍ୟୁ ନିତିନ୍‌ଙ୍କୁ ଗିରଫ କରିଥିଲା। ଏହାପରେ ରିମାଣ୍ଡରେ ଆଣି ଅନେକ ତଥ୍ୟ ହାସଲ କରିଥିଲା। ଲୋନ୍ ଆପ୍ ଠକେଇ ମାମଲାରେ ୩ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇ ମୁମ୍ବାଇ ପୁଲିସ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଏହି ରାକେଟ୍ କେବଳ ଲୋକଙ୍କୁ ଲୋନ୍ ଦେଇ ଠକେଇ କରୁନଥିଲା ବରଂ ଲକ୍ଷାଧିକ ଲୋକଙ୍କ ବ୍ୟକ୍ତିଗତ ଡାଟା ଚାଇନା ଯାଇଛି। ଏହି ଡାଟା କୋଟି କୋଟି ଟଙ୍କାରେ ବିକ୍ରି ହୋଇଥିବା ପଚରାଉଚରା ବେଳେ ୩ଅଭିଯୁକ୍ତ କହିଥିବା ଜଣାପଡ଼ିଛି। ଠକେଇ ସହ ଲୋକଙ୍କ ଟାଟା ଚୋରି କରି ବିକ୍ରି କରି ମାଲେମାଲ ହୋଇଥିଲେ ଚାଇନା ଠକ। ଏକାଧିକ ଲୋକଙ୍କ ଫଟୋ, ଭିଡ଼ିଓ ଏବଂ କଣ୍ଟାକ୍ଟ ଲିଷ୍ଟ ମଧ୍ୟ ଚୋରି ହୋଇଛି। ୩ଅଭିଯୁକ୍ତଙ୍କୁ ମୁମ୍ବାଇ ପୋଲିସ ପଚରାଉଚରା ପରେ ଏଭଳି ସାଂଘାତିକ ତଥ୍ୟ ଆସିଛି। କେବଳ ସାଧାରଣ ଲୋକଙ୍କୁ ତଥ୍ୟ ଚୋରି କରିଛନ୍ତି ନା ସରକାରୀ କର୍ମଚାରୀଙ୍କ ତଥ୍ୟ ଚୋରି ହୋଇଛି। ତାହାକୁ ନେଇ ମୁମ୍ବାଇ ସାଇବର ଥାନା ପୋଲିସ ତନାଘନା କରୁଛି। ଇଓଡବ୍ଲ୍ୟୁ ଗତ ଜୁଲାଇ ୧୩ ତାରିଖରେ ନିତୀନ ମଲ୍ଲିକଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। ହେଲେ ତାଙ୍କ ନାମରେ ମୁମ୍ବାଇ ଥାନାରେ କେସ୍ ନଂ-୨୩୦/୨୨ ରୁଜୁ ହୋଇଥିଲା। ତେଣୁ ଏହି ମାମଲାରେ ନିତୀନ୍‌କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି ମୁମ୍ବାଇ ପୋଲିସ।

### ଆରମ୍ଭ ହେଲା ରିହର୍ସଲ ପରେଡ୍

# ଜାତୀୟ ପତାକା ତିଆରି କରି ବାଣ୍ଟିବେ ମିଶନ ଶକ୍ତି ଗ୍ରୁପ୍

ଭୁବନେଶ୍ୱର,(ନି.ପ୍ର): ଗୁରୁବାର ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ପରେଡ ରିହର୍ସାଲ ଆରମ୍ଭ ହୋଇଛି। ୩ ଦିନ ଧରି ଏହା ଚାଲିବା ପରେ ୧୩ ତାରିଖରେ ଫୁଲଡ୍ରେସ ରିହର୍ସାଲ ଅନୁଷ୍ଠିତ ହେବ। ମୁଖ୍ୟ ବ୍ୟାଣ୍ଡକୁ ମିଶାଇ ୪ଟି ଗ୍ରୁପ ଏହି ପରେଡରେ ଅଂଶ ଗ୍ରହଣ କରିଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ କରୋନା କଟକଣା ପାଇଁ ଚଳିତ ବର୍ଷ ପରେଡରେ ଅଂଶ ଗ୍ରହଣ କରିବା ଓ ଉପସ୍ଥିତ ରହିବାକୁ ବାରଣ କରାଯାଇଛି। ଚଳିତ ବର୍ଷ କେସିଙ୍ଗା ଏସଡିପିଓ ପରେଡର କମାଣ୍ଡର ଭାବରେ ଦାୟିତ୍ୱ ନେଇଛନ୍ତି। ଆଜାଦୀ କା ଅମୃତ ମହତ୍ସୋବ ନାମରେ ଚଳିତ ବର୍ଷ କିଛି ନିଆରା ଢଙ୍ଗରେ ସ୍ୱାଧିନତା ଦିବସକୁ ପାଳନ କରାଯାଉଛି। ଏହି ଉତ୍ସବକୁ ଦେଶର ପୁରପଲ୍ଲୀରେ ପହଁଚାଇବା ପାଇଁ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ନେଇ ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଚଳିତ ବର୍ଷ ମାଗଣାରେ ଜାତୀୟ ପତାକା ପ୍ରଦାନ କରିବା ନିମନ୍ତେ ଘୋଷଣା ହୋଇଛି। ମିଶନ ଶକ୍ତି ଗ୍ରୁପମାନେ ଜାତୀୟ ପତାକାକୁ ନିର୍ମାଣ କରିବା ସହ ପ୍ରଦାନ କରିବା ଦାୟିତ୍ୱ ନେଇଛନ୍ତି।

# ଅଗଷ୍ଟ ୧୫ରେ ସମ୍ବର୍ଦ୍ଧିତ ହେବେ ୨୨ ପୋଲିସ

ଭୁବନେଶ୍ୱର,(ନିପ୍ର): ଅଗଷ୍ଟ ୧୫ ତାରିଖରେ ଓଡ଼ିଶାରୁ ୯ଜଣଙ୍କୁ ସାହସିକତା ପୋଲିସ ପଦକ, ୨ ଜଣଙ୍କୁ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପାଇଁ ପୋଲିସ ପଦକ ପ୍ରଦାନ କରାଯିବ। ସାହସିକତା ପାଇଁ ପୋଲିସ ପଦକ ପାଇବାକୁ ଥିବା କର୍ମଚାରୀ ହେଲେ ଓଏପିଏଫ ଯବାନ ସ୍ୱର୍ଗତ ଜୟରାମ କାବାସି (ମରଣୋତ୍ତର) ପୋଲିସ ଅଧୀକ୍ଷକ ରିଶିକେଶ ଦ୍ୟାନଦେଓ ଖିଲାରୀ, ଆଇପିଏସ ଓଏପିଏଫ ଯବାନ ରାମୁ ଦୁରୁଆ କନେଷ୍ଟବଳ ବନ୍ଧୁ ହନ୍ତାଳ, କନେଷ୍ଟବଳ ଘେନୁ ହନ୍ତାଳ, ହାବିଲଦାର ପ୍ରବୀଣ ଥାପା, ହାବିଲଦାର ରାଜେଶ ବିଶ୍ୱକର୍ମା, କନେଷ୍ଟବଳ ଜୀବନ ଶାହୀ ଓ କନେଷ୍ଟବଳ ଔଷଧିନାଥ ବେହେରା। ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୋଲିସ ପଦକ ଭୁବନେଶ୍ୱରର ଅତିରିକ୍ତ ଉପ ଆରକ୍ଷୀ ଆୟୁକ୍ତ (ଏଡିସିପି) ପ୍ରାଣକୃଷ୍ଣ ରାଉତ ଓ କଟକର କନେଷ୍ଟବଳ ପ୍ରଦୀପ କୁମାର ମହାନ୍ତ ପାଇବେ। ପ୍ରଶଂସନୀୟ ସେବା ପାଇଁ ସଞ୍ଜୟ କୁମାର କୌଶଳ, ପୋଲିସ ଆଇଜି, ଭିଜିଲାନ୍ସ ନିର୍ଦ୍ଦେଶାଳୟ, କଟକ, କମଳ ଲୋଚନ ଭୂୟାଁ, ଉପ ଆରକ୍ଷୀ ଅଧିକ୍ଷକ (ଡିଏସପି), ଡିଆଇବି, ଭଦ୍ରକ, ସୁଜାତା ଖଣ୍ଡୁଆଳ, ଉପ ଆରକ୍ଷୀ ଅଧିକ୍ଷକ (ଡିଏସପି), ଭିଜିଲାନ୍ସ ନିର୍ଦ୍ଦେଶାଳୟ, କଟକ, ରଘୁନାଥ ପ୍ରସାଦ ନାୟକ, ଉପ ଆରକ୍ଷୀ ଅଧିକ୍ଷକ (ଡିଏସପି), ସ୍ୱତନ୍ତ୍ର ଶାଖା, କଟକ, ଅରୁଣ କୁମାର ସ୍ୱାଇଁ, ସହାୟକ ଆରକ୍ଷୀ ଆୟୁକ୍ତ (ଏସିପି), ୟୁପିଡି, ଭୁବନେଶ୍ୱର, ଶେଖ୍ ଆତାଉଲ୍ଲା, ଡ୍ରାଇଭର ହାବିଲଦାର, ଭିଜିଲାନ୍ସ ନିର୍ଦ୍ଦେଶାଳୟ, କଟକ, କୃତିବାସ ପଣ୍ଡା, ସହାୟକ ଉପ ପାଲିସ ନିରୀକ୍ଷକ, କଟକ, ମଧୁସୂଦନ ବେହେରା ଉପ ପାଲିସ ନିରୀକ୍ଷକ, ସମ୍ବଲପୁର, ପଥ୍ୱଲ ଦୟାଲ ବା, ଉପ କମାଣ୍ଡାଣ୍ଟ, ଏସଓଜି, ଭୁବନେଶ୍ୱର, ଅଜୟ କୁମାର ମିଶ୍ର, ଉପ ଆରକ୍ଷୀ ଅଧୀକ୍ଷକ (ଡିଏସପି) ଛତ୍ରପୁର, ଗଞ୍ଜାମ, ମାଇଲି ମୋହନ, କନଷ୍ଟେବଳ, ବ୍ରହ୍ମପୁରଙ୍କୁ ସମ୍ମାନିତ କରାଯିବ।

### ଖାରବେଳନଗର ଅଞ୍ଚଳରେ ମାତିଲେ ଲୁଟେରା

# କାଚଭାଙ୍ଗି ନେଇଗଲେ ଲାପଟପ୍, ଟଙ୍କା

ଭୁବନେଶ୍ୱର,(ନି.ପ୍ର): ଖାରବେଳନଗର ଥାନା ଅଞ୍ଚଳରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ୍। ଦୁଇଟି କାର୍‌ର କାଚ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ଲାପଟପ ନେଇଯାଇଥିବା ଜଣାପଡିଛି। ଏ ନେଇ ମାଲିକମାନେ ଗୁରୁବାର ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ହେଲେ ଯୁବ ପ୍ରଫେସର ୟୁ. ତ୍ରିପତି ବାଲାଜୀ ଦୋରା ଓ ଅଶ୍ୱିନୀ କୁମାର ମୁନୀ। ଅଭିଯୋଗ ପାଇବା ପରେ ପୋଲିସ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ସିସିଫୁଟେଜକୁ ଜବତ କରି ଅପରାଧୀମାନଙ୍କୁ ଧରିବାକୁ ଜୋରଦାର ଉଦ୍ୟମ ଚଳାଇଛି। ସୂଚନାନୁସାରେ, ରସୁଲଗଡରେ ରହୁଥିବା ୟୁ. ତ୍ରିପତି ବାଲାଜୀ ଦୋରା ବୁଧବାର ରାତି ୭ଟା ସମୟରେ ତାଙ୍କର କାର୍ ବିଗବଜାର ନିକଟସ୍ଥ ଆକ୍ସିସ ବ୍ୟାଙ୍କ ସମ୍ମୁଖରେ ରଖି କୌଣସି କାମରେ ଯାଇଥିଲେ। ଆସି ଦେଖିବା ବେଳକୁ କାରର କାଚ ଭଙ୍ଗାଯିବା ସହ କାର୍ ଭିତରେ ଥିବା ୫ ହଜାର ଟଙ୍କା ଓ ଲାପଟପ ନଥିଲା। ସେହିଭଳି ନୂଆପଲ୍ଲୀରେ ରହୁଥିବା ଅଶ୍ୱିନୀ କୁମାର ମୁନୀ କୌଣସି କାମରେ ରାମ ମନ୍ଦିର ନିକଟକୁ ଯାଇ ସେଠାରେ ଗାଡି ରଖି ନିଜ କାମ ସାରି ଫେରି ଦେଖିବା ବେଳକୁ କାର୍ କାଚ ଭଙ୍ଗାଯିବା ସହ ଗୋଟିଏ ମୋବାଇଲ ଫୋନ, ଲାପ୍‌ଟପ ଦୁର୍ବୃତ୍ତମାନେ ଲୁଟି ନେଇ ପଳାଇଛନ୍ତି। ଏ ନେଇ ୟୁ ତ୍ରିପତି ଓ ଅଶ୍ୱିନୀ ଗୁରୁବାର ଖାରବେଳନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅପରାଧୀମାନଙ୍କୁ ଧରିବାକୁ ଜୋରଦାର ଉଦ୍ୟମ ଚାଲିଛି ବୋଲି କହିଛନ୍ତି ଥାନା ଅଧିକାରୀ ରାଧାକାନ୍ତ ମିଶ୍ର।

# ପ୍ରସିଦ୍ଧ ଶିଳ୍ପପତି ଓ ପି ଜିନ୍ଦଲଙ୍କ ୯୨ ତମ ଜନ୍ମ ବାର୍ଷିକୀ ମହାସମାରୋହରେ ପାଳିତ




ଯୋଡା : ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରତିଷ୍ଠାତା ଶ୍ରୀ ଓ. ପି. ଜିନ୍ଦଲଙ୍କ ୯୨ ତମ ଜନ୍ମ ବାର୍ଷିକୀ ୭ ଅଗଷ୍ଟ ୨୦୨୨ ରେ ଜେଏସପି ଏଲ୍ ଗ୍ରୁପ ର ବଡ଼ବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ ମାଇନ୍ସରେ ପାଳନ କରାଯାଇଥିଲା। ସମସ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟନିର୍ବାହୀ, କର୍ମଚାରୀ ଏବଂ ସହଯୋଗୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ ତଥା ପ୍ରଖ୍ୟାତ ଶିଳ୍ପପତି, ଶ୍ରୀ ଓ. ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଦିନିକିଆ ଆଧ୍ୟାତ୍ମିକ, ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା। ବଡ଼ବିଲ ପେଲେଟ ପ୍ଲାଣ୍ଟରେ ଶ୍ରୀ ଓ. ପି. ଜିନ୍ଦଲଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା । ପରେ ଟାଉନସିପ୍ ମନ୍ଦିରରେ ଆୟୋଜିତ ପୂଜା ଏବଂ ଯଜ୍ଞ କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଶ୍ରୀ ବ୍ରିଜ ବଧଦ୍ର, ଅନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ। ରାତିରେ ଟିମ୍ ପେଲେଟ୍ ପ୍ଲାଣ୍ଟ ଦ୍ୱାରା ଏକ ମେଗା ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା। କୋଭିଡ ମହାମାରୀ ହେତୁ ଗତ ଦୁଇ ବର୍ଷ ଧରି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସମ୍ଭବ ହୋଇ ପାରିନଥିଲା। ତେଣୁ, ଗତ ବର୍ଷର ସମସ୍ତ ପୁରସ୍କୃତ ହେବାକୁ ଥିବା ବ୍ୟକ୍ତିଙ୍କୁ ଏଥିରେ ସାମିଲ କରିବା ପାଇଁ ଏହି ବର୍ଷର କାର୍ଯ୍ୟକ୍ରମକୁ ବୃହତ ସ୍ତରରେ ଯୋଜନା କରାଯାଇଥିଲା । ଜେଏସପି କର୍ମଚାରୀଙ୍କ ବ୍ୟତୀତ ଯୋଡା-ବଡ଼ବିଲ ଖଣି ଅଞ୍ଚଳରେ ଅବସ୍ଥିତ ଅନ୍ୟ ଶିଳ୍ପଗୁଡିକର ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କୁ ମଧ୍ୟ ଏହି ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। କେନ୍ଦୁଝର ଜିଲ୍ଲାର ୧୬ ଜଣ ଖେଳାଳି, ଯେଉଁମାନେ ଜାତୀୟ ସ୍ତରର କ୍ରୀଡା ଇଭେଣ୍ଟରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ଜେଏସପିଏଲ ଫାଉଣ୍ଡେସନ ଦ୍ୱାରା ଆଦିବାସୀ ବିକାଶ ସମିତି ଠାରେ ସେମାନଙ୍କୁ ଅଭିବାଦନ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ୟୁନିଟ୍ ହେଡ୍, ଶ୍ରୀ ବଧଦ୍ର ଏବଂ ହେଡ୍ ସିଏସ୍ଆର ଶ୍ରୀ ଉର୍ଜିଲ ଲାକ୍ରା ଉପସ୍ଥିତ ଥିଲେ । ପ୍ରତିଷ୍ଠାତା ଦିବସ ମଧ୍ୟ ଜିନ୍ଦଲ ସ୍କୁଲ, ବଡ଼ବିଲରେ ଜୋରସୋରରେ ପାଳନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ, ଛାତ୍ର ଏବଂ ସେମାନଙ୍କ ପିତାମାତାଙ୍କ ସମେତ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ଦ୍ୱାରା ଗୀତ ଏବଂ ନୃତ୍ୟ ପରିବେଷିତ ହୋଇଥିଲା । ୯୨ ତମ ପ୍ରତିଷ୍ଠାତା ଦିବସ ଉପଲକ୍ଷେ, କାସିଆ ଆଇରନ ମାଇନ୍ ଶ୍ରୀ ଓ. ପି. ଜିନ୍ଦଲ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଣ୍ଟ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ମାନ୍ୟବର ବିଧାୟକ, ବଣାଇ, ଶ୍ରୀ ଲକ୍ଷ୍ମଣ ମୁଣ୍ଡା ଏବଂ ଉପ ଜିଲ୍ଲାପାଳ, ବଣାଇ, ଶ୍ରୀ ସୁରଞ୍ଜନ କୁମାର ସାହୁ, ଶ୍ରୀ ପାମୋଦ କୁମାର ପାତ୍ର, ୟୁନିଟ୍ ମୁଖ୍ୟ ଏବଂ ଆଖପାଖ ଗ୍ରାମ ପଞ୍ଚାୟତର ୟୁନିଟ୍ ହେଡ୍ ଶ୍ରୀ ପାତ୍ର, ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟାଉନସିପ୍ ମନ୍ଦିରରେ ପୂଜା ଓ ଯଜ୍ଞ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ପ୍ରସିଦ୍ଧ ଶିଳ୍ପପତି ଶ୍ରୀ ଓ. ପି. ଜିନ୍ଦଲ ଜୀଙ୍କୁ ତାଙ୍କ ୯୨ ତମ ଜନ୍ମ ବାର୍ଷିକୀରେ କାସିଆ ଆଇରନ୍ ମାଇନ୍ କର୍ମଚାରୀମାନେ ସ୍ମରଣ କରିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ୟୁନିଟ୍ ମୁଖ୍ୟ ଶ୍ରୀ ଅଜିତ ପାତ୍ର, ସମସ୍ତ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟ ଟାଉନସିପରେ ଥିବା ମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜା ଏବଂ ଯଜ୍ଞ ସମାରୋହରେ ଅଂଶଗ୍ରହଣ କରିଥିଲେ।

# ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଅନ୍ତର୍ଜାତୀୟ ଜନଜାତି ଦିବସ ପାଳିତ



ଗନ୍ଧଲପଦା ) :ଟାଟା ଷ୍ଟିଲର ସିଏସ୍ଆର ସଂସ୍ଥା ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଗୁଆଳି ପଂଚାୟତର ଗନ୍ଧଲପଦା ଗ୍ରାମରେ ଅନ୍ତର୍ଜାତୀୟ ଜନଜାତି ଦିବସ ପାଳିତ ହୋଇଯାଇଛି। ପ୍ରବଳ ବର୍ଷା ସତ୍ୱେ ପାର୍ଶ୍ୱବର୍ତ୍ତୀ ଗ୍ରାମ ଓ ଏହି ଦୁର୍ଗମ ପାହାଡ଼ିଆ ଅଂଚଳରୁ ଶତାଧିକ ଲୋକ ଏହି ଦିବସ ପାଳନ କରିବା ପାଇଁ ଗ୍ରାମରେ ଏକତ୍ରିତ ହୋଇଥିଲେ। ପାରମ୍ପାରିକ ଓ ରଙ୍ଗୀନ ପୋଷାକ ପରିଧାନ କରି ସେମାନେ ଏକ ଆକର୍ଷଣୀୟ ସଂଗୀତ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସହୃଦୟତାର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ପାରମ୍ପାରିକ ଜ୍ଞାନର ସଂରକ୍ଷଣ ଓ ସଂଚାରଣରେ ଜନଜାତି ମହିଳାମାନଙ୍କ ଭୂମିକା" ଉପରେ ଉଦ୍‌ବୋଧନ ଦେଇ ସ୍ଥାନୀୟ ଛାତ୍ର ନେତା ସୁନୀଲ ସୁଣ୍ଡି କହିଥିଲେ ଯେ ପୈତୃକ ଜ୍ଞାନର ସଂରକ୍ଷଣରେ ଜନଜାତି ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ସମାଜକୁ ସେମାନଙ୍କର ମହତ୍ୱ ବିଷୟରେ ବୁଝିବାରେ ସହାୟତା କରିପାରିବ।" ଏକ ସାମାଜିକ କର୍ମୀ ଜମାଦାର ମୁଣ୍ଡା କହିଛନ୍ତି ଯେ, ମହିଳାମାନେ ପାରମ୍ପାରିକ ପ୍ରାକୃତିକ ସମ୍ବଳ ଏବଂ ଜନଜାତି ଅଂଚଳକୁ ସୁରକ୍ଷା ଦେବା ବ୍ୟତୀତ ସମଗ୍ର ବିଶ୍ୱରେ ଜନଜାତିଙ୍କ ଅଧିକାରକୁ ପ୍ରତିପାଦିତ କରିଥାନ୍ତି। ଜନଜାତି ଓ ଆଦିବାସୀ ସଂସ୍କୃତି ଏବଂ ଗୋଷ୍ଠୀ ଆମ ଉତ୍ପତିକୁ ପ୍ରତିଫଳିତ କରିବାରେ ସାହାଯ୍ୟ କରନ୍ତି। ଜନଜାତି ଲୋକଙ୍କ ଦ୍ୱାରା ଅର୍ଜିତ ଜ୍ଞାନର ସାଂସ୍କୃତିକ ଏବଂ ବୈଜ୍ଞାନିକ ସଜ୍ଞାନ ନିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାପୂର୍ବରୁ ଦିନର ପ୍ରାରମ୍ଭରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ବାଇକ୍ ର୍‍ୟାଲିର ଆୟୋଜନ କରାଯାଇଥିଲା, ଯେଉଁଥିରେ ଏହି ସ୍ୱତନ୍ତ୍ର ଦିନକୁ ପାଳନ କରିବା ପାଇଁ ବହୁସଂଖ୍ୟାରେ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ। ଏହି ଦିନ ପାଳନ ଅବସରରେ ମହିଳାମାନେ ପାରମ୍ପାରିକ ଖାଦ୍ୟ ଓ ପନିପରିବା ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ କଲମାଙ୍ଗ ଓ ଗନ୍ଧଲପଦା ଖଣି ଚିଫ୍ ଦୀପକ ବେହେରା, ଟାଟା ଷ୍ଟିଲ ଫାଉଣ୍ଡେସନ୍ ର ଶାଖା ମୁଖ୍ୟ ସଞ୍ଜୟ ସରଦାର, ସ୍ଥାନୀୟ ନେତା ଝରିଆ ମୁଣ୍ଡା, ଚରଣ ମୁଣ୍ଡା ଏବଂ ମାନସିଂହ ମୁଣ୍ଡା ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ଯିବାରୁ, ଛାତ୍ର ନେତାଙ୍କ ସହାୟତା

କନ୍ଧମାଳ : କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅନ୍ତର୍ଗତ ଟିକାବାଲି ଗ୍ରାମପଞ୍ଚାୟତ, ନୁଆସାହି ବରପଦା ସ୍ୱାମୀ -ସୁବାଷ କହଁର ସ୍ତ୍ରୀ -ସାନ୍ତି କହଁରଙ୍କ ଲଘୁଚାପ ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି ଟିକାବାଲି ଅଞ୍ଚଳରେ ଅନେକ ଗାଁରେ ଲଗାଣ ବର୍ଷା



ଯୋଗୁଁ ପରିବାର ଗୁଞ୍ଜିବା ସହିତ ପରିବାର ଚାଲିବାରେ ସମସ୍ୟା ଦେଖାଯାଉଛି । ଭଗବାନଙ୍କ ସୁବାଷଙ୍କ ପରିବାର ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି । ଅତି ଗରିବ ମଜୁରିଆ ମୂଳ ଲାଗି ଘର ଚଳୁଥିବା ବେଳେ ଦଇବ ଦାଉ ସାଜିଛି ଲଗାଣ ବର୍ଷା ଏହି ଖବର ପାଇ ବିଜେଡ଼ି ଛାତ୍ର ନେତା ପ୍ରମିଶ ଦିଗାଲ ଯଥା ସମ୍ଭବ ତାଙ୍କ ବାସଗୃହ ଯାଇ ଏକ ପଲଥିନ ଓ ଅନ୍ୟାନ୍ୟ ସାହାଯ୍ୟର ହାତଡ଼ାଇବା ସହ ବିପଦର ବନ୍ଧୁ ହଇ ସରକାରଙ୍କର ଯଥା ସମ୍ଭବ ସାହାଯ୍ୟ ଦିଆଯିବା ପାଇଁ କହିଥିଲେ ଏହି ମହାନ କାର୍ଯ୍ୟ ପାଇଁ ପ୍ରମିଶ ଦିଗାଲଙ୍କୁ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।

# ପରିତ୍ୟକ୍ତ ଅବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ର

କୋରାପୁଟ 12/08(AONS): କୋଟପାଡ଼- କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକ ଅଧିନସ୍ଥ ଡାବୁଗୁଡା ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରାକ୍ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଏଠାରେ ଅବସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଅତ୍ୟନ୍ତ ପରିତ୍ୟକ୍ତ ଅବସ୍ଥାରେ ଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ନିଶ୍ଚିତ ଭାବେ ଏକ ସମ୍ବେଦନଶୀଳ ବିଷୟ। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ପ୍ରାକ୍ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ପ୍ରଦାନ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବିକ ଭାବେ ଗ୍ରାଉଣ୍ଡ ଜିରୋରେ ତାହାର କିଭଳି ଭାବେ ରୁପାୟନ ହେଉଛି । ତାହା ଡାବୁଗୁଡା ଅଙ୍ଗନବାଡ଼ି କେନ୍ଦ୍ରକୁ ଅବଲୋକନ କଲେ ସ୍ପଷ୍ଟ ଭାବେ ଅନୁମେୟ କରିହେବ। ଅଙ୍ଗନବାଡ଼ି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ପ୍ରବେଶ ପୂର୍ବରୁ ଶିଶୁର



ଯତ୍ନ ଓ ସ୍ୱାସ୍ଥ୍ୟର ଉନ୍ନତି ସାଧନ। କିନ୍ତୁ ଡାବୁଗୁଡା ଅଙ୍ଗନବାଡ଼ି କେନ୍ଦ୍ରକୁ ଅବଲୋକନ କଲେ ଆମେ ସ୍ପଷ୍ଟ ଭାବେ ଜାଣିହେବଯେ କୋମଳମତି ଶିଶୁମାନେ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିତ୍ୟକ୍ତ ଗୃହକୁ ଆସି ଦୈନନ୍ଦିନ କାର୍ଯ୍ୟ କରିବାକୁ ବାଧ ହୁଅନ୍ତି। ନିମ୍ନମାନର ନିର୍ମାଣ କାର୍ଯ୍ୟ ହେଉକି ଅନ୍ୟ କିଛିଭି କାରଣ ହେଉ ବର୍ଷାଦିନେ ଏହି କେନ୍ଦ୍ରର ଅବସ୍ଥା ଆଦି ଶୋଚନୀୟ ହୋଇପଡୁଛି। ଗୃହର ଛାତରୁ ପାଣି ଅନବରତ ପଡ଼ି ଜଳମଗ୍ନ ହୋଇଯାଇଥାଏ। ଯାହାଦ୍ୱାରା ଓଦା ସରସର ସ୍ଥାନରେ ଛୋଟ ଶିଶୁକୁ ବସାଇବା ତାହାର ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ଏଥିରେ ସନ୍ଦେହର ଅବକାଶ ନାହିଁ। ଯଦି ଏହି ପରିତ୍ୟକ୍ତ ଗୃହରେ କୋମଳମତି ଶିଶୁମାନଙ୍କ ଉପରେ କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଅଙ୍ଗନବାଡ଼ି କେନ୍ଦ୍ର ଏହି ପରିତ୍ୟକ୍ତ ଅବସ୍ଥା ସଂପର୍କରେ କେନ୍ଦ୍ରକୁ ତଦାରଖ କରିବାକୁ ଆସୁଥିବା ଉଚ୍ଚ ଅଧିକାରୀମାନେ କିଭଳି ଜାଣିପାରୁନାହାନ୍ତି ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଥିବାବେଳେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଗୃହର ଏଭଳି ଅବସ୍ଥା ସଂପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି କି ନାହିଁ ତାହା ତଦନ୍ତର ବିଷୟ। ଏଠାରେ ନିଶ୍ଚିତ ଭାବେ କୁହାଯାଇପାରେ ଯେ ପ୍ରଶାସନର ଅପାରଗତା ଓ ନିଦାବିଷ୍ଟ ରୂପ ପାଇଁ ପରିତ୍ୟକ୍ତ ଗୃହରେ କୋମଳମତି ଶିଶୁମାନଙ୍କ ଜୀବନକୁ ବାଜି ଲଗାଇବା କେତେଦୂର ଗ୍ରହଣୀୟ ? ତୁରନ୍ତ ଜିଲ୍ଲା ପ୍ରଶାସନ ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ତରଫରୁ ଦାବୀ ହେଉଛି ।

## ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା



ଝରିଗାଁ, ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଗୁରୁସିଙ୍ଗା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶ୍ରୀ ସୁରେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି , ବରିଷ୍ଠ ପ୍ରାକ୍ତନ ଶିକ୍ଷକ ତଥା ଉପଦେଷ୍ଟା ଶ୍ରୀ ତ୍ରିଲୋଚନ ପାଣ୍ଡେ, କୁସୁମୀ ଉନ୍ନତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରାଜୁ ଏଲ୍ କେନ୍ ଦୋରା ଉପସ୍ଥିତ ଥିଲେ। ସଭା କାର୍ଯ୍ୟ ପରିଚାଳନା କରିଥିଲେ ଗୁରୁସିଙ୍ଗା ପ୍ରାଥମିକ ବିଦ୍ୟାଳୟରର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ଅର୍ଣ୍ଣପୂର୍ଣ୍ଣା ଜେନା। ସଭାରେ ପୂର୍ବରୁ କାର୍ଯ୍ୟରତ ପ୍ରାକ୍ତନ ସିଆରସିସି ଶିବ ନାରାୟଣ ଓ ନୂତନ ଭାବରେ ଯୋଗଦାନ କରିଥିବା ସିଆରସିସି ବିଭୁ ତ୍ରୀପାଠୀଙ୍କୁ ସମ୍ବର୍ଦ୍ଧନା ଆଞ୍ଚଳିକ ସାଧନ କେନ୍ଦ୍ର ଅଧିନସ୍ଥ ସମସ୍ତ ଶିକ୍ଷକ /ଶିକ୍ଷୟିତ୍ରୀଙ୍କ ତରଫରୁ ଦିଆଯାଇଥିଲା। ସମସ୍ତ ୧୩ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।ପ୍ରମୁଖ ଭାବରେ ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତି ନମିତା ପଟ୍ଟନାୟକ, ଲଛମନ ପନକା, ତପନ ସେଠୀ, ବିଶ୍ୱଜିତ୍ କର, କୃତ୍ତିବାସ ଗଣ୍ଡ, ଦିବା ହାଲବା, ଗୁଣଧର ଗଣ୍ଡ,ଅରକ୍ଷିତ ହଲବା, ଯୋଛନା ସାହୁ, ରିତା ପରିଡା, ବିପିନ ହରିଜନ, ଲକ୍ଷ୍ମୀ ସାହୁ, ଗୈରାଙ୍ଗ ପାତ୍ର, ପ୍ରଦୀପ ରାଉତ ପ୍ରମୁଖ ସହଯୋଗୀ/ଉପସ୍ଥିତ ଥିଲେ।

## +୨ କଳା ପରୀକ୍ଷାରେ ଛାତ୍ରୀ ସୂର୍ଯ୍ୟମଣି ବେହେରା ବୁଗୁଡ଼ା ବ୍ଲକ ଟପ୍ପର

ବୁଗୁଡ଼ା ): ଚଳିତ ବର୍ଷର +୨ କଳାର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ମାଣିତରା କଲେଜର ଛାତ୍ରୀ ସୂର୍ଯ୍ୟମଣି ବେହେରା ସର୍ବାଧିକ ୫୨୩ ନମ୍ବର ରଖି ବୁଗୁଡ଼ା ବ୍ଲକ ଟର୍ପ ରୂପେ ବିବେଚିତ ହୋଇଛନ୍ତି । ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଅବସ୍ଥିତ ୬ଟି କଲେଜର +୨ କଳାରେ ପରୀକ୍ଷା ଦେଇଥିବା



ମୋଟ ୧୦୨୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୩୧ ଜଣ ପାସ୍ ଏବଂ ୯୨ ଜଣ ଫେଲ୍ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୪୨୪ , ଦ୍ୱିତୀୟ ଶ୍ରେଣୀରେ ୨୧୨ ଓ ତୃତୀୟ ଶ୍ରେଣୀରେ ୨୯୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଗୁଡା ପିପୁଲ୍ସ କଲେଜର ୨୫୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୮, ଦ୍ୱିତୀୟ ଶ୍ରେଣୀରେ ୫୧ ଓ ତୃତୀୟ ଶ୍ରେଣୀରେ ୭୨ ଜଣ ପାସ୍ କରିଥିବା ବେଳେ ୨୦ ଜଣ ଫେଲ୍ ହୋଇଛନ୍ତି । ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୧ , ଦ୍ୱିତୀୟ ଶ୍ରେଣୀରେ ୩୪ ଓ ତୃତୀୟ ଶ୍ରେଣୀରେ ୫୧ ଜଣ ପାସ୍ କରିଥିବା ବେଳେ ୨୯ ଜଣ ଫେଲ୍ ହୋଇଛନ୍ତି । ବାଲିପଦର କଲେଜର ୨୮୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୧୪ , ଦ୍ୱିତୀୟ ଶ୍ରେଣୀରେ ୫୮ ଓ ତୃତୀୟ ଶ୍ରେଣୀରେ ୮୦ ଜଣ ପାସ୍ କରିଥିବା ବେଳେ ୩୭ ଜଣ ଫେଲ୍ ହୋଇଛନ୍ତି। ମାଣିତରା କଲେଜର ୧୬୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୫ , ଦ୍ୱିତୀୟ ଶ୍ରେଣୀରେ ୩୮ ଓ ତୃତୀୟ ଶ୍ରେଣୀରେ ୨୯ ଜଣ ପାସ୍ କରିଥିବା ବେଳେ ୨ ଜଣ ଫେଲ୍ ହୋଇଛନ୍ତି। ବାଲୁଙ୍କେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨ , ଦ୍ୱିତୀୟ ଶ୍ରେଣୀରେ ୧୧ ଓ ତୃତୀୟ ଶ୍ରେଣୀରେ ୫୧ ଜଣ ପାସ୍ କରିଥିବା ବେଳେ ୪ ଜଣ ଫେଲ୍ କରିଛନ୍ତି। ଅହଲ୍ୟାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪ , ଦ୍ୱିତୀୟ ଶ୍ରେଣୀରେ ୨୦ ଓ ତୃତୀୟ ଶ୍ରେଣୀରେ ୧୨ ପାସ୍ କରିଥିବା ବେଳେ ପାସ୍ ହାର ଶତ ପ୍ରତିଶତ ରହିଛି । ତେବେ ଚଳିତ ବର୍ଷ +୨ କଳା ପରୀକ୍ଷାରେ ବୁଗୁଡ଼ା ବ୍ଲକର ପାସ୍ ହାର ୯୧% ରହିଥିବା ଜଣାଯାଇଛି ।

## ବନ୍ୟା ଉପରେ ବନ୍ୟା ସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ଦାବି

ନବରଙ୍ଗପୁର : ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନବରଙ୍ଗପୁର ଜିଲ୍ଲା କଷାଗୁମୁଡ଼ା ବ୍ଲକ ଠାରେ। କଷାଗୁମୁଡ଼ା ବ୍ଲକ କୁ ଦେଇ ପ୍ରବାହିତ ହେଉଛି ଦୁଇ ଦୁଇ ଟି ନଦୀ ଓ ଏହି ନଦୀ ଗୁଡିକ ଅନେକ ଗ୍ରାମ କୁ ଲାଗି ପ୍ରଭାହିତ ହେଉଛି। ବ୍ଲକ ରେ ପ୍ରତ୍ୟେକ ବର୍ଷ ବର୍ଷା ଦିନ ଆସିଲେ ସମସ୍ତଙ୍କ ମନରେ ବନ୍ୟା କୁ ନେଇ ଭୟ ସୃଷ୍ଟି ହୋଇଥାଏ। ନଦୀ ପାଖ ରେ ଥିବା ଗ୍ରାମ ରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇ ବର୍ଷା ଚାରିମାସ କେମିତି କାଟି ବେ ତାହା ବଡ ପ୍ରଶ୍ନ ସୃଷ୍ଟି କରିଥାଏ। କାରଣ ବର୍ଷା ଦିନ ଆସିଲେ ଦୁଇଟି ନଦୀ ର ରୁପ ରେଖା ବଦଳି ଯାଇଥାଏ। ଏପଟେ ଭାସ୍କେଲ୍ ନଦୀ ତ ସେପଟେ ଇନ୍ଦ୍ରାବତୀ ନଦୀ। ଦୁଇ ନଦୀ ବର୍ଷା ଆସିଲେ ଅଞ୍ଚଳ ବାସୀଙ୍କୁ ହନ୍ତ ସନ୍ତ କରୁଛି ପ୍ରତ୍ୟେକ ବର୍ଷ ବନ୍ୟା ର ରୁପ ନେଇ ଜନଜୀବନ ନଷ୍ଟ କରୁଛି। ହଜାର ହଜାର ହେକ୍ଟର ଯୋମୀ ପାଣି ରେ ବୁଡ଼ି ଫସଲ ମଧ୍ୟ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ବନ୍ୟା ଆସିଲେ ପ୍ରଶାସନ ପକ୍ଷରୁ ଗ୍ରାମ ଗ୍ରାମ କୁ ଯାଇ ରିଲିଫ ପ୍ରଦାନ କରାଯାଉଛି। ମେଡିକାଲ ଟିମ୍ ପହଞ୍ଚି ଲକଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିଷୟରେ ମଧ୍ୟ ଧ୍ୟାନ ରଖୁଛନ୍ତି। ଶୁଖିଲା ଖାଦ୍ୟ ରନ୍ଧା ଖାଦ୍ୟ ମଧ୍ୟ ବନ୍ୟା ପୀଡ଼ିତ ପରିବାର କୁ ବଣ୍ଟନ କରାଯାଉଛି ଯାହାକୁ ନେଇ ଅଞ୍ଚଳ ରେ ଖୁବ୍ ପ୍ରଶଂସା ମଧ୍ୟ କରୁଥିବା ଦେଖିବାକୁ ମିଳୁଛି। ହେଲେ ସରକାର ତରଫରୁ ବହୁତ୍ ବଢିଆ କାର୍ଯ୍ୟ ହେଉଛି । କିନ୍ତୁ ବାରମ୍ବାର ପ୍ରତ୍ୟେକ ବର୍ଷ ବନ୍ୟା ଆସିଲେ ବନ୍ୟା ପୀଡ଼ିତ ପରିବାରମାନଙ୍କୁ ସରକାରୀ ବିଦ୍ୟାଳୟ ମାନଙ୍କୁ ଅସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳୀ ଭାବରେ ବ୍ୟବହାର କରାଯାଏ। ଯାହାକୁ ନେଇ ଏବେ ଅନେକ ବନ୍ୟା ପୀଡ଼ିତ ଗ୍ରାମ ଗୁଡିକରେ ଅସନ୍ତସ ଦେଖିବାକୁ ମିଳୁଛି। ବନ୍ୟା ପୀଡ଼ିତ ଗ୍ରାମବାସି ମାନେ ବାରମ୍ବାର ସ୍ଥାୟୀ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରିବାକୁ ପ୍ରଶାସନ ଆଗରେ ଗୁହାରି କରୁଛନ୍ତି। କିନ୍ତୁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ନବରଙ୍ଗପୁର ସାଂସଦ ବା ନବରଙ୍ଗପୁର ବିଧାୟକ କେବଳ ଭୋଟ ପାଇ ସେହି ଗ୍ରାମ ଗୁଡ଼ିକୁ ଗସ୍ତ କରନ୍ତି କିନ୍ତୁ ଭୋଟ ସରିଲା ପରେ ଆଉ କେବେ ତାଙ୍କୁ ପଚାରନ୍ତି ନାହିଁ ବା କେବେ ଆମ ନିକଟ କୁ ଆସନ୍ତି ମଧ୍ୟ ନାହିଁ ବୋଲି ଅଞ୍ଚବାସୀଙ୍କ ପ୍ରତିକ୍ରିୟା ସାମ୍ନା କୁ ଆସୁଛି। ଜିଲ୍ଲା ପ୍ରଶାସନ ମଧ୍ୟ ଏହି ଦିଗରେ ଧ୍ୟାନ ଦେଉନାହାନ୍ତି ବୋଲି ଲୋକଙ୍କ ମତ ପ୍ରକାଶ ପାଉଛି। ପ୍ରତ୍ୟେକ ବର୍ଷ ବନ୍ୟା ଆସିଲେ ମଧ୍ୟ କଣ ପାଇ ପ୍ରଶାସନ ବନ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରୁ ନାହି ତାହା ଏବେ ସମସ୍ତ ଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। କଣ ଜାଣି ଶୁଣି କଷାଗୁମୁଡ଼ା ବ୍ଲକ କୁ ଅଣ ଦେଖା କରାଯାଉଛି କି ବୋଲି ବିରୋଧୀ ଦଳ ର ନେତା ମାନେ ମଧ୍ୟ ରାଜ୍ୟ ସରକାର ଙ୍କୁ ନିନ୍ଦା କରୁଥିବା ଦେଖିବାକୁ ମିଳୁଛି।

## ବିରିଡି ବ୍ଲକରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର




ଜଗତସିଂହପୁର : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିରିଡି ବ୍ଲକ କାର୍ଯ୍ୟାଳୟରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟୱାରି ଜନ ସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ ୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ଟି ଅଭିଯୋଗ ଏବଂ ୪ଟି ଗ୍ରାମ୍ୟ ଓ ଗୋଷ୍ଠିଗତ ସମସ୍ୟା ସମ୍ପର୍କୀୟ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ନିମନ୍ତେ ୧୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୮ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି,ଭତ୍ତା ସମ୍ପର୍କୀୟ ୨ଟି ଏବଂ ଅନ୍ୟାନ୍ୟ ୧୫ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା, ଉପ ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ବିରିଡି ପଞ୍ଚାୟତ ସମିତି ଅଧ୍ୟକ୍ଷ ମମତା ପାତ୍ର, ଉପାଧ୍ୟକ୍ଷା ପିନାକ୍ଷୀ ପ୍ରିୟଦର୍ଶୀନୀ, ବିଡିଓ ହେମନ୍ତ କୁମାର ମହନ୍ତ, ଜିଲ୍ଲା ସ୍ତରୀୟ ଅଧୀକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

## ସମୁଦ୍ରରେ ଭାସି ଯାଇ ପର୍ଯ୍ୟଟକ ମୃତ

ପୁରୀ : ପୁରୀ ସମୁଦ୍ରରେ ସ୍ନାନ ବେଳେ ଅଘଟଣ। ଗଭୀର ସମୁଦ୍ରରେ ଭାସି ମୃତ୍ୟୁ ବରଣ କଲେ ପର୍ଯ୍ୟଟକ। ମୃତ ପର୍ଯ୍ୟଟକ ଜଣକ ହେଉଛନ୍ତି । ଛତିଶଗଡ ରାୟଗଡ଼ ଅଞ୍ଚଳର ମିନାକ୍ଷୀ ନାୟକ। ସମୁଦ୍ର କୂଳ ସେକ୍ଟର ୧ ନଂ ରେ ମିନାକ୍ଷୀ ତାଙ୍କର ସାଙ୍ଗଙ୍କ ସହ ସମୁଦ୍ରରେ ସ୍ନାନ କରୁଥିବା ବେଳେ ଗଭୀର ସମୁଦ୍ର ଭିତରକୁ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ଓ ଅଗ୍ନିଶମ ବିଭାଗ କର୍ମଚାରୀ ବହୁତ ଖୋଜାଖୋଜି କରିବା ପରେ ବ୍ଲୁଫ୍ଲାଗ୍ ସମୁଦ୍ରରୁ ତାଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ମିନାକ୍ଷୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

## ନିରାକାରପୁର ସାମ୍ବାଦିକ ସଂଘ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଶୋଭାଯାତ୍ରା

ନିରାକାରପୁର : ସାରାଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦ କି ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଆଜି ଖୋର୍ଧାଜିଲ୍ଲା ନିରାକାରପୁର ସାମ୍ବାଦିକ ସଂଘ ଏବଂ ବାଲୁଗାଁ ଶାଳୀଆ ପ୍ରେସ କ୍ଲବ ମିଳିତ ଆନୁକୂଲ୍ୟରେ ପାଳନ କରାଯାଇଛି ଅମୃତ ମହୋତ୍ସବ ରାଲି । ।ପ୍ରଥମେ ନିରାକାରପୁର ସାମ୍ବାଦିକ ସଂଘ ପକ୍ଷରୁ ସଭାପତି ଦୀପକ ପ୍ରଧାନଙ୍କ ନେତୃତ୍ୱରେ ସାମ୍ବାଦିକମାନେ ନିରାକାରପୁର ଶ୍ରୀରାମ ମନ୍ଦିର ପରିସରରୁ ବାଣପୁର ଅଭିମୁଖେ ଏକ ବାଇକ ଶୋଭାଯାତ୍ରାରେ ବାହାରିଥିଲା। ନିରାକାରପୁର ଠାରେ ଟାଙ୍ଗି ବନବିଭାଗ ରେଞ୍ଜର ଦେବାଶିଷ ଭୋଇ ପ୍ରଥମେ ରାମ ମନ୍ଦିର ଠାରେ ବୃକ୍ଷ ରୋପଣ କରି ଜାତୀୟ ପତାକା ଦେଖାଇ ବାଇକ୍ ରାଲି ଶୁଭାରମ୍ଭ କରିଥିଲେ। ଟାଙ୍ଗି ଥାନା ନିରୀକ୍ଷକ ଦିଗବିଜୟ ବିଶ୍ୱାଳ ଟାଙ୍ଗି ଥାନା ଠାରେ ଜାତୀୟ ପତାକା ଦେଖାଇ ସ୍ୱାଗତ କରିଥିଲେ। ପରେ ବାଲୁଗାଁ ରେ ପହଂଚିବା ପରେ ଶାଳିଆ ପ୍ରେସ କ୍ଲବ ପକ୍ଷରୁ ଏହି ରାଲିକୁ ସ୍ୱାଗତ କରାଯାଇଥିଲା।



ଶାଳିଆ ପ୍ରେସ କ୍ଲବ ସଭାପତି ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ଏହି ଅବସରରେ ନିରାକାର ପୁର ସାମ୍ବାଦିକ ସଂଘ ସହିତ ସାମିଲ ହୋଇ ଶାଳିଆ ପ୍ରେସ କ୍ଲବ ବାଇକ ଶୋଭାଯାତ୍ରାରେ ଅଜାଦି ମହୋତ୍ସବର ନାରା ଦେଇ ବାଲୁଗାଁ ଓ ବାଣପୁର ନଗର ପରିକ୍ରମା କରିବା ସହ ମା ଭଗବତୀ ମନ୍ଦିର ଦର୍ଶନ କରି ଶୋଭାଯାତ୍ରା ସମାପନ କରିଥିଲେ। ପରେ ସେଠାରୁ ବଡ଼କୁଳ ରାମେଶ୍ୱର ମନ୍ଦିରରେ ସମସ୍ତ ସାମ୍ବାଦିକ ବନ୍ଧୁ ମାନେ ପହ ଏକ ସଭା ଅନୁଷ୍ଠିତ କରାଯାଇଥିଲା। ଉକ୍ତ ସଭାରେ ବାଲୁଗାଁ ଅଶୋକନଗରର ଆନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣ ପଦକଧାରୀ କ୍ରିଷ୍ଣା ଶିକାରୀଙ୍କୁ ଉଭୟ ସଂଘ ତରଫରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଅବାଧରେ ଚାଲିଛି ବାଲି ଚୋରା ଚାଲାଣ, ପ୍ରଶାସନର ନିଘା ନାହିଁ

ଖଡ଼ିଆଳ : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଦେଇ ପ୍ରବାହିତ ହୋଇଥିବା ସୁନ୍ଦର ନଦୀର ଖୁଦପେଜ ଗ୍ରାମ ଠାରୁ ଠାରୁ ତୁକୁଲା ଗ୍ରାମ ମଧ୍ୟରେ ଅନେକ ସ୍ଥାନରେ ଖଡ଼ିଆଳ ତହସିଲ ଅଧୀନରେ ସରକାରୀ ସ୍ୱୀକୃତି ପ୍ରାପ୍ତ ବାଲି ଘାଟ ଗୁଡିକ ରହି ଅଛି ହେଲେ ସେହି ବାଲି ଘାଟ ଗୁଡିକ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ନିଲାମ ହୋଇ ନ ଥିବାରୁ ଅବାଧରେ ବାଲି ଚୋରା ଚଲାଣ ହେଉଥିବା ଅଭିଯୋଗ ହେଉଛି ନିଲାମ ହୋଇ ନ ଥିବାରୁ ଅସାଧୁ ବାଲି ବ୍ୟବସାୟୀ ମାନେ ଅବାଧରେ ବାଲି ଚୋରା ଚାଲାଣ କରି ମାଲେମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ବେଳେ ବାଲି ବ୍ୟବସାୟୀ ମାନେ ବାଲିକୁ ଚଢ଼ା ଦରରେ ବିକ୍ରି କରୁଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ପ୍ରତି ଟ୍ରାକ୍ଟର ପିଛା ୨୫୦୦ ରୁ ୩୦୦୦ଟଙ୍କାରେ ଚୋରାରେ ବାଲି ବିକ୍ରି



ହେଉଥିବାରୁ ଗରିବ ଲୋକମାନେ ବାଲି କିଣି ସରକାରଙ୍କ ଠାରୁ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଆଦି ଯୋଜନାରେ ସାମିଲ ହୋଇ ମଧ୍ୟ ଘର ଖଣ୍ଡିଏ ତିଆରି କରିବାକୁ ସେମାନଙ୍କ ପକ୍ଷେ କଷ୍ଟକର ହୋଇ ପଡୁଛି। ଅନ୍ୟ ପକ୍ଷରେ ପ୍ରଶାସନ ଶୀଘ୍ର ଆବାସ ଗୃହ ନିର୍ମାଣ କରିବାକୁ ଚାପ ପକାଉଛନ୍ତି । ବର୍ତ୍ତମାନ ଖଡ଼ିଆଳ ସହରରେ କିଛି ବାଲି ବ୍ୟବସାୟୀ ଦେଖାଣିଆ ଭାବରେ ଗୋଟିଏ ଦୁଇଟି ହାଇୱା ର ରାୟଲଟି ଦେଇ ବାଲି ଆଣି ରଖି ପରେ ଉକ୍ତ ବାଲିକୁ ୪/୫ ଟ୍ରାକଟର ଭର୍ତ୍ତି କରି ଚଢା ଦରରେ ବିକ୍ରି କରୁ ଥିବା ସାଧାରଣରେ ଅଭିଯୋଗ ହେଉଛି । ଏହା ସହ କିଛି ବାଲି ବ୍ୟବସାୟୀମାନେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି ନିଲାମ ହୋଇ ନ ଥିବା ସୁନ୍ଦର ନଦୀର ବିଭିନ୍ନ ବାଲି ଘାଟରୁ ରାତ୍ରିରେ ବାଲି ଚୋରି ଆଣି କିଛି ନିର୍ଦ୍ଦିଷ୍ଟ ଯାଗାରେ ଜମା କରି ରଖୁ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି ସୁନ୍ଦର ନଦୀର ବିଭିନ୍ନ ବାଲି ଘାଟରୁ ଦିନ ଓ ରାତ୍ରିରେ ଶହ ଶହ ହାଇୱା ଓ ଟ୍ରାକଟର ରେ ବାଲି ଚୋରା ଚାଲାଣ କରାଯାଉଥିବା ବେଳେ କେବଳ ଲୋକ ଦେଖାଣିଆ ଭାବରେ ସ୍ଥାନୀୟ ପ୍ରଶାସନ ସପ୍ତାହକୁ ଗୋଟିଏ କି ଦୁଇଟି ଟ୍ରାକଟର /ହାଇୱା କୁ ଧରି ଜରିମାନା ଆଦାୟ କରି ନିରବ ରହୁଛନ୍ତି । ପ୍ରଶାସନର ଏହି ନୀରବତା ନେଇ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରୁଛି । ଅନ୍ୟ ପକ୍ଷରେ ଖଡ଼ିଆଳ ସହରର ଅନେକ ସ୍ଥାନରେ ଓ ସୁନ୍ଦର ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମ ନିକଟରେ ବାଲି ବ୍ୟବସାୟୀ ମାନେ ଟ୍ରିପ ଟ୍ରିପ ବାଲି ରଖି ଚଢା ଦରରେ ବାଲି ବିକ୍ରି କରୁ ଥିବା ଅଭିଯୋଗ ହେଉଛି । ବିଶେଷ ସୂତ୍ରରୁ ଜଣା ପଡିଛି ଯେ ବିଗତ ବର୍ଷ ମାନଙ୍କରେ ସୁନ୍ଦର ନଦୀର ବାଲିଘାଟ ନିଲାମ ନେଇଥିବା ଠିକାଦାର ମାନେ ନିର୍ଦ୍ଧାରିତ ଦର ଠାରୁ ଅଧିକ ଟଙ୍କା ରାଜସ୍ୱ ବିଭାଗକୁ ପୈଠ କରି ନ ଥିବା ବେଳେ ନଦିଘାଟରୁ ଯେତିକି ବାଲି ଉଠାଇବାର ନିୟମ ରହିଛି ତାଠାରୁ ବହୁତ ଅଧିକ ବାଲି ଉଠାଇଛନ୍ତି । ଫଳରେ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ବାଲି ଚୋରା ଚାଲାଣ କରୁଥିବା ବ୍ୟବସାୟିଙ୍କୁ ସହଯୋଗ କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ଏନେଇ ଖଡ଼ିଆଳ ତହସିଲଦାର ସିନ୍ଧୁସୁତା ପାତ୍ରଙ୍କୁ ପଚାରିବାରୁ ବାଲିଘାଟ ନିଲାମ ପାଇଁ କିଛି ଦିନ ତଳେ ବିଜ୍ଞପ୍ତି ବାହାରିଥିଲା ଏବଂ ଏହିଁ ନିଲାମର ଘୋଷଣା ଚଳିତ ମାସ ରେ ପ୍ରକାଶ କରାଯିବ ଏବଂ ଆହୁରି ବାକି ଥିବା ବାଲି ଘାଟ ର ନିଲାମ ଖୁବ ଶୀଘ୍ର କରାଯିବ ବୋଲି ସୂଚନା ଦେଇଛନ୍ତି ଏବଂ ବାଲି ଚୋରା ଚାଲାଣ ହେଉଥିବା ବିଷୟରେ ପଚାରିବାରୁ ଚୋରା ବାଲି ନେଉଥିବା ଗାଡ଼ି ଗୁଡ଼ିକ ଉପରେ ଚଢ଼ାଉ କରାଯାଉଛି ଏବଂ ଜରିମାନା ଆଦାୟ କରାଯାଉଥିବା ସୂଚନା ଦେଇଥିଲେ ଜିଲ୍ଲା ପ୍ରଶାସନ ବାଲି ଚୋରା ଚାଲାଣ ହେଉଥିବା ଉପରେ ଲଗାମ ଲଗାଇବା ସହ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ବିଭିନ୍ନ ଦାବି ଓ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ

ଭଦ୍ରକ, ୧୨/୮(ନି.ପ୍ର): ଭଦ୍ରକ ସଂସଦୀୟ କ୍ଷେତ୍ରର ଓଡ଼ିଶା କୋଷ୍ଟ କେନାଲର ପୁନରୁଦ୍ଧାର, ସାଗରତଟ ସମୃଦ୍ଧି ଯୋଜନାରେ ଉପକୂଳ ଅଂଚଳର ଭିିତ୍ତିଭୂମି ପ୍ରତିଷ୍ଠା, ଧାମରାଠାରେ ଲାଇଟ୍ ହାଉସ, ଚାନ୍ଦବାଲି ଠାରେ ନାବିକ ପ୍ରଶିକ୍ଷଣ କେନ୍ଦ୍ରର ଡିଜି ସିପିଂଙ୍କ ଅନୁମୋଦନ ଓ ଚୂଡ଼ାମଣିଠାରେ ବନ୍ଦର ଓ ଲାଇଟ୍ ହାଉସ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ ସଂସଦୀୟ କାର୍ଯ୍ୟାଳୟ ଠାରେ ଭଦ୍ରକର ସାଂସଦ ମଂଜୁଲତା ମଣ୍ଡଳ ଲିଖିତ ପତ୍ର ସହିତ ସାକ୍ଷାତ୍ କରି ଦାବି ରଖିଛନ୍ତି। ଅନ୍ତର୍ଦ୍ଦେଶୀୟ ଜଳପଥର ବିକାଶ ପାଇଁ ଭାରତ ସରକାର ଜାତୀୟ ଜଳପଥ ଅଧିନିୟମ, ୨୦୧୬ ପ୍ରଣୟନ କରିଛନ୍ତି। ଯେଉଁଥିରେ ୧୧୧ ଗୋଟି ଜଳପଥକୁ ଜାତୀୟ ଜଳପଥ ଭାବରେ ଘୋଷଣା କରାଯାଇଛି। ତନ୍ମଧ୍ୟରୁ ଛଅଗୋଟି ଜଳପଥ ଓଡ଼ିଶାରେ ଅବସ୍ଥିତ। ୨୦୦୮ ମସିହାରେ ଓଡ଼ିଶାର ପ୍ରାୟ ୫୮୮ କିଲୋମିଟର ପରିବ୍ୟାପ୍ତ ତାଳଚେର ଠାରୁ ଧାମରା ପର୍ଯ୍ୟନ୍ତ ବିସ୍ତାରିତ ନଦୀ ପ୍ରଣାଳୀ ଯଥା ବ୍ରାହ୍ମଣୀ-ଖରସୁଆ-ମନ୍ତେଇ ଓ କୋଷ୍ଟ କେନାଲ, ଗୋଏନ ଖାଲିରୁ ଚାରବାଟିଆ ପର୍ଯ୍ୟନ୍ତ ବିସ୍ତାରିତ ପୂର୍ବତନ କେନାଲ, ଚାରବାଟିଆରୁ ଧାମରା ପର୍ଯ୍ୟନ୍ତ ବିସ୍ତୃତ ମନ୍ତେଇ ନଦୀ ଏବଂ ମହାନଦୀର ତ୍ରିକୋଣ ଭୂମିକୁ ଜାତୀୟ ଜଳପଥ-୫ ଭାବେ ଘୋଷଣା କରିଥିଲେ। ତା ୩୦.୦୬.୨୦୧୪ ରିଖରେ ପଙ୍କପାଳରୁ ଧାମରା (୨୦୧ କିମି) ଏବଂ ପାରାଦ୍ୱୀପ ବନ୍ଦର (୧୩୧ କିମି) ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟର ବିକାଶ ପାଇଁ ଭାରତୀୟ ଅନ୍ତର୍ଦ୍ଦେଶୀୟ ଜଳପଥ ପ୍ରାଧିକରଣ, ଓଡ଼ିଶା ସରକାର, ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ଏବଂ ଧାମରା ପୋର୍ଟ କଂପାନୀ ଲିମିଟେଡ୍ ମଧ୍ୟରେ ବୁଝାମଣା ପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଜାତୀୟ ଜଳପଥ ୫ ର ଅନ୍ୟ ସ୍ଥାନରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ସ୍ଥଳେ ଓଡ଼ିଶା କୋଷ୍ଟ କେନାଲର କୌଣସି କାର୍ଯ୍ୟ ଆରମ୍ଭ ହେଉନଥିବାରୁ ସାଂସଦ ଶ୍ରୀମତୀ ମଣ୍ଡଳ କେନ୍ଦ୍ର ଜଳପଥ ମନ୍ତ୍ରୀ ଶ୍ରୀ ସୋନୋୱାଲଙ୍କ ନିକଟରେ ଦୃଢ ଦାବୀ ରଖିଛନ୍ତି। ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ପରିଚୟ ବହନ କରିଥିବା କୋଷ୍ଟ କେନାଲ ଏବେ ରକ୍ଷଣାବେକ୍ଷଣ ଅଭାବରୁ ସ୍ଥିତି ହରାଇ ବସିଛି। ଏହି କୋଷ୍ଟ କେନାଲ ଦିନେ ଓଡ଼ିଶାର ନୌବାଣିଜ୍ୟ, ଗମନାଗମନ, ପାନୀୟ ଜଳ, ଜଳସେଚନ, ମଧୁର ଜଳ ସଂରକ୍ଷଣ ଓ ଜଳ ନିଷ୍କାସନ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲା।



କାଳକ୍ରମେ ଏହା ପୋତି ହୋଇ ନଷ୍ଟ ହୋଇଯାଇଛି। ଦିନ ଥିଲା ଏହି କୋଷ୍ଟକେନାଲରୁ ଜଳସେଚନ କରାଯାଇ କୃଷିକ୍ଷେତ୍ରକୁ ଶସ୍ୟଶ୍ୟାମଳା କରାଯାଉଥିଲା। ଏହି କେନାଲ ଜଳକୁ କୃଷିକ୍ଷେତ୍ରରେ ଅଧିକ ବିନିଯୋଗ ଲାଗି ଉଭୟ ପାର୍ଶ୍ୱରେ ପବନ ଚାଳିତ ପାଣିପମ୍ପ କାର୍ଯ୍ୟକାରୀ କରାଯାଉଥିଲା। ସେସବୁ ଏବେ ଅଚଳ ହୋଇପଡିଛି। କୃଷି ଏବଂ ବାଣିଜ୍ୟ ବ୍ୟବସାୟରେ ବ୍ୟବହୃତ ହେଉଥିବା ଏହି କୋଷ୍ଟକେନାଲ ଲୋକମାନଙ୍କର ମୁଖ୍ୟ ପଥ ଥିଲା। ୧୮୬୬ ରେ ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସ୍ଥିତିକୁ ନଜରରେ ରଖି ଇଂରେଜ ସରକାର ୧୮୮୦ ରେ ଓଡ଼ିଶା କୋଷ୍ଟକେନାଲ ଖନନ ହୋଇ ୧୮୮୫ ରେ ଶେଷ ହୋଇଥିଲା। ବାଣିଜ୍ୟ ବ୍ୟବସାୟ ବ୍ରିଟିଶ କଂପାନୀଗୁଡିକ ଲାଗି ଜଳପଥ ହିଁ ସେତେବେଳେ ସୁଗମ ହୋଇଥିଲା। ଇଷ୍ଟଇଣ୍ଡିଆ କଂପାନୀ କଲିକତାରେ ବାଣିଜ୍ୟ ବ୍ୟବସାୟର ସାମ୍ରାଜ୍ୟ ବିଛାଇଥିଲେ ମଧ ଉତ୍କଳ ନୌବାଣିଜ୍ୟ ଉପରେ ନଜର ରହିଥିଲା। ଏଥିପାଇଁ ପଶ୍ଚିମବଙ୍ଗ ଗଙ୍ଗାନଦୀ ଗେଉଆଁଖାଲିରୁ କୋଷ୍ଟ କେନାଲ ଖନନ ଆରମ୍ଭ ହୋଇ କଟକ ପର୍ଯ୍ୟନ୍ତ ଲମ୍ବିଥିବା ଐତିହାସିକ ତଥ୍ୟରୁ ଜଣାପଡେ। ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ନସରାବାଦରୁ ଏହି କୋଷ୍ଟ କେନାଲ ୨୧୪ କିମି ବ୍ୟାପ୍ତ ଭଦ୍ରକ ସଂସଦୀୟ କ୍ଷେତ୍ରର ସୋରୋ, ସିମୁଳିଆ, ବାସୁଦେବପୁର,ଚାନ୍ଦବାଲି ସହ ଯାଜପୁର ଓ କଟକ ଜିଲାର ନଦୀପଥକୁ ସଂଯୋଗ କରାଯାଇଛି। ଓଡ଼ିଶା ସହିତ ପଶ୍ଚିମବଙ୍ଗ କଲିକତା ସହରରୁ କମ୍ ଖର୍ଚ୍ଚରେ ମାଲ ପରିବହନ ଓ ଗମନାଗମନ ଦୃଷ୍ଟିରୁ ଏହାର ଗୁରୁତ୍ୱ ଅଧିକ ଥିଲା। ନୌବାଣିଜ୍ୟର ସୁବିଧା ସୁଯୋଗ ଥିବାରୁ ଓଡ଼ିଶରେ ନଦୀକୂଳ ସହରଗୁଡିକର ଶିଳ୍ପ କଳକାରଖାନାର ମୂଳଦୁଆ ଭିତ୍ତିଭୂମି ଗଢିଉଠିଥିଲା। ଅପରପକ୍ଷରେ ଦେଶ ସ୍ୱାଧୀନ ହେବା ପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି କୋଷ୍ଟ କେନାଲର ରକ୍ଷଣାବେକ୍ଷଣ ପାଇଁ ଦୃଷ୍ଟି ଦେଉନଥିବାରୁ କେନାଲ ପୋତିହୋଇ ସ୍ଥିତି ହରାଇ ବସିଛି। ଏହାର ପୁନରୁଦ୍ଧାର ହେଲେ ଏହା ଓଡ଼ିଶାର ଅର୍ଥନୈତିକ ବିକାଶରେ ସହାୟକ ହେବା ସହିତ ବାଣିଜ୍ୟ କ୍ଷେତ୍ରରେ ଭିିତ୍ତିଭୂମିର ବିକାଶ, ଭଦ୍ରକ ସଂସଦୀୟ କ୍ଷେତ୍ରରେ ଉପକୂଳ ଅଂଚଳର ଶିକ୍ଷିତ ଓ ବେକାର ଯୁବକ-ଯୁବତୀଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି, ଧାମରା ବନ୍ଦରକୁ କମ୍ ଖର୍ଚ୍ଚରେ ଯୋଗାଯୋଗ ସହିତ ଜଳପଥରେ ପରିବହନ ପରିବେଶ ପ୍ରଦୂଷଣକୁ ବହୁ ମାତ୍ରାରେ ରୋକାଯାଇ ପାରିବ ବୋଲି ସାଂସଦ ଶ୍ରୀମତୀ ମଣ୍ଡଳ କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲଙ୍କ ସହିତ ଆଲୋଚନା କରି ନିଜର ମତ ରଖିଥିଲେ। ଏହି ସାକ୍ଷାତ୍ ସମୟରେ ଧାମନଗରର ପୂର୍ବତନ ବିଧାୟକ ଶ୍ରୀ ମୁକ୍ତିକାନ୍ତ ମଣ୍ଡଳ ଉପସ୍ଥିତ ଥିଲେ।

# ଅବନୀ ବାବୁ ହେଲେ ସେବାରେ ପାଲଲହାଡ଼ା ବାସୀଙ୍କ ଗୋପବନ୍ଧୁ

ଖମାର :ଆଜି କାଲି ସ୍ୱାର୍ଥପର ଦୁନିଆରେ ନିଜେ ନିଜପାଇଁ ନିଜ ପରିବାର ପାଇଁ ଟାଣିହେଉଥିବା ଦେଖିବାକୁ ମିଳୁଛି । ପର ଦୁଃଖରେ ଦୁଃଖୀ ହେବା , ଅନ୍ୟର କଷ୍ଟ ଲାଘବ ପାଇଁ ନିଜେ ହାତରୁ ଦେଇ ,ଖାଇ ଘୋଡା ଆଗରେ ନାଚିବା ଖୁବ କମ ଲୋକଙ୍କ ଠାରେ ଦେଖିବାକୁ ମିଳେ । କେହି ଅସୁବିଧାରେ ପଡିଲେ ,ଦୃର୍ଘଟଣାରେ ଛଟପଟ ହେଲେ ଆହାତକୁ ମେଡିକାଲ ନେବାପାଇଁ ଅଣ୍ଟାରେ ଧନ ନଥିଲେ ଅବନୀ ବାବୁଙ୍କୁ ଖୋଜାପଡ଼େ । ସେ ଦରଦୀ ବନ୍ଧୁ ,ଅଶହାୟ ର ଆଶାବାଡି ଯେଉଁଠି ଥିଲେ ମଧ ସବୁ କାମଧନ୍ଦା ଛାଡି ତତକ୍ଷଣାତ ଚାଲି ଆସନ୍ତି ପୀଡିତ ,ଆହତ ଗରିବ ଜନତା ପାଖକୁ । ଅବନୀ ଭାଇଙ୍କୁ ଦେଖି ସେ ଗରିବ ପରିବାର ମନରେ ହାତୀ ଟାକର ସାହାସ ,ବଳ ଉଦ୍ୟକ ହୁଏ । ଉପସ୍ଥିତ ଲୋକେ ଦେଖୁ ଦେଖୁ ସାଦରେ ପାଛୋଟି



ନେଇ ଉକ୍ତ ରୋଗୀ, ବାଗି ପୀଡିତ ମୁମୂର୍ଷୁ ଲୋକର ସେବା ଶୁଶ୍ରୁଷା କିପରି ହେବ ତାହା ଅବନୀ ବାବୁ ସ୍ଥିରକରୀ ସୁଦୂର କଟକ ବଡ଼ ମେଡିକାଲ କିମ୍ବା ଭୁବେନେଶ୍ୱର ଘରୋଇ ମେଡିକାଲକୁ ସାଥିରେ ନେଇ କିମ୍ବା ନିଜ ସମାଜସେବୀ ଯୁବଗୋଷ୍ଠିଙ୍କ ସହାୟତାରେ ସେବା ସମ୍ପାଦିତ କରନ୍ତି । କେଉଁ ଗାଁରେ କେଉଁ ସାହିରେ କେଉଁ ଘରେ ବିକଳାଙ୍ଗ ଶିଶୁ କନ୍ୟା ଟି କଷ୍ଟ ଭିଗୁଛି ତାର ରୋଗକଷ୍ଟ ନିଦାନ ପାଇଁ ଆର୍ଥିକ ସହାୟତା ଦେବା ସହିତ ଭଲ ସ୍ପେସିଅଲିଷ୍ଟ ଡାକ୍ତରଙ୍କ ଯୋଗସୂତ୍ର କରାଇ ନିଜ ତତ୍ତ୍ୱାବଧାନରେ ରୋଗୀର ସେବାରେ ଲାଗିପଡିଥିବା ଏଭଳି ଲୋକ ଆଜି ସ୍ୱାର୍ଥପର ଦୁନିଆରେ ଦେଖିବାକୁ ସ୍ୱପ୍ନ । ଅବନୀ ବାବୁ ନିଜ ସାହାଯ୍ୟ, ସହଜୋଗ ଓ ସାମାଜିକ କାର୍ଯ୍ୟକ୍ରମ ପାଇଁ ଜନତାଙ୍କ ଦ୍ୱାରା ଆଦୃତ ହୋଇ ସମାଜସେବୀ ଆଖ୍ୟା ହାସଲ କରିଛନ୍ତି । ଆଜି ସମଲ ଠାରୁ ପବିତ୍ର ନଗର , ଖମାର ଠାରୁ ରେଙ୍ଗାଲି ଓ କଣିହାଁ , ପାଲଲହାଡ଼ା ଠାରୁ ନଗିରା ପର୍ଯ୍ୟନ୍ତ ଘରେ ଘରେ ସମାଜ ସେବୀ ଅବନୀ ଭାଇ ବୋଲି ପରିଚିତ । ଦିନକୁ ଦିନ ତାଙ୍କ ସୁଖ୍ୟାତି ସର୍ବତ ପ୍ରଚାରିତ ହୋଇଗଲା । ଘରପୋଡିକିମ୍ବା ଝଡ଼ ବାତ୍ୟା ରେ ଘର ଭାଙ୍ଗିଗଲା ଖବର ପାଇବା ମାତ୍ରେ ନିଜେ ହେଉ କିମ୍ବା ନିଜ ପିଲା ମାନକୁ ପଠାଇ ପାଲ ଏବଂ ସୁଖା ଖାଦ୍ୟ ଦିଅନ୍ତି ।ନିଜ ଆମ୍ବୁଲାନ୍ସ ରେ ରୋଗୀ କୁ ପଠାନ୍ତି ।ଅର୍ଥ ଅଭାବ ରୁ ପାଠ ନ ପଢୁ ଥିବା ଛୁଆ କିମ୍ବା ଗରିବ ଝିଅ କୁ ବାହାଘର କରିବା ପାଇଁ ସବୁଠିଅବନୀ ବାବୁ ସହଯୋଗର ହାତ ବଢାନ୍ତି ।ସମାଜସେବୀ ଅବନୀ ବାବୁଙ୍କ ସେବା ଏବଂ ସହଯୋଗ ମନୋବୃତିରେ ଅନେକ ବ୍ୟକ୍ତି ଈର୍ଷାନ୍ୱିତ ହେଉଛନ୍ତି । ବିଭିର୍ଣ୍ଣ ଗ୍ରାମର ଯୁବକ ସଙ୍ଘ କ୍ରିକେଟ ଟୁର୍ନାମେଣ୍ଟ ,କେତେବେଳେ ପୂଜାପର୍ବାଣୀ ,ମଲା ମିରକିତିଆ ,ବାହାପୁଆଣି ସବୁଠି ଦେଖିବ ଅବନୀ ଭାଇ । ପାଲଲହାଡ଼ା ରାଜନୀତିପାଇଁ ବର୍ତ୍ତମାନ ଓ ଆଗାମୀ ଦିନର ଆବଶ୍ୟକତା ଘରେ, ଘରେ ଅବନୀ ଭାଇ । ସେବାରେ ହେଉକି ସଭାରେ ହେଉ ସବୁଠି ଲୋଡ଼ା ବିଜେଡି ଯୁବନେତା ସମାଜସେବୀ ଅବନୀ ସାହୁ । ଘରେ ,ଘରେ ବିପଦ ଆପଦରେ ଗରୀବର ବନ୍ଧୁ ଗୋପବନ୍ଧୁଙ୍କ ଭଳି ସେବା ସାହାଯ୍ୟ କରିଆସୁଥିବା ନିଆରା ମଣିଷ ଅବନୀ ଭାଇ ଆଗାମୀ ପାଲଲହାଡ଼ା ଭବିଷ୍ୟତ କହିଲେ ସତ୍ୟର ଅବକାଶ ରହିବ ନାହିଁ ।ମୋଟ ଉପରେ ଅବନୀ ବାବୁ ଯେତିକି ସରଳ ସମାଜସେବାରେ ସେତିକି ସଫଳ ।ଏହି କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଅବନୀ ବାବୁ ତ୍ରିପଲ ଏସ ଫାଉଣ୍ଡେସନ ନାମକ ଅନୁଷ୍ଠାନ ଗଠନ କରିବାର ଯୋଜନା ରଖିଛନ୍ତି ।

# କେରଡା କଳଦ୍ୱୀପ କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକୋତ୍ସବ



ରାଜନଗର ; ରାଜନଗର ବ୍ଲକ କୁରୁଂଟି ପଚାଂୟତ ତିଅରଛକଠାରେ କେରଡା କଳଦ୍ୱୀପ କୃଷକ ଉତ୍ପାଦକ କମ୍ପାନୀର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନିର୍ଦ୍ଦେଶକ ଅମରକୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କୃଷକ ଉତ୍ପାଦକ କମ୍ପାନୀର ରାଜ୍ୟ ପ୍ରକଳ୍ପ ସଂଯୋଜକ ରଂଜନ କୁମାର ରାଉତ, ଲାଲ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ସୁକାନ୍ତକୁମାର ଜେନା, ଜଗତସିଂହପୁର ଜିଲ୍ଲା ସଂଯୋଜିକା କାଦମ୍ବିନୀ ବେହେରା, କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ଅଶୋକକୁମାର ସ୍ୱାଇଁ, ହାତିନା ପଚାଂୟତର ସରଂପଚ ସମୀର ରଂଜନ ସେଠୀ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ କୃଷକ ଉତ୍ପାଦକ କମ୍ପାନୀ ଗଠନ ନେଇ ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କେରଡା କଳଦ୍ୱୀପ କମ୍ପାନୀ ରାଜନଗରର ତିଅର ଛକଠାରେ ଥିବା ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । ସେୟାର ହୋଲ୍ଡରମାନଙ୍କୁ ସେୟାର ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । କମ୍ପାନୀର ନିର୍ଦ୍ଦେଶକ ଓ ପ୍ରମୋଟର ସତ୍ୟବାଦୀ ରାଉତ, ହଳଧର ମୁଦୁଲୀ, ସୁମିତ୍ରା ରାଉତ, ମହେଶ୍ୱର ରାଉତ, ଦଶରଥ ରାଉତ, ରଂଜନ ବେହେରା, ମଦନମୋହନ ରାଉତ ଓ ବାନାମ୍ବର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସାହାସପୁର ମହାବିଦ୍ୟାଳୟର ବିଜ୍ଞାନ ବିଭାଗରେ ଟପ୍ପର ହେଲେ ପାୟଲ ପ୍ରିୟଦର୍ଶନୀ

ବଡ଼ଚଣା(ନି.ପ୍ର) ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟରେ ଚଳିତ +୨ ବିଜ୍ଞାନ ବିଷୟରେ ୧୨୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନମଧ୍ୟରୁ ୫୪ ଜଣ ପ୍ରଥମ ଶ୍ରେଣୀରେ ଉତିର୍ଣ୍ଣ ହୋଇଥିଲା ବେଳେ ୪୦ ଜଣ ଦ୍ୱିତୀୟ ଶ୍ରେଣୀରେ ଉତିର୍ଣ୍ଣ ହୋଇଛନ୍ତି। ୧୮ ଜଣ ଛାତ୍ରଛାତ୍ରୀ ତୃତୀୟ ଶ୍ରେଣୀରେ ଉତିର୍ଣ୍ଣ ହୋଇ କଲେଜର ଗାରିମାକୁ ବଢାଇଛନ୍ତି। ବିଜ୍ଞାନ ବିଭାଗରେ କଲେଜର କୁମାରୀ ପାଏଲପ୍ରିୟଦର୍ଶନୀ ପାତ୍ର ୫୨୮ ନମ୍ବର ରଖି କଲେଜର ଟପର ହୋଇଛନ୍ତି। ଏହି ଛାତ୍ରୀ ଜଣଙ୍କ ଘର ହେଲା ବାଲିଚନ୍ଦ୍ରପୁର ନିକଟସ୍ଥ ନାନପୁର ପଟଣା ଗ୍ରାମର ସ୍ୱର୍ଗତ ବୀର କିଶୋର ପାତ୍ରଙ୍କ କନ୍ୟା ଅଟନ୍ତି। ସେ ଗଣମାଧ୍ୟମଙ୍କୁ ସାକ୍ଷାତକାରରେ ଆଗାମୀ ଦିନରେ ଆହୁରି ଭଲ ପଢିବା ସହିତ ଭବିଷ୍ୟତରେ ଅଧ୍ୟାପିକା ହେବେ ବୋଲି



ଲକ୍ଷ ରଖିଛନ୍ତି। ତାଙ୍କର ଏହି ସଫଳତା ଲାଗି କଲେଜର ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ମହେଶ୍ୱର ଜେନା, ଅଧ୍ୟକ୍ଷ ଦୀଲ୍ଲିପ କୁମାର ସାମଲ, ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପରିଡ଼ା ଓ ଡ଼େମୋନଷ୍ଟ୍ରେଟର ପ୍ରଦୀପ ବିଶ୍ୱାଳ ଅଭିନନ୍ଦନ ସହ ଶୁଭକାମନା ଜଣାଛନ୍ତି।

# ତହସିଲସ୍ତରୀୟ ଜନଶୁଣାଣି ଶିବିରରେ ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ



ବଡ଼ଚଣା : ସୋମବାର ଦିନ ଦର୍ପଣ ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ନିଜେ ଦର୍ପଣ ତହସିଲଦାର ଶ୍ରୀଯୁକ୍ତ ପ୍ରଦୀପ କୁମାର ସେଠୀ ଉପସ୍ଥିତ ରହି ଜଣ ଜଣ କରି ଆସିଥିବା ଜନସାଧାରଣଙ୍କର ଅଭିଯୋଗ ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ଗରଗାଲି ଗ୍ରାମର ମଙ୍ଗରାଜ ପରିଡା ଏବଂ କଇଥା ଗ୍ରାମର ସନ୍ତୋଷ କୁମାର ମହାପାତ୍ରଙ୍କର ଜମିପଟ୍ଟା ମିଳିବାରେ ବିଳମ୍ବ ହୋଇଥିବା ଜାଣି ସଙ୍ଗେ ସଙ୍ଗେ ସେମାନଙ୍କୁ ସ୍ୱହସ୍ତରେ ପଟ୍ଟା ପ୍ରଦାନ କରିଥିଲେ। ସେହିପରି ଆସିଥିବା ଅନେକ ଜନସାଧାରଙ୍କର ସମସ୍ୟାର ତ୍ୱରିତ ସମାଧାନ କରିଥିଲେ। ଏହା ସହ ସମୟ ମିଳିଲେ ପ୍ରତ୍ୟୋକ ଦିନ ଜନଶୁଣାଣି କରି ଲୋକମାନଙ୍କର ସମସ୍ୟାର ସମାଧାନ କରିବେ ବୋଲି ତହସିଲଦାର ଶ୍ରଯୁକ୍ତ ସେଠୀ ପ୍ରତିଶୃତି ଦେଇଥିଲେ।

# ଅରଖକୁଦାରେ ସରକାରୀ ଜମି ଉଚ୍ଛେଦକୁ ନେଇ ତୁମୁଳକାଣ୍ଡ

ବ୍ରହ୍ମଗିର,: ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅରଖକୁଦା ମେରାଇନ ଥାନା ଅରଖକୁଦା ଲକ୍ଷ୍ମୀନାରାୟଣ ସାହିରେ ସରକାରୀ ଜମିକୁ ନେଇ ତୁମୁଳ କାଣ୍ଡ ଘଟିଛି । ସାହିର ଶହ ଶହ ଲୋକେ ୭ ପରିବାରର ଘରଦ୍ୱାର ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି । ସବୁକିଛି ପୁଲିସ ଉପସ୍ଥିତିରେ ଘଟିଥିବା ଜଣାପଡିଛି । ପ୍ରବଳ ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ରହିଛନ୍ତି । ବାସହରା ହୋଇଥିବା ୭ ପରିବାର ଲୋକେ ସାହିରୁ ବାହାରି ଅନ୍ୟତ୍ର ଚାଲି ଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ୍ ଅରଖକୁଦା ମେରାଇନ ଥାନା ଅରଖକୁଦା ଲକ୍ଷ୍ମୀନାରାୟଣ ସାହିର ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଥିବା ସରକାରି ଜାଗାରେ ଲୋକନାଥ ବେହେରାଙ୍କ ସହିତ ୭ ପରିବାର ଦୀର୍ଘ ଦିନ ରହି ଆସୁଛନ୍ତି । ଏହି ସରକାରି ଜାଗାରେ ଗାଁର ଶ୍ମଶାନ ରହିଛି । ଦୀର୍ଘ ଦିନ ହେଲା ରହିଆସୁଥିବା ପରିବାର ଓ ସାହି ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ଏହି ବିବାଦ ସମାଧାନ ପାଇଁ ପୁଲିସ ପ୍ରଶାସନ, ସାହିର ମୁରବୀ ଏବଂ ସରକାରି ଜାଗାରେ ରହୁଥିବା ପରିବାର ମଧ୍ୟରେ ଆଲୋଚନା ହୋଇଥିଲା । ଜାଗା ଚିହ୍ନଟ କରିବା ପରେ ସେଠାରେ ରହୁଥିବା ୭ ପରିବାରଙ୍କୁ କିଛି ଜାଗା ଦେବା ପାଇଁ ସାହି ଲୋକେ ପ୍ରଶାସନ ପାଖରେ ପ୍ରତିଶୃତି ଦେଇଥିଲେ । କିନ୍ତୁ ପ୍ରଥମେ ଜାଗା ଚିହ୍ନଟ ହେବା ସହିତ ଏଠାରେ ଶ୍ମଶାନ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା । ଏହା ସହିତ ଏହି ସରକାରୀ ଜାଗାରେ କଲ୍ୟାଣ ମଣ୍ଡପ ଓ ସରକାରୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆଖି ଆଗରେ ରଖି ସାହି ଲୋକେ ଜାଗା ଚିହ୍ନଟ ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ଘଟଣାର କୌଣସି ସମାଧାନ ନ ହେବାରୁ ଲୋକନାଥ ବେହେରା ଦୁଇ ମାସ ପୂର୍ବେ ଉପଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ । ତୁରନ୍ତ ସରକାରି ଜାଗାକୁ ମାପଚୁପ ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ନିର୍ଦ୍ଦେଶ ବ୍ରହ୍ମଗିରି ତହସିଲକୁ ଆସିଥିଲା । କିନ୍ତୁ ଏହାର ମାପଚୁପ ହୋଇ ପାରି ନ ଥିଲା । ଆଜି ସକାଳୁ ଶତାଧିକ ଲୋକେ ହଠାତ୍ ମିଳିତ ହୋଇ ୭ ପରିବାର ଘରଦ୍ୱାର ଭାଙ୍ଗିବା ଆରମ୍ଭ କରି ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଅରଖକୁଦା ମେରାଇନ ଥାନା ଅଧିକାରିଙ୍କ ସହିତ ଦୁଇ ସେକସନ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଥିଲେ । କିନ୍ତୁ ଲୋକଙ୍କ ସଂଖ୍ୟା ଠାରୁ ପୁଲିସଙ୍କ ସଂଖ୍ୟା ବହୁତ କମ ରହିଥିଲା । ପୁଲିସ କେବଳ ନୀରବଦ୍ରଷ୍ଟା ସାଜିଥିଲା ।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ବଡ଼ଚଣା,: ବଡ଼ଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ବାଲିଚନ୍ଦ୍ରପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷାବର୍ଷ ୨୦୨୨-୨୩ର ଜ୍ଞାନବିଜ୍ଞାନ ମେଳା ଲକ୍ଷ୍ମୀନାରାୟଣ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ୍ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ କୃତିବାସ ରାଉତ ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଉଦଘାଟନି ଉତ୍ସବରେ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି ସାହିତ୍ୟିକ ଡ଼ଃ ବସନ୍ତ କିଶୋର ସାହୁ, ସମ୍ପାଦକ ନାରାୟଣ ଚନ୍ଦ୍ର ପଣ୍ଡା, ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା ନିରଞ୍ଜନ ମହାନ୍ତି, ହିମାଂଶୁ ଶେଖର ବଳ ପ୍ରମୁଖ ଯୋଗଦାନ କରିଥିବା ବେଳେ ଉଦଯାପନି ଉତ୍ସବରେ ମୁଖ୍ୟ ଅତିଥି ମହାଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ଜେନା ଯୋଗଦାନ କରି ଶିଶୁ ମାନେ ବିଜ୍ଞାନ ମନସ୍କ ହେବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ବିଦ୍ୟାମନ୍ଦିରର ପରିଚାଳନା ସମିତି ଉପସଭାପତି ଗୟାଧର ସାହୁ, କୋଷାଧ୍ୟକ୍ଷ ଉତ୍କଳ କୁମାର ବଳସାମନ୍ତ ଯୋଗଦେଇଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ସର୍ବମୋଟ ୫୦୩ ଜଣ ଶିଶୁ ଭାଇ ଭଉଣୀ ବିଭିନ୍ନ ବିଭାଗରେ ପ୍ରତିଯୋଗି ଭାବେ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଏହି ମେଳାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ନିରିକ୍ଷକ ଭାବେ ବିଭିନ୍ନ କଲେଜ ଓ ସ୍କୁଲର ଅଧ୍ୟାପକ ଓ ଶିକ୍ଷକ ମାନେ ଯୋଗଦାନ କରି ପ୍ରତିଯୋଗିମାନଙ୍କ ମେଧା ଆକଳନ କରିଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ବିଦ୍ୟାମନ୍ଦିର ବରିଷ୍ଠ ଆଚାର୍ଯ୍ୟ ଦେବେନ୍ଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ ବିଜ୍ଞାନ ବିଭାଗ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ସାହାସପୁର କଲେଜର ନୂତନ ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ

ବଡ଼ଚଣା: ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଦୀଲ୍ଲିପ କୁମାର ସାମଲ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କିଶୋର ଚନ୍ଦ୍ର ପରିଡ଼ାଙ୍କ ୩୧ ତାରିଖରେ ଅବସର ନେବା ପରେ ପ୍ରଫେସର ସାମଲଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ହସ୍ତାନ୍ତରିତ କରିଛନ୍ତି। ଏଥିଲାଗି କଲେଜର ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ମହେଶ୍ୱର ଜେନା, ପରିଚାଳନା କମିଟି ସଦସ୍ୟ କାଞ୍ଚନବାଳା ମହାନ୍ତି, ଶିକ୍ଷାପ୍ରେମୀ ମନୋଜ କୁମାର ପରିଡ଼ା, ପ୍ରଫେସର ଶ୍ୟାମସୁନ୍ଦର ପଲାଇ, ପ୍ରାଧ୍ୟାପକ ପ୍ରତାପ ରୁଦ୍ର ସ୍ୱାଇଁ, ସଂଗ୍ରାମ ପରିଡ଼ା, ବୀର କିଶୋର ଦାସ, ଚନ୍ଦ୍ର ଶେଖର ରାଉତ, ପ୍ରଦୀପ ବିଶ୍ୱାଳ, ପିବିଏସ ପୃଷ୍ଟି, ଦୁର୍ଗାପ୍ରସାଦ ପରିଡ଼ା, ପରିଚାଳନା କମିଟି ସଭ୍ୟ ତପନ କୁମାର ରାଉତରାୟ, ପ୍ରାକ୍ତନ ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ଅଭିମନ୍ୟୁ ବଳ, ଶ୍ୟାମସୁନ୍ଦର ଦାସ, ଅନିଲ କୁମାର ମହାନ୍ତି, ନିରଞ୍ଜନ ଦାସ, ରାଜେଶ ବିଶ୍ୱାଳ, ପୁରାତନ ଛାତ୍ର ସାମ୍ବାଦିକ ଏକାଦଶୀ ସେଠୀ ଓ କଲେଜର ବିଭିନ୍ନ ବିଭାଗର ଛାତ୍ର ପ୍ରତିନିଧି ମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରଫେସର ସାମଲଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂତନ ଅଧ୍ୟକ୍ଷ ଶ୍ରୀ ସାମଲ ତାଙ୍କ ପ୍ରତିକ୍ରିୟାରେ କଲେଜର ପ୍ରଶାସନିକ, ଶୃଙ୍ଖଳା ଓ ଛାତ୍ରଛାତ୍ରୀଙ୍କ ପାଠପଢା ପ୍ରତି ଅଧିକ ଧାନଦେବେ ବୋଲି ପ୍ରକାଶ କରିଥିଲେ।



# ମଝି ଚିଲିକାରେ ୫୦ ଯାତ୍ରୀଙ୍କ ସହିତ ଫସିଲା ଡଙ୍ଗା

ବ୍ରହ୍ମଗିରି : ଆଜି ଚିଲିକାରେ ଏକ ଯାତ୍ରୀବାହୀ ଡଙ୍ଗା ନିୟନ୍ତ୍ରଣ ହରାଇ ମଝି ଚିଲିକାରେ ଯାତ୍ରୀଙ୍କ ସହିତ ଘଣ୍ଟାଏ ଧରି ଅଟକି ରହିଛି । ଖବର ନେବାରେ ଜଣାପଡିଛି ଆଜି ଅପରାହ୍ନ ୪ଟା ୪୦ ମିନିଟରେ ସାତପଡା ଘାଟରୁ ୫୦ ଜଣ ଯାତ୍ରୀ, ୨୦ଟି ବାଇକ ସହିତ ଏକ ଡଙ୍ଗା ଜହ୍ନିକୁଦା ଘାଟକୁ ବାହାରି ଥିଲା । ଡଙ୍ଗାଟି ୧୦ ମିନିଟ ଯିବା ପରେ ମଝି ଚିଲିକାରେ ଡଙ୍ଗା ଚାଳକ ନିୟନ୍ତ୍ରଣ ହରାଇ ହଠାତ୍ ଏକ କୁଦରେ ଡଙ୍ଗାକୁ ଲଗାଇ ଦେଇଥିଲେ । ଡଙ୍ଗା କୁଦରେ ଲାଗିଯିବା ପରେ ଯାତ୍ରୀଙ୍କ ସହିତ ଡଙ୍ଗା ମଝି ଚିଲିକାରେ ଫସି ରହିଥିଲା ।

Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା